

ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର

▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-195 ◆BHUBANESWAR ◆TUESDAY ◆9 JANUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୯ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦



DADLS-75

ଜୟ ଜଗନ୍ନାଥ

# ଅର୍ପଣ ରଥ

ଓଡ଼ିଶାର ସବୁ ପରିବାରକୁ ନିମନ୍ତ୍ରଣ ରହିଲା
୮,୦୦୦ ଅର୍ପଣ ରଥ ଓଡ଼ିଶାର ସବୁ ପଞ୍ଚାୟତକୁ ଆସୁଛି









ଆସନ୍ତୁ ଗୁଆ ଓ ଚାଉଳ ଅର୍ପଣ କରି ମହାପ୍ରଭୁଙ୍କ ଭବ୍ୟ
ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ସାମିଲ ହେବାର ପରମ ପୁଣ୍ୟ ଅର୍ଜନ କରିବା
ଏବଂ ମହାପ୍ରଭୁଙ୍କ ନିକଟରେ ନିଜକୁ ସମର୍ପଣ କରିବା



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ
ପୌଷ ଶୁକ୍ଳ ସପ୍ତମୀ
୧୭ ଜାନୁଆରୀ ୨୦୨୪



OIPR - 15001/13/0246/2324

**ପ୍ରତିଶ୍ରୁତି ରକ୍ଷାକଲେ ସରକାର**

# ଗାଡ଼ି ଚାଳକଙ୍କ ପରିବାରକୁ ମିଳିଲା ଅନୁକମ୍ପା ରାଶି



**ଭୁବନେଶ୍ୱର, ୮ ।୧(ସମିସ):** ଗାଡ଼ି ଚାଳକମାନଙ୍କୁ ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ରକ୍ଷା କଲେ। ମୃତକ ଗାଡ଼ିଚାଳକଙ୍କ ପରିବାରଙ୍କୁ ସରକାର ଘୋଷଣା ମୁତାବକ ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି। ଆଜି ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଓଡ଼ିଶା ମୋଟର ପରିବହନ ଚାଳକ କର୍ମଚାରୀ କଲ୍ୟାଣ ବୋର୍ଡର ଅନୁକମ୍ପା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ତିନି ଜଣ ମୃତ ଗାଡ଼ି ଚାଳକଙ୍କ ପରିବାରକୁ ଅନୁକମ୍ପା ରାଶି ହସ୍ତାନ୍ତର କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ତିନି ଜଣ ମୃତକ ଗାଡି ଚାଳକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ହିସାବରେ ମୋଟ ୬ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର, ଡ୍ରାଇଭର୍ ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଶା ଡ୍ରାଇଭର୍ ମହାସଂଘ ସେମାନଙ୍କର ବିଭିନ୍ନ ଦାବି ସରକାରଙ୍କ ଆଗରେ ଉପସ୍ଥାପନ କରିଥିଲେ। ସେଥିରୁ ମୃତ ଗାଡ଼ି ଚାଳକଙ୍କ ପରିବାରକୁ ଅନୁକମ୍ପା ସହାୟତା ରାଶି ପ୍ରଦାନ ଏକ ପ୍ରମୁଖ ଦାବି ଥିଲା। ଏହି କାର୍ଯ୍ୟକ୍ରମରେ ମୃତ ଗାଡ଼ି ଚାଳକମାନଙ୍କ ପତ୍ନୀ ସୁକାନ୍ତି ପାତ୍ର, ପ୍ରଭାତୀ ଭୋଇ ଓ ଅନନ୍ୟ ସାହୁ ମନ୍ତ୍ରୀଙ୍କ ଠାରୁ ଚେକ୍ ଗ୍ରହଣ କରିଥିଲେ। ଏଥି ସହିତ ଓଡ଼ିଶା ମୋଟର ପରିବହନ ଚାଳକ କର୍ମଚାରୀ ବୋର୍ଡର ସଦସ୍ୟ ପ୍ରଶାନ୍ତ ମେଣ୍ଡୁଲି, ଦୀପକ ନାୟକ, ଆଦିତ୍ୟ ପ୍ରସାଦ ବେହେରା, ପ୍ରଦୀପ କୁମାର ମହାନ୍ତି, ପ୍ରଶାନ୍ତ ପ୍ରଧାନ ଓ ଅକ୍ଷୟ ନାୟକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ।

**୩ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା**

## ପରିବହନ କର୍ମଚାରୀ ମହାସଂଘ ଆନ୍ଦୋଳନ ପ୍ରତ୍ୟାହୃତ

**ଭୁବନେଶ୍ୱର,୮ ।୧(ସମିସ):** ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଅଲ ଓଡ଼ିଶା ପରିବହନ କର୍ମଚାରୀ ମହାସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରା ପ୍ରତ୍ୟାହାର କରାଯାଇଛି। ଗାଡ଼ି ଚାଳନା ସମୟରେ ହିଟ୍ ଆଣ୍ଡ ରନ୍ ମାମଲାରେ କେନ୍ଦ୍ର ସରକାର ଭାରତୀୟ ନ୍ୟାୟ ସଂହିତାରେ ସମ୍ପୃକ୍ତ ଚାଳକ କୌଣସି ପୁଲିସ ଅଧିକାରୀ କିମ୍ବା ମାଜିଷ୍ଟ୍ରେଟ୍‌ଙ୍କୁ ଖବର ନ ଦେଇ ପଳାୟନ କଲେ ଚାଳକଙ୍କୁ ୧୦ ବର୍ଷ ଜେଲ୍, ୭ ଲକ୍ଷ ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡାଦେଶ ବ୍ୟବସ୍ଥା ରହିଛି। ଏହାକୁ ବିରୋଧ କରି ସୋମବାର ଠାରୁ ଅଲ ଓଡ଼ିଶା ଟ୍ରାନ୍ସପୋର୍ଟ ୱାକର୍ସ ଫେଡେରେସନ୍ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧର୍ମଘଟ ଓ ଧାରଣା ଡାକରା ଦିଆଯାଇଥିଲା। ଦୁଇ ଦିନ ତଳେ ଗାଡ଼ି ଚାଳକ ମହାସଂଘ ଆନ୍ଦୋଳନରୁ ଓହରି ଯାଇଥିବା ବେଳେ ପରିବହନ କର୍ମଚାରୀଙ୍କ ଆନ୍ଦୋଳନ ଧମକ ଯୋଗୁଁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେବା ଆଶଙ୍କା ଦେଖା ଦେଇଥିଲା। ପରିବହନ କର୍ମଚାରୀଙ୍କ ଅସହଯୋଗ ହେତୁ ଗତାକାଲିରୁ ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ ତେଲ ଅଭାବ ଦେଖା ଦେଇଥିଲା। ତେବେ ଆଜି ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଏହି ସମସ୍ୟା ଦୂର ହୋଇଛି।

ବୈଠକ ପରେ ମୁଖ୍ୟ ସଚିବ ଶ୍ରୀ ଜେନା କହିଛନ୍ତି ଯେ ଆଜି ଅଲ ଓଡ଼ିଶା ଟ୍ରାନ୍ସପୋର୍ଟ ୱାକର୍ସ ଫେଡେରେସନ୍ ଦେଇଥିବା ବନ୍ଦ ଡାକରା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଫେଡେରେସନ୍‌ର ସଭାପତି, ସାଧାରଣ ସମ୍ପାଦକ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ ଦେଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଆମେ ଫେଡେରେସନ୍‌ର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲୁ। କିଛି ଦିନ ପୂର୍ବେ କେନ୍ଦ୍ର ଗୃହ ସଚିବ ଅଜୟ ଭଲ୍ଲା ଭାରତୀୟ ନ୍ୟାୟ ସଂହିତାର ସମ୍ପୃକ୍ତ ଧାରାର ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ସମସ୍ତ ହିତାଧିକାରୀଙ୍କ ମତାମତ ନିଆଯିବ ବୋଲି ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଫେଡ଼େରେସନ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି। ଆମର ଅନୁରୋଧ ରକ୍ଷା କରି ଫେଡେରେସନ୍ ନିଜର ଧର୍ମଘଟ ଡାକରା ପ୍ରତ୍ୟାହାର କରିଛି। ସେଥିପାଇଁ ଆମେ ସେମାନଙ୍କୁ ଧନ୍ୟବାଦ ଦେଉଛୁ ବୋଲି ମୁଖ୍ୟ ସଚିବ ଶ୍ରୀ ଜେନା କହିଛନ୍ତି। ଅପରପକ୍ଷେ ଫେଡେରେସନ୍‌ର ସଭାପତି ଜନାର୍ଦ୍ଦନ ପତି କହିଛନ୍ତି, ଆଜି ରାଜ୍ୟ ସରକାରଙ୍କ ସହିତ ଆମର ଗଠନମୂଳକ ଆଲୋଚନା ହୋଇଛି। ସର୍ବଭାରତୀୟ ସ୍ତରରେ ଶ୍ରମିକମାନଙ୍କର ଚାପ ଫଳରେ କେନ୍ଦ୍ର ସରକାର ଏହି ଆଇନକୁ ଲାଗୁ କରିବେ ନାହିଁ ବୋଲି କହିଛନ୍ତି। ସେହି ପରିପ୍ରେକ୍ଷୀରେ ଆମେ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନେଇଛୁ। ଏହି ବୈଠକରେ ମୁଖ୍ୟ ସଚିବଙ୍କ ସମେତ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର, ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ।

**● କଥା ରଖିଲେ କାର୍ତ୍ତିକ ପାଣ୍ଡିଆନ୍**

## ଆସ୍କା ଉପଖଣ୍ଡ ଡାକ୍ତରଖାନା ନିର୍ମାଣ ପାଇଁ ୫୦ କୋଟି ମଞ୍ଜୁର

**ଭୁବନେଶ୍ୱର, ୮ ।୧(ସମିସ):** କଥା ଦେଇ କଥା ରଖିଲେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ଆସ୍କା ଉପଖଣ୍ଡ ଡାକ୍ତରଖାନାରେ ନୂତନ କୋଠା ନିର୍ମାଣ କରାଯିବ। ଏଥିପାଇଁ ପ୍ରାୟ ୫୦ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଏ ନେଇ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। କିଛି ଦିନ ପୂର୍ବେ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ଆସ୍କା ବାସିନ୍ଦା ଶ୍ରୀ ପାଣ୍ଡିଆନଙ୍କୁ ଭେଟି ଆସ୍କା ଉପଖଣ୍ଡ ଡାକ୍ତରଖାନାରେ ରୋଗୀଙ୍କ ପାଇଁ ସ୍ଥାନାଭାବ ସମସ୍ୟା ଆଣିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ଆଉ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀ ଏହା ଉପରେ ପଦକ୍ଷେପ ନେବେ ବୋଲି ଶ୍ରୀ ପାଣ୍ଡିଆନ୍ ଆଶ୍ୱାସନା ଦେଇଥିଲେ। ଭୁବନେଶ୍ୱର ଫେରିବା ପରେ ଏ ନେଇ ନିଆଯାଇଥିଲା ପଦକ୍ଷେପ। ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସେମାନେ ଯେଉଁ ସମସ୍ୟା ଭୋଗୁଥିଲେ ତାହା ଦୂର ହେବାକୁ ଯାଉଛି। ଏହି ଖବର ଜଣାପଡ଼ିବା ପରେ ଆସ୍କାର ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶ୍ରୀ ପାଣ୍ଡିଆନଙ୍କୁ ନିର୍ବାଚନମଣ୍ଡଳୀ ବାସିନ୍ଦାଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ନୂଆ ଡାକ୍ତରଖାନା ପାଇଁ ୪୯, ୯୧, ୬୦, ୦୦୦ ଟଙ୍କା ମଞ୍ଜୁର କରାଯାଇଛି। ଚାରି ମହଲା କୋଠା ନିର୍ମାଣ ପାଇଁ ୨୬, ୨୦, ୪୧, ୮୪୦ ଟଙ୍କା ବ୍ୟୟ ହେବ। ଆଭ୍ୟନ୍ତରୀଣ ରାସ୍ତା ପାଇଁ ୩୬, ୯୯, ୭୪୩ ଟଙ୍କା, ୨ଟି ଗେଟ୍ କମ୍ପ୍ଲେକ୍ସ ପାଇଁ ୪୦ ଲକ୍ଷ, ଲ୍ୟାଣ୍ଡସ୍କେପିଂ ପାଇଁ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଧାର୍ଯ୍ୟ ସମୟ ଭିତରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

**କାମ ନ କରି କଂକ୍ରିଟ ରାସ୍ତା ବିଲ୍ ହଡ଼ପ ମାମଲା**

## ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ୪ ବର୍ଷ ଜେଲ୍

**ସୁନ୍ଦରଗଡ଼, ୮ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ କେନ୍ଦୁଡିହି ପଞ୍ଚାୟତରେ କଂକ୍ରିଟ ରାସ୍ତା ନିର୍ମାଣ ନ କରି ଅନୁଦାନ ହଡ଼ପ ମାମଲାରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଐତିହାସିକ ରାୟ ଶୁଣାଇଛନ୍ତି। ବିଚାରପତି ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତ ତତ୍କାଳୀନ ସରପଞ୍ଚ ଶଙ୍କର କିସାନ (୫୧) ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ଘାଷି (୬୧)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨ ଦଫାରେ ୨ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ତିନି ମାସ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ରାୟ ପ୍ରକାଶ କରିଛନ୍ତି। ଏତଦବ୍ୟତୀତ, ଇତିମଧ୍ୟରେ ଅବସର ଗ୍ରହଣ କରି ସାରିଥିବା ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପେନସନ ବନ୍ଦ କରିବାକୁ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସୁପାରିସ୍ କରାଯାଇଛି।



**୨ ଲକ୍ଷ ଟଙ୍କା ଜରିମାନା**

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୦୫-୦୬ ଆର୍ଥିକ ବର୍ଷରେ କେନ୍ଦୁଡିହି ପଞ୍ଚାୟତ ବାଦିବାହାଲ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଦ୍ୱାଦଶ ଅର୍ଥ ଆୟୋଗ ଯୋଜନାରେ ୨.୨୦ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଉକ୍ତ ପ୍ରକଳ୍ପରେ ବିଭାଗୀୟ କାର୍ଯ୍ୟ ସମ୍ପାଦନ ପାଇଁ ସମ୍ପୃକ୍ତ ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପକରଣ ସଂଗ୍ରହ ନାମରେ ୧ ଲକ୍ଷ ୯୪ ହଜାର ୨ ଶହ ଟଙ୍କା ଉଠାଇଥିଲେ। ପ୍ରକୃତରେ ସମାନେ କୌଣସି ଉପକରଣ ସଂଗ୍ରହ ନ କରି ଉକ୍ତ ଟଙ୍କା ଆତ୍ମସାତ୍ କରିଥିଲେ। କାମ ନ ହେବାରୁ ୨୦୦୯ରେ ଗ୍ରାମବାସୀ ଏ ନେଇ ଦୁର୍ନୀତି ନିବାରଣ ବିଭାଗର ସମ୍ବଲପୁର ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ବିଭାଗୀୟ ତଦନ୍ତରୁ ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିବା ପରେ ୨୦୧୦ରେ ଅଭିଯୁକ୍ତ ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସୁନ୍ଦରଗଡ଼ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଅଦାଲତରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଦୁର୍ନୀତି ନିବାରଣ ବିଭାଗର ସୁନ୍ଦରଗଡ଼ ୟୁନିଟ୍ ଡିଏସ୍‌ପି ରାଧାକୃଷ୍ଣ କାନୁନଗୋ ଘଟଣାର ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲେ। ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଅଦାଲତର ସ୍ୱତନ୍ତ୍ର ଅଭିଯୋଜକ (ପି.ପି) ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ୫ ମୃତ

## ଟ୍ୟାଙ୍କର୍ ଧକ୍କାରେ ୨ ମୃତ

**ବାଲିମେଲା,୮ ।୧(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି-୩ ଗ୍ରାମ ନିକଟ ବାଲିମେଲା ଚାରି ଛକଠାରେ ବାଇକ୍ ଆରୋହୀଙ୍କୁ ଏକ ତେଲ ଟ୍ୟାଙ୍କର୍ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଘାସି ହନ୍ତାଳ ଓ ଈଶ୍ୱର ଗଲରି। ଦୁଇଜଣଙ୍କ ଘର କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଅଞ୍ଚଳରେ। ପୁଲିସ ଟ୍ୟାଙ୍କର୍‌ର ପିଛା କରି ଚାଳକ ଓ ହେଲପର୍‌କୁ ଅଟକ ରଖି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଦିନେଶ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ବାଲିମେଲା ସହରରେ ଥିବା ଏକ ତେଲ ବଙ୍କରେ ଡେଲିଭରି ଦେଇ ଜୟପୁର ଅଭିମୁଖେ ଫେରୁଥିବା ଟ୍ୟାଙ୍କର୍‌ଟି ବିପରୀତ ଦିଗରୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଦୁହିଁଙ୍କୁ ଉଦ୍ଧାର କରି ବାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଘାସିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଈଶ୍ୱରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଟ୍ରକ୍ ଧକ୍କାରେ ୩ ମୃତ

**ଝାରସୁଗୁଡ଼ା,୮ ।୧(ସମିସ):** ଝାରସୁଗୁଡ଼ା ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଠକଠକିପଡ଼ା ନିକଟରେ ଏକ ଟ୍ରକ୍ ଧକ୍କାରେ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବାଣ୍ଡିପାହାଡ଼ ଗ୍ରାମର ମନବୋଧ ଛତ୍ରିଆ (୧୮), ସାଗର ଛତ୍ରିଆ (୨୦) ଓ ସହାଜବାହାଲ ଗ୍ରାମର ତପନ ଧୁରୁଆ (୧୯)। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ, ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ଚାଳକକୁ ଗିରଫ ଏବଂ ଜାତୀୟ ରାଜପଥର ପ୍ରଶସ୍ତୀକରଣ ଦାବିରେ ଉତ୍ୟକ୍ତ ଲୋକେ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକ କରିଥିଲେ। ଫଳରେ ଯାନାବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୁଲିସ୍ ଟିମ୍ ସହ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର, ଲଖନପୁର ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତକଙ୍କ ପରିବାରକୁ ସବୁପ୍ରକାର ସରକାରୀ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ସ୍ଥିତି ସ୍ୱାଭାବିକ ହୋଇଥିଲା। ବେଲପାହାଡ଼ ପୁଲିସ ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ସାଇଣ୍ଟିଫିକ୍ ଦଳ ସାହାଯ୍ୟରେ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରି ଅଧିକ ତଦନ୍ତ ଜାରି ରଖିଛି।

## ବଡ଼ବିଲ ପୌରନିର୍ବାହୀ ଅଧିକାରୀଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ

**ବଡ଼ବିଲ, ୮ ।୧ (ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ହତ୍ୟା ଉଦ୍ୟମ। ପେଟ୍ରୋଲ ଢାଳି ତାଙ୍କୁ ଜାଳି ଦେବାକୁ ଉଦ୍ୟମ ହୋଇଛି। ଏହି ଘଟଣାରେ ବଡ଼ବିଲ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲା, ଅଭିଷେକ ଗୁପ୍ତା। ସୋମବାର ସନ୍ଧ୍ୟାରେ ପୌର କାର୍ଯ୍ୟାଳୟରେ ଏହି ଅଭାବନୀୟ ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ୫ନଂ ୱାର୍ଡ ପୁରୁଣା କଲେଜ ସାମ୍ନାରେ ଅଭିଷେକଙ୍କ ଘର। ତାଙ୍କ ଘର ସମ୍ମୁଖରେ ଥିବା ସରକାରୀ ଜମିରେ ଏକାଧିକ ଦୋକାନ ଘର ରହିଛି। ତେବେ ବାରମ୍ବାର ଅଭିଯୋଗ ପରେ ବି ପୌର ପ୍ରଶାସନ ପକ୍ଷରୁ ଉକ୍ତ ଦୋକାନ ଘରଗୁଡ଼ିକ ଉଚ୍ଛେଦ କରାଯାଇନଥିଲା। ଏହାକୁ ନେଇ ଅଭିଷେକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଆଜି ସଂଧ୍ୟା ପ୍ରାୟ ସାଢ଼େ ୫ଟାରେ ଅଭିଷେକ ବଡ଼ବିଲ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ। ଶ୍ରୀ ପଣ୍ଡା ଚିତ୍କାର କରିବା ସହ ତାଙ୍କ ଚାମ୍ବରରୁ ବାହାରି ଆସିବାରୁ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିଲେ। ସେଠାରେ ଉପସ୍ଥିତ ପୌର କର୍ମଚାରୀ ଅଭିଯୁକ୍ତ ଅଭିଷେକକୁ କାବୁ କରି ବଡ଼ବିଲ ପୁଲିସର ଜିମା ଦେଇଥିବା ଜଣାପଡ଼ିଛି। ପୁଲିସ ଯୁବକକୁ ଗିରଫ କରି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।



**ଯୁବକ ଗିରଫ**

**ଇଓଡବ୍ଲ୍ୟୁର ବାର୍ଷିକ ସଫଳତା**

## ୧୧ଟି ରାଜ୍ୟରୁ ଧରାପଡ଼ିଛନ୍ତି ୬୧ ଠକ

**ଭୁବନେଶ୍ୱର, ୮ ।୧ (ସମିସ):** ବର୍ଷ ୨୦୨୩ରେ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଇଓଡବ୍ଲ୍ୟୁ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏ ସଂପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୩ ରେ ସର୍ବାଧିକ ୨୮ ଟି ମାମଲା ରୁଜୁ କରିଛି ଇଓଡବ୍ଲ୍ୟୁ। ଏଥିରେ ଅନ୍‌ଲାଇନ୍ ଚିଟ୍‌ଫଣ୍ଡ ଠକେଇ, କ୍ରିପ୍ଟୋ ପୁଞ୍ଜି ଠକେଇ, ସାଇବର ଆର୍ଥିକ ଠକେଇ, ବ୍ୟାଙ୍କ୍ ଠକେଇ, ଚାକିରି ଠକେଇ, ବିଲ୍ଡର୍ ଠକେଇ, ଜମି ସ୍କାମ୍ ଏବଂ ଅନ୍ୟାନ୍ୟ ଆର୍ଥିକ ଠକେଇ ସାମିଲ ରହିଛି। ଗତବର୍ଷ ଠକେଇର ପରିଣାମ ୨୫୦୦ କୋଟି ଟଙ୍କାର ଥିଲା। ଏହି ୨୮ଟି ମାମଲାରେ ଓଡ଼ିଶା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ତେଲେଙ୍ଗାନା, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ଭଳି ୧୧ ରାଜ୍ୟର ମୋଟ ୬୧ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଠକେଇ କରି ଫେରାର୍ ଥିବା ୯ଜଣଙ୍କ ନାମରେ ଲୁକ୍-ଆଉଟ୍ ସର୍କୁଲାର୍ ଜାରି କରାଯାଇଛି। ଏଥିରେ ୪ଜଣ ଚୀନ୍ ଏବଂ ଜଣେ ହଙ୍ଗେରିଆନ୍ ଠକ ରହିଛି। ଅପରପକ୍ଷେ, ଏହି ବର୍ଷରେ ମୋଟ ୪ଟି ମାମଲାର ଶୁଣାଣି ଶେଷ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କୁ କୋର୍ଟ ଦଣ୍ଡାଦେଶ ଦେଇଛନ୍ତି। ଦଣ୍ଡହାର ଶତପ୍ରତିଶତ ରହିଛି। ଠକଙ୍କୁ ଗିରଫ କରିବା ସହ ଅର୍ଥନୈତିକ ଅପରାଧ ଶାଖା ୧୫କୋଟି ଟଙ୍କା ଜବତ କରିଛି। ୩ଟି ମାମଲାରେ ଓପିଆଇଡି କୋର୍ଟ ୧୨କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଛି।

କେସ୍ ନଂ-୫ରେ ଇଓଡବ୍ଲ୍ୟୁକୁ ଉଲ୍ଲେଖନୀୟ ସଫଳତା ମିଳିଥିଲା। ଗ୍ରାମୀଣ ରେଜଗାର କଲ୍ୟାଣ ସଂସ୍ଥା ନାମରେ ଏକ ସଂସ୍ଥା ଖୋଲି ଠକମାନେ ଓଡ଼ିଶାର ବିଭିନ୍ନ ଖବରକାଗଜରେ ନିଯୁକ୍ତି ବିଜ୍ଞାପନ ଦେଇଥିଲେ। ବିଭିନ୍ନ ଜିଲ୍ଲା ଏବଂ ବ୍ଲକ୍‌ରେ ଚାକିରି ଦେବାକୁ କହି ଆଶାୟୀଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ସଂସ୍ଥାର ସମ୍ପାଦକ ଧର୍ମପାଲ ସିଂ ପୂରା ଠକେଇର ମାଷ୍ଟର୍‌ମାଇଣ୍ଡ ଥିଲା। ଏହି ସଂସ୍ଥା ନୂଆଦିଲ୍ଲୀରେ ରେଜିଷ୍ଟ୍ରେସନ୍ ଅଫିସ୍ ହୋଇଥିବା ବେଳେ ମୁମ୍ବାଇ, ଭୋପାଳ ଏବଂ ଡେରାଡୁନ୍‌ରେ ଏହାର ଶାଖା କାର୍ଯ୍ୟାଳୟ ରହିଥିଲା। ତେବେ ଏହି ଠକେଇର ପର୍ଦ୍ଦାଫାସ୍ କରିବା ସହ ଏଥିରେ ସାମିଲ ଥିବା ଧର୍ମପାଲଙ୍କ ସମେତ ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ।

ସେହିପରି ଅନ୍ୟ ଏକ ଘଟଣାକ୍ରମେ 'ପାନ୍-ଇଣ୍ଡିଆ' ନାମରେ ଏକ ସଂସ୍ଥା ଖୋଲି ଅଭିଯୁକ୍ତମାନେ ଦେଶରୁ ୧୦୦୦ କୋଟି ଟଙ୍କା ଠକେଇ କରିଥିଲେ। ଠକମାନେ ୧୮ ଫୁଟ୍‌ବଲ୍.କମ୍ ନାମକ ବେଟିଂ ଆପ୍‌ରେ ଟଙ୍କା ଲଗାଇ ଦୁଇଗୁଣା ପାଇବା ନେଇ ସାଧାରଣ ଲୋକଙ୍କୁ ଲୋଭ ଦେଖାଇଥିଲେ। ଏହି ସଂସ୍ଥା ହଂକଂରେ ରେଜିଷ୍ଟ୍ରେସନ୍ ହୋଇଥିବା ବେଳେ ଏହା ଦୁବାଇରୁ ଅପ୍‌ରେଟ୍ ହେଉଥିଲା। ସଂସ୍ଥା ୫ ଲକ୍ଷ ଲୋକଙ୍କଠାରୁ ୧୦୦୦କୋଟି ଟଙ୍କା ଠକେଇ କରିଥିଲା। ଏହିଭଳି ଏସ୍‌ଟିଏ ଟୋକନ୍, କ୍ରିପ୍ଟୋ କରେନ୍ସି ନାମରେ ଠକେଇ ହୋଇଥିଲା। ଏହି ସବୁ ମାମଲାରେ ଇଓଡବ୍ଲ୍ୟୁ ସଫଳତାର ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

**■ ସର୍ବାଧିକ ୨୮ ଟି ମାମଲା ରୁଜୁ, ୧୫ କୋଟି ଜବତ**
**■ ୯ ଜଣଙ୍କ ନାମରେ ଲୁକ୍‌ଆଉଟ୍ ନୋଟିସ୍**

ବର୍ତ୍ତମାନ ସାଇବର ଅର୍ଥନୈତିକ ଠକେଇ ଇଓଡବ୍ଲ୍ୟୁ ପାଇଁ ବଡ଼ ଆହ୍ୱାନ ପାଲଟିଛି। କାରଣ ପ୍ରତ୍ୟେକ ଠକେଇରେ ସାଇବର୍ ଲିଙ୍କ୍ ରହୁଛି। ତେଣୁ ଇଓଡବ୍ଲ୍ୟୁର ତଦନ୍ତ ଅଧିକାରୀମାନଙ୍କୁ ସାଇବର୍ ଟ୍ରେନିଂ ଦିଆଯିବ। ସେମାନେ କିଭଳି ଏହି ସବୁ ହାଇଟେକ୍ ଠକେଇର ତଦନ୍ତ କରି ପ୍ରମାଣ ଯୋଗାଡ଼ କରି ଅଭିଯୁକ୍ତଙ୍କୁ ଗିରଫ କରିହେବ, ସେନେଇ ଖୁବ୍‌ଶୀଘ୍ର ପ୍ରଶିକ୍ଷଣ ନେବେ।

## ମେଡିକାଲ କଲେଜରୁ ରିଲିଭ୍ ହେବେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ

**ଭୁବନେଶ୍ୱର,୮ ।୧(ସମିସ):** ବିଭିନ୍ନ ମେଡିକାଲ କଲେଜରେ ପିଜି କିମ୍ବା ସୁପରସ୍ପେଶିଆଲାଇଜେସନ୍ କରୁଥିବା ଡାକ୍ତରମାନଙ୍କୁ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ନିଯୁକ୍ତ କରାଯିବ। ତେଣୁ ସେମାନଙ୍କୁ ତୁରନ୍ତ ରିଲିଭ୍ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବିଭାଗୀୟ ଶାସନ ସଚିବ ଶାଲିନୀ ପଣ୍ଡିତ ସମସ୍ତ ମେଡିକାଲ କଲେଜର ଡିନ୍, ପ୍ରିନ୍ସିପାଲଙ୍କୁ ପତ୍ର ଲେଖି କହିଛନ୍ତି ଯେ ଓଡ଼ିଶା ମେଡିକାଲ ଆଣ୍ଡ ହେଲଥ୍ ସର୍ଭିସ୍ (ଓଏମ୍‌ଏଚ୍‌ଏସ୍) କ୍ୟାଡର୍ ଅଧୀନରେ ନିଯୁକ୍ତି ପାଇଥିବା ମେଡିକାଲ ଅଫିସର୍‌ମାନେ ବିଭିନ୍ନ ମେଡିକାଲ କଲେଜରେ ଜୁନିଅର ରେସିଡେଣ୍ଟ, ସିନିୟର୍ ରେସିଡେଣ୍ଟ, ଟ୍ୟୁଟର୍, ପୋଷ୍ଟ ପିଜି ବଣ୍ଡ ସର୍ଭିସ୍, ଆସିଷ୍ଟାଣ୍ଟ ପ୍ରଫେସର (ଡେପୁଟେସନ୍) ରେ ଯାଇ ପିଜି କିମ୍ବା ସୁପରସ୍ପେଶିଆଲାଇଜେସନ୍ କରୁଛନ୍ତି। ସେମାନଙ୍କୁ ଯଥାଶୀଘ୍ର ରିଲିଭ୍ କରାଗଲେ, ରାଜ୍ୟ ସରକାର ସେମାନଙ୍କୁ ଅନ୍ୟତ୍ର ନିଯୁକ୍ତି ଦେବେ। ଫଳରେ ସେମାନେ ପିଜି ଓ ସୁପରସ୍ପେଶାଲିଟି ଶିକ୍ଷାଗ୍ରହଣ ବାବଦ ଦରମା ପାଇପାରିବେ। ତେଣୁ ଏ ନେଇ ବିହିତ ପଦକ୍ଷେପ ନେବା ଲାଗି ବିଭାଗ ପକ୍ଷରୁ କୁହାଯାଇଛି।

## ଲୋକକଥା



କ୍ଷେତ୍ର ପରିକ୍ରମା ପ୍ରକଳ୍ପ ହୋଇବ
କେଉଁଦିନେ ସମର୍ପିତ,
ନୂଆ ଇତିହାସ ଲେଖିବେ ନବୀନ
ଜଗତେ ହୋଇବେ ଖ୍ୟାତ !
ଭକ୍ତଗଣ ଉଲ୍ଲସିତ,
ପ୍ରଭୁ ଜଗନ୍ନାଥ ରାଜ୍ୟ ମୁଖିଆଙ୍କୁ
ଆଶିଷେ କରନ୍ତୁ ଶିକ୍ତ ॥

**ଭୁଶୁଡ଼ୁଛି ଲାଲ୍‌ବାହିନୀଙ୍କ ଗଡ଼**

# ୭ ବର୍ଷରେ ୧୦୫ ମାଓବାଦୀ ନିହତ

**ଭୁବନେଶ୍ୱର,୮ ।୧(ସମିସ):** ଲାଲ୍‌ଗଡ଼ରେ ସୁନିଶ୍ଚିତ ହେଉଛି ଜନସାଧାରଣଙ୍କ ଧନଜୀବନର ସୁରକ୍ଷା। ଭୁଶୁଡୁଛି ଲାଲ୍‌ବାହିନୀଙ୍କ ଗଡ଼। ଗୁଳିଗୋଳାର କର୍କଶ ଶବ୍ଦ ସାଙ୍ଗକୁ ଲ୍ୟାଣ୍ଡମାଇନ୍‌ର ପ୍ରଚଣ୍ଡ ବିସ୍ଫୋରଣରେ ଥରୁଥିବା ଜିଲ୍ଲାରେ ଏବେ ଆଉ ସେଭଳି ସ୍ଥିତି ନାହିଁ। ସ୍ଥିତି ବଦଳିଛି; ଓଡ଼ିଶା ଧୀରେଧୀରେ ମାଓବାଦୀମୁକ୍ତ ରାଜ୍ୟ ଆଡ଼କୁ ଗତି କରୁଛି। ଯବାନ-ପୁଲିସର ମାଓବିରୋଧୀ ଅଭିଯାନ ଓ ରାଜ୍ୟ ସରକାରଙ୍କ ବ୍ୟାପକ ଲୋକାଭିମୁଖୀ ପ୍ରକଳ୍ପ ପାଇଁ ଏହା ସମ୍ଭବ ହୋଇପାରିଛି। ମାଓ ଅଧ୍ୟୁଷିତ ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିକାଶ ଶିଖର ଛୁଇଁଛି। ବିଦ୍ୟୁତ୍, ପାନୀୟ, ଖାଦ୍ୟ ଭଳି ମୌଳିକ ସୁବିଧା ଘରେ ଘରେ ପହଞ୍ଚିଛି। ଶିକ୍ଷା ଓ ସ୍ୱାସ୍ଥ୍ୟାବସ୍ଥାରେ ବି ବିରାଟ ପରିବର୍ତ୍ତନ ଆସିଛି।

ମିଳିଥିବା ସୂଚନାନୁଯାୟୀ, ଗତ ୭ ବର୍ଷରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ୧୫୩ ଥର ଗୁଳି ବିନିମୟ ହୋଇଛି। ଏଥିରେ ୧୦୫ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ନିହତଙ୍କ ମଧ୍ୟରେ କ୍ୟାଡର୍ ମାଓନେତାଙ୍କ ସମେତ ମୁଣ୍ଡ ଉପରେ ପୁରସ୍କାର ରାଶି ଥିବା ମାଓବାଦୀ ରହିଛନ୍ତି। ନିହତ ମାଓବାଦୀଙ୍କ ମଧ୍ୟରେ ଅଧିକାଂଶ ମାଓବାଦୀ କନ୍ଧମାଳ, କଳାହାଣ୍ଡି ଓ ମାଲକାନଗିରି ଭଳି ଜିଲ୍ଲାରେ ସକ୍ରିୟ ରହି ବ୍ୟାପକ ଅସ୍ଥିରତା ସୃଷ୍ଟି କରି ଆସୁଥିଲେ। ତେବେ ମାଓ-ବିରୋଧୀ ଏହି ଅପରେସନ୍‌ରେ କେନ୍ଦ୍ରୀୟ ସୁରକ୍ଷା କର୍ମୀଙ୍କୁ ଓଡ଼ିଶା ପୁଲିସ୍ ବଳ ଯୋଗାଇଛି।

ସେହିପରି ମାଓବାଦୀ ଓ ସୁରକ୍ଷା-କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟରେ ୨୦ ଜଣ ସୁରକ୍ଷା କର୍ମୀ ସହିଦ ହୋଇଛନ୍ତି। ଏଥିରେ ୩ଜଣ ସିଆର୍‌ପିଏଫ୍ ଯବାନଙ୍କ ସହ ଓଡ଼ିଶା ପୁଲିସର ସୁରକ୍ଷା କର୍ମୀମାନେ ରହିଛନ୍ତି। ସେହିପରି ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରି ଲ୍ୟାଣ୍ଡମାଇନ୍ କିମ୍ବା ଆଇଡି ବିସ୍ଫୋରଣ କରି ଗାଡ଼ି ଉଡାଇ ଦେଇଛନ୍ତି। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ବିସ୍ଫୋରଣରେ ସୁରକ୍ଷା କର୍ମୀଙ୍କ ବ୍ୟତୀତ ଅନେକ ନିରୀହ ସାଧାରଣ ଲୋକଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଗତ ୭ ବର୍ଷରେ ୭୯ଜଣ ସାଧାରଣ ଜନତାଙ୍କ ଜୀବନ ଯାଇଛି। କେବଳ ଲ୍ୟାଣ୍ଡମାଇନ୍ ନୁହେଁ, ମାଓ ଅଧ୍ୟୁଷିତ ଜିଲ୍ଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ସାଧାରଣ ଜନତାଙ୍କ ମୃତ୍ୟୁ ହୋଇଛି।

| ବର୍ଷ | ଗୁଳିବିନିମୟ | ଜନତାମୃତ | ସହିଦ | ମାଓବାଦୀମୃତ |
|---|---|---|---|---|
| ୨୦୧୬ | ୩୩ | ୨୩ | ୩ | ୩୯ |
| ୨୦୧୭ | ୧୭ | ୧୭ | ୯ | ୭ |
| ୨୦୧୮ | ୨୬ | ୧୨ | ୧ | ୧୯ |
| ୨୦୧୯ | ୧୪ | ୧୦ | ୧ | ୯ |
| ୨୦୨୦ | ୨୭ | ୭ | ୨ | ୧୭ |
| ୨୦୨୧ | ୨୨ | ୨ | ୧ | ୭ |
| ୨୦୨୨ | ୧୩ | ୮ | ୩ | ୭ |

ଦିନ ଥିଲା, ଆଦିବାସୀ ଓ ଅପାଠୁଆଙ୍କୁ ଟଙ୍କାର ଲୋଭ ଓ ଡରାଇ ଧମକାଇ ସେମାନଙ୍କ ସଂଗଠନରେ ମିଶାଇବା ସହ ହାତରେ ଅସ୍ତ୍ରଶସ୍ତ୍ର ଧରାଉଥିଲେ। ଓଡ଼ିଶାରେ ସକ୍ରିୟ କରାଇ କିଛି ଜିଲ୍ଲାରେ ରକ୍ତପାତ କରୁଥିଲେ ମାଓବାଦୀ। ବାଟ ଉଗାରୁଥିବା ଯବାନ ହୁଅନ୍ତୁ ଅବା ପୁଲିସର ଖବରୀ ସନ୍ଦେହରେ କରୁଥିଲେ ହତ୍ୟା। କିନ୍ତୁ ଗତ ୧୦ ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ 'ଘରୱାପସି' ଓ 'ପୁନର୍ବାସ' ଯୋଜନାରେ ୨୨୪ଜଣ ମାଓବାଦୀଙ୍କୁ ଥଇଥାନ କରାଯାଇଛି। ଏ ବାବଦରେ ମୋଟ୍ ୬ କୋଟି ୭୩ଲକ୍ଷ ୬ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ସେମାନଙ୍କ ଜମି, ଘର, ଟଙ୍କା, ମାଗଣା ଚିକିତ୍ସା, ପାଠପଢ଼ା ଓ ଆତ୍ମନିର୍ଭରଶୀଳ ହେବାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ରାଜ୍ୟ ସରକାର।

ସେହିପରି ମାଓବାଦୀ ସକ୍ରିୟ ରହିଥିବା କୋରାପୁଟ୍, ମାଲକାନାଗିରି, ରାୟଗଡ଼ା, ବରଗଡ଼, ବଲାଙ୍ଗିର, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ସୁନ୍ଦରଗଡ଼ ବୌଦ୍ଧ ଓ କେନ୍ଦୁଝର ଜିଲ୍ଲାରେ କମ୍ବିଂ ଅପରେସନ୍‌କୁ ଜୋରଦାର କରାଯାଉଛି। ମାଓ ମୁକାବିଲା ନିମନ୍ତେ ୫୫୭ କୋଟି ୬୨ ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ ହୋଇଛି। ଲାଲ୍‌ବାହୀନ ସକ୍ରିୟ ରହିଥିବା ଜିଲ୍ଲାରେ ସିଆର୍‌ପିଏଫ୍ ଓ ବିଏସ୍‌ଏଫ୍ ଯବାନଙ୍କୁ ନେଇ ୧୧ଟି ନୂଆ କ୍ୟାମ୍ପ ସ୍ଥାପନ କରାଯିବ। ନୂଆପଡ଼ା ଓ କଳାହାଣ୍ଡିରେ ୪ଟି ଲେଖାଏଁ, ଫୁଲବାଣୀ ୨ଟି, ବୌଦ୍ଧ ଜିଲ୍ଲାରେ ଗୋଟିଏ କ୍ୟାମ୍ପ ଖୋଲିବ। କେକେବିଏନ୍ ଓ ନୟନପୁରୀ ଡିଭିଜନ ଏହି କ୍ୟାମ୍ପର ଫୋକସ୍‌ରେ ରହିଛି। ମାଓବାଦୀଙ୍କ ମନରେ ଥିବା ଭ୍ରାନ୍ତଧାରକୁ ଦୂର କରିବା ସହ ଓଡ଼ିଶାକୁ ମାଓମୁକ୍ତ କରିବା କ୍ଷେତ୍ରର ରାଜ୍ୟ ସରକାର ଗୁରୁତ୍ୱ ଦିଆଯାଉଛି।

**● ସୁରକ୍ଷାକର୍ମୀ-ମାଓବାଦୀ ମଧ୍ୟରେ ୧୫୩ଥର ଗୁଳିବିନିମୟ**
**● ୨୦ ସୁରକ୍ଷାକର୍ମୀ ସହିଦ; ୭୯ ଜନତାଙ୍କ ଜୀବନ ଗଲା**
**● ଥଇଥାନରେ ଖର୍ଚ୍ଚ ୬କୋଟି ୭୩ ଲକ୍ଷ ଟଙ୍କା**
**● ମାଓ ମୁକାବିଲାରେ ୫୫୭କୋଟି ୬୨ଲକ୍ଷ ଟଙ୍କା ଖର୍ଚ୍ଚ**




• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-195 •BHUBANESWAR •TUESDAY •9 JANUARY 2024 •PAGE-18 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୯୫ •ଭୁବନେଶ୍ୱର •ମଙ୍ଗଳବାର •୯ ଜାନୁଆରୀ ୨୦୨୪ •ପୃଷ୍ଠା-୧୮ •ଟ.୬.୦୦







## ନବନିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଦେଲେ ସେବାର ମନ୍ତ୍ର

# ରୂପାନ୍ତରଣରେ ସାରଥୀ ସାଜ

### ଦୁଇ ବିଭାଗରେ ଯୋଗଦେଲେ ୫୦୪ କନିଷ୍ଠ ଯନ୍ତ୍ରୀ

**ଲୋକଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ହିଁ ଆମ ରୂପାନ୍ତରଣ ଯାତ୍ରାର ଉଦ୍ଦେଶ୍ୟ: ନବୀନ**

**ଦିଲ୍ଲୀ, ମୁମ୍ବାଇ ମହାନଗରକୁ ପଛରେ ଛାଡ଼ିଛି 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଯୋଜନା**

**'୫-ଟି' ଉପକ୍ରମ ଅନୁସରଣ କର, ଏକ ରୂପାନ୍ତରିତ ଓଡ଼ିଶା ଗଠନ କର**



■ ଭୁବନେଶ୍ୱର, ୮ା୧ (ସମିସ): ପ୍ରତ୍ୟେକ କ୍ଷେତ୍ରରେ ରୂପାନ୍ତରଣ ଆଣିବା ପାଇଁ ରାଜ୍ୟ ସରକାର ସବୁମତେ ଉଦ୍ୟମ କରୁଛନ୍ତି। ଏହି ରୂପାନ୍ତରଣ ଯେପରି ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ ତାହା ଏହି ଅଭିଯାନର ମୂଳ ଆଭିମୁଖ୍ୟ। ତେଣୁ ଆମର '୫-ଟି' ଉପକ୍ରମକୁ ପାଥେୟ କରି ଏହି ଲକ୍ଷ୍ୟ ସୁନିଶ୍ଚିତ କରିବା ଦିଗରେ ଆପଣମାନେ କାମ କରନ୍ତୁ ବୋଲି ନବନିଯୁକ୍ତ କନିଷ୍ଠ ଯନ୍ତ୍ରୀମାନଙ୍କୁ ଆହ୍ୱାନ ଦେବା ସହ ଆପଣମାନଙ୍କ ପରିଶ୍ରମ ବଳରେ ଆମେ ଏକ ସମ୍ପୂର୍ଣ୍ଣ ରୂପାନ୍ତରିତ ଓଡ଼ିଶା ଦେଖିବା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜି ମୁଖ୍ୟମନ୍ତ୍ରୀ ଦୁଇଟି ବିଭାଗରେ ସମୁଦାୟ ୫୦୪ ଜଣ କନିଷ୍ଠ ଯନ୍ତ୍ରୀ (ସିଭିଲ୍)ଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ପଞ୍ଚାୟତିରାଜ ବିଭାଗରେ ୩୯୮ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ନଗର ଉନ୍ନୟନ ବିଭାଗ ଅଧୀନରେ ଜନସ୍ୱାସ୍ଥ୍ୟ କ୍ୟାଡର୍‌ରେ ୭୮ ଏବଂ ମ୍ୟୁନିସିପାଲ ଇଞ୍ଜିନିୟରିଂ କ୍ୟାଡର୍‌ରେ ୨୮ ଜଣ ନିଯୁକ୍ତି ପାଇଛନ୍ତି। ଗତ ୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗରେ ୪୪୧ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ପତ୍ର ଦେଇଥିଲେ। ସୋମବାର ଲୋକସେବା ଭବନର ସମ୍ମିଳନୀ ▶ପୃଷ୍ଠା-୧୧

# ବଢ଼ିଲା କାଳିଆ ଛାତ୍ରବୃତ୍ତି ପରିସର

### ବୃତ୍ତି ପାଇବେ କୃଷକ ପରିବାରର ଅଧିକ ଛାତ୍ରଛାତ୍ରୀ

**ଜାନୁଆରୀ ୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଆବେଦନ ଅବଧି**

**ବୃତ୍ତିଗତ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ମିଳିବ ବୃତ୍ତି**

**କୃଷକ ପରିବାରକୁ ସମୃଦ୍ଧ କରିବ 'ପରିବର୍ଦ୍ଧିତ ଛାତ୍ରବୃତ୍ତି'**

■ ଭୁବନେଶ୍ୱର, ୮ା୧ (ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା କାଳିଆ ଛାତ୍ରବୃତ୍ତିର ପରିସୀମା ବ୍ୟାପକ କରାଯାଇଛି। କାଳିଆ ଛାତ୍ରବୃତ୍ତିକୁ ଅଧିକ ଉପଯୋଗୀ କରିବା ସହ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବାପାଇଁ ଏହାକୁ ପରିବର୍ଦ୍ଧିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏଥିରେ ଆବଶ୍ୟକ ସଂଶୋଧନ କରାଯାଇଛି। ରାଜ୍ୟର କୃଷି ଓ କୃଷକଙ୍କ କଲ୍ୟାଣ ପାଇଁ ଐତିହାସିକ "କାଳିଆ' ଯୋଜନା ପରି "ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି' କୃଷକ ▶ପୃଷ୍ଠା-୧୧

**ମାଲକାନଗିରି ବିମାନବନ୍ଦର**

# ଆଜି ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

■ ମାଲକାନଗିରି, ୮ା୧ (ସମିସ): ମାଲକାନଗିରିବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଏଣିକି ମାଲକାନଗିରି ଆକାଶରେ ବି ଉଡ଼ିବ ବିମାନ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତାକାଲି (ମଙ୍ଗଳବାର) ବହୁପ୍ରତୀକ୍ଷିତ ମାଲକାନଗିରି ବିମାନବନ୍ଦରର ଲୋକାର୍ପଣ କରିବେ। ନବନିର୍ମିତ ଏହି ବିମାନବନ୍ଦର କାର୍ଯ୍ୟ ଶେଷ ହୋଇଥିବା ବେଳେ ରବିବାର ଏଠାରେ ଟ୍ରାଏଲ୍-ରନ୍ ସଫଳତାର ସହ ହୋଇଥିଲା। ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ଆଜି ଏକ ସ୍ୱତନ୍ତ୍ର ହେଲିକପ୍ଟର୍‌ରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ବିଜୁ ▶ପୃଷ୍ଠା-୧୧




# ପ୍ରଦୂଷଣ ବଳୟରେ ବାଲେଶ୍ୱର



ବାଲେଶ୍ୱର,୮ ।୧(ସମିସ)

ପ୍ରଦୂଷଣର ଅତି ଖରାପ (ଭେରି ପୋର୍) ଶ୍ରେଣୀରେ ପହଞ୍ଚିଛି ବାଲେଶ୍ୱର ସହର। ଗତ ୫ ବର୍ଷ ମଧ୍ୟରେ ବାଲେଶ୍ୱର ସହରର ପ୍ରଦୂଷଣ ବେଶ୍ ନିୟନ୍ତ୍ରଣରେ ରହିଥିବା ବେଳେ ଗତ ୭ ଦିନ ମଧ୍ୟରେ ବଲେଶ୍ୱର ସହରାଞ୍ଚଳରେ ପ୍ରଦୂଷଣ ମାତ୍ରା ବେଶ୍ ମାତ୍ରାରେ ବୃଦ୍ଧି ପାଇଛି। ବିଶେଷକରି ଏହା ଅପରାହ୍ନ ୪ଟା ପରେ ଅଧିକ ପ୍ରଦୂଷଣ ବଢୁଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟରୁ ଜଣାପଡିଛି। ଏହି ରିପୋର୍ଟର ଏୟାର କ୍ୱାଲିଟି ଇନଡେକ୍ସ ବୁଲେଟିନ୍-୨୦୨୪ ଅନୁଯାୟୀ ପ୍ରଦୂଷଣରେ ବାଲେଶ୍ୱର ଦେଶର ରାଜଧାନୀ ଦିଲ୍ଲୀଠୁ ବି ବଳିଗଲା। ରିପୋର୍ଟରେ ଦେଶର ତୃତୀୟ ସର୍ବାଧିକ ପ୍ରଦୂଷିତ ସହର ବାଲେଶ୍ୱର ବୋଲି ପ୍ରକାଶ ପାଇଛି। ରାଜଧାନୀ ଦିଲ୍ଲୀ ସମେତ ଅନେକ ବଡ ସହର ବାଲେଶ୍ୱର ତୁଳନାରେ ପ୍ରଦୂଷଣରେ କମ୍ ଥିବ ରିପୋର୍ଟରେ ଦର୍ଶାଯାଇଛି। ପ୍ରଦୂଷଣର ଅତି ଖରାପ ଶ୍ରେଣୀରେ ରାଜ୍ୟର ବାଲେଶ୍ୱର ସମେତ ବାରିପଦା, କେନ୍ଦୁଝର ଭୁବନେଶ୍ୱର, କଟକ ସହର ମଧ୍ୟ ତାଲିକାରେ ରହିଛି। ବିଶେଷକରି ନିଆଁର ଧୂଆଁ, ଗାଡ଼ିର ଧୂଆଁ ଓ ଇଟାଭାଟିର ଧୂଆଁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏହା ଏବେ ଚିନ୍ତାର ବିଷୟ ପାଲଟିଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ତଥ୍ୟ ଅନୁଯାୟୀ, ବାଲେଶ୍ୱର ସହରରେ ବାୟୁ ମାନ ସୂଚକାଙ୍କ ବା ଏକ୍ୟୁଆଇ ଅତି ସାଂଘାତିକ ସ୍ତରରେ ରହିଛି। ଜାନୁଆରୀ ୭ ଅପରାହ୍ନ ୪ଟା ସୁଦ୍ଧା ଦିଲ୍ଲୀ ବାୟୁରେ ଏକ୍ୟୁଆଇ ପିଏମ୍-୨.୫ ତଥା ଛୋଟ ଧୂଳିକଣାର ମାତ୍ରା ୩୩୩ ରହିଥିବା ବେଳେ ବାଲେଶ୍ୱରର ଏକ୍ୟୁଆଇ ପିଏମ୍-୨.୫ ମାତ୍ରା ୩୩୪ରେ ପହଞ୍ଚିଛି। ବିଗତ ସପ୍ତାହେ ହେଲା ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ବାରିପଦା, କେନ୍ଦୁଝର, ରାଇରଙ୍ଗପୁର ସହର ବାୟୁରେ ଛୋଟ ଧୂଳିକଣା ଜମି ରହୁଥିବାରୁ ପରିଣାମ ଅଧିକ ସାଂଘାତିକ ସ୍ତର ଆଡ଼କୁ ଗତି କରୁଥିବା ଜଣାପଡ଼ିଛି। ଚିନ୍ତାର ବିଷୟ ହେଉଛି ଯେ, ଏକ୍ୟୁଆଇ ଅତି ସାଂଘାତିକ ସ୍ତରରେ ରହିଥିବା ଦେଶର ୧୭ଟି ସହର ମଧ୍ୟରେ ଓଡ଼ିଶାର ୬ଟି ସହର ରହିଛି। ବାଲେଶ୍ୱର ବ୍ୟତୀତ ବାରିପଦାରେ ଏକ୍ୟୁଆଇ ପିଏମ୍-୨.୫ ମାତ୍ରା ୩୧୬ରେ ପହଞ୍ଚିଥିବା ବେଳେ କେନ୍ଦୁଝରରେ ୩୧୪, ରାଇରଙ୍ଗପୁରରେ ୩୦୮ ରେକର୍ଡ ହୋଇଛି। ଅନେକ ସମୟରେ ଦିଲ୍ଲୀର ପ୍ରଦୂଷଣକୁ ନେଇ ଖବର ସାମ୍ନାକୁ ଆସୁଥିବା ବେଳେ ଏବେ ବାଲେଶ୍ୱର ସହର ଦିଲ୍ଲୀଠୁ ଅଧିକ ପ୍ରଦୂଷଣରେ ରହିବା ଏକ ଚିନ୍ତାର ବିଷୟ ପାଲଟିଛି।

**ଧୂଆଁ ଓ ଧୂଳି ପାଇଁ ବଢୁଛି ଶୁଖିଲା କାଶ**

**୭ ଦିନ ଭିତରେ ସହରାଞ୍ଚଳରେ ବଢ଼ିଛି ବାୟୁ ପ୍ରଦୂଷଣ**

**ପ୍ରଦୂଷଣର ଅତି ଖରାପ ଶ୍ରେଣୀରେ ବାଲେଶ୍ୱର**

**ଏୟାର କ୍ୱାଲିଟି ଇନ୍‌ଡେକ୍ସ ୩୩୪**

## କଣ କହୁଛନ୍ତି ଏମାନେ...



ପ୍ରଦୂଷଣ ବଢ଼ିଲେ ଶ୍ୱାସଜନିତ ରୋଗ ବୃଦ୍ଧି ପାଏ। ଏହାର କାରଣ ପ୍ରଦୂଷଣର ଧୂଳିକଣା ଆମର ନିଃଶ୍ୱାସ ପ୍ରଶ୍ୱାସ ଦେଇ ଶରୀର ଭିତରକୁ ପ୍ରବେଶ କରେ। ଏହା ଫଳରେ ଆମକୁ ଫୁସଫୁସ ସମସ୍ୟା ହେବ। ଏହା ହେଲେ ଧଇଁ ସଇଁ ଲାଗିବା ସହ ଶ୍ୱାସରୁଦ୍ଧ ଲାଗିବ। ଏହା ବହୁତ ଦିନ ପର୍ଯ୍ୟନ୍ତ ଲାଗି ରହିଲେ ଲିଭର୍, ଫୁସଫୁସ ଆଦି ଅକାମି ହେବାର ଆଶଙ୍କା ହୋଇପାରେ। ତେଣୁ ବର୍ତମାନ ସମୟରେ ସମସ୍ତେ ମାସ୍କ ପିନ୍ଧି ରହିବା ଦରକାର। ଦିନେ ଶୁଦ୍ଧ ପବନର ଅଭାବ ହେତୁ ଆମେ ସମସ୍ତେ ମରିବା। ଏହାର କାରଣ ବାୟୁ ପ୍ରଦୂଷଣ ଦିନକୁ ଦିନ ବଢିଚାଲିଛି।

**ଡାକ୍ତର ପ୍ରଫୁଲ୍ଲ ସାହୁ, ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ**



ବର୍ତ୍ତମାନ ୫୦ ପ୍ରତିଶତ ଲୋକଙ୍କୁ ଶୁଖିଲା କାଶ(ଏଲାର୍ଜି କଫ୍)ହେଉଛି। ପରେ ପରେ ଲହରି ତଥା ଖଣ୍ଡି କାଶ ହେଉଛି। ଏହାଦ୍ୱାରା ମୁଣ୍ଡ ବ୍ୟଥା ସହ ଛାତି ଯନ୍ତ୍ରଣା ମଧ୍ୟ ରହିଛି। ଔଷଧ ଖାଇବା ପରେ ମଧ୍ୟ ଭଲ ହେଉନାହିଁ। ଲୋକ ବିରକ୍ତି ହୋଇଯାଉଛନ୍ତି। ଏହା ଫଳରେ ଡବଲ୍ ଆଣ୍ଟି ବାୟୋଟିକ୍ ଦେବାକୁ ପଡୁଛି। ୧୦/୧୫ ଭିତରେ ଏହି ପ୍ରକାର ରୋଗୀ ଅଧିକ ଆସୁଛନ୍ତି। ପୂର୍ବରୁ ଏତେ ରୋଗୀ ଆସୁ ନ ଥିଲେ। ଡିସେମ୍ବର ୨୦ ପରଠୁ ଏହା ବୃଦ୍ଧି ପାଇବାରେ ଲାଗିଛି। ବେଶି ଭାଗ ଧୂଳି ଓ ବାୟୁ ପ୍ରଦୂଷଣ ପାଇଁ ଏହି କାଶ ହେଉଛି। ଧୂଆଁ, ଧୂଳି ପାଇଁ ଏହା ବଢୁଛି। ତେଣୁ ଲୋକେ ମାସ୍କ ପିନ୍ଧିବା ଦରକାର। ଯେତିକି ଲୋକ ଔଷଧ ନେବାକୁ ଆସୁଛନ୍ତି ସେଥିରୁ ୫୦ ପ୍ରତିଶତ ଏହି ରୋଗରେ ପୀଡିତ।

**ଅଶୋକ ବାରିକ, ଫାର୍ମାସିଷ୍ଟ**



ରବିବାର ବାଲେଶ୍ୱରରେ ବାୟୁ ବିଶୁଦ୍ଧତା ୩୩୪ ଏକ୍ୟୁଆଇ ଥିଲା। ଦିଲ୍ଲୀର ବାୟୁ ବିଶୁଦ୍ଧତା ୩୩୩ ଏକ୍ୟୁଆଇକୁ ଏହା ଅତିକ୍ରମ କରିଛି। ବର୍ତ୍ତମାନ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବାୟୁରେ ମିଳୁଥିବା ସମସ୍ତ କ୍ଷତିକାରକ ରାସାୟନିକ ପଦାର୍ଥ ଯଥା କାର୍ବନ ମନୋକ୍ସାଇଡ୍, ପିଏମ ୨.୫, ପିଏମ ୨.୫ ଏବଂ ସଲଫର ଅକ୍ସାଇଡ୍। ବାଲେଶ୍ୱର ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ଅତ୍ୟଧିକ ପରିମାଣରେ ଡିଜେଲ ଯାନର ବ୍ୟବହାର, କାରଖାନା, ସହର ପରିବର୍ତ୍ତନ ପ୍ରକଳ୍ପ, ଇଟାଭାଟି ଇତ୍ୟାଦି। ଏହି ପ୍ରକାର କ୍ଷତିକାରକ ରାସାୟନିକ ପଦାର୍ଥରୁ ପରିବେଶକୁ ରକ୍ଷା କରିବାର ସମୟ ଆସିଛି। ଆମେ କରିବା/କହିବା ପରିବର୍ତ୍ତେ ସମସ୍ତେ ଏହି ସମୟରେ ନୀରବ ରହିଛୁ। ପ୍ରଶାସନ ଏହି ପରିସ୍ଥିତି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକାରୀ କରିବା ଆବଶ୍ୟକ। ପ୍ରଦୂଷଣକୁ ସମ୍ପୂର୍ଣ୍ଣ ହ୍ରାସ କରିବା ଏହି ସମୟରେ ହୁଏତ ସମ୍ଭବ ନୁହେଁ; କିନ୍ତୁ ଏହା ନିୟନ୍ତ୍ରଣ କରିହେବ। ରାସ୍ତାରେ ପାଣି ସିଞ୍ଚନ କରିବା, ଡିଜେଲ ଯାନ ବଦଳରେ ବିଦ୍ୟୁତ ଯାନ ବ୍ୟବହାର କରବା, ଇଟା ଭାଟି ପାଇଁ ଜିଗ୍-ଜାଗ୍ ଟେକ୍ନୋଲୋଜି ଏବଂ ଉନ୍ନତ ଶିଳ୍ପ ନିର୍ଗମନକୁ ନିୟନ୍ତ୍ରଣ କରିବା ଆବଶ୍ୟକ। ଏହି ସବୁ ପଦକ୍ଷେପଗୁଡିକ ଅନୁସରଣ କରି ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ।

**ଅକ୍ଷୟ ପାତ୍ର, ପରିବେଶ ଏବଂ ଜଳବାୟୁ କାର୍ଯ୍ୟକର୍ତ୍ତା**

## ରାଇବଣିଆ ଅଞ୍ଚଳରେ ମଦ ବେପାରୀ ଗିରଫ

**ରାଇବଣିଆ,୮ ।୧(ସମିସ):** ଜଳେଶ୍ୱର ଅବକାରୀ ଥାନା ଓ ବାଲେଶ୍ୱର ମୋବାଇଲ ସ୍କ୍ୱାଡ୍ ମିଳିତ ଭାବେ ରାଇବଣିଆ ଅଞ୍ଚଳରେ ଚଢଉ କରିଛି। ଗୋଟିଏ ଗାଁରୁ ୪ଜଣ ଚୋରାମଦ ବେପାରୀଙ୍କଠାରୁ ମୋଟ ୯୩ ଲିଟର ଜବତ ହୋଇଛି। ସେମାନଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ଜଣ ଚୋରାମଦ ବିକ୍ରି କରିଆସୁଥିଲେ ମଧ୍ୟ ସେମାନଙ୍କ ନିକଟରୁ ଚୋରାମଦ ମିଳି ନ ଥିବାରୁ ପଚରାଉଚରା କରି ଛାଡି ଦିଆଯାଇଛି। ଜଳେଶ୍ୱର ଅବକାରୀ ଇନ୍ସପେକ୍ଟର ହରିହର ସିଂଙ୍କ ନେତୃତ୍ୱରେ ରାଇବଣିଅର ଥାନା ଅଧୀନ ଗୁଣ୍ଡମଣି ଗାଁରେ ଚଢଉ କରି ସୀତା ହେମ୍ବ୍ରମ (୩୨)ଠାରୁ ୩୦ଲିଟର, ରଘୁନାଥ ମୁର୍ମୁ (୪୧)ଠାରୁ ୨୫ଲିଟର, ଦାକ୍ଷୀ ସରେନ (୬୦)ଠାରୁ ୧୮ ଲିଟର, ହୀର ସରେନ୍ (୫୦) ଠାରୁ ୧୮ ଲିଟର ମଦ ଜବତ କରାଯାଇଛି। ମୋବାଇଲ ସବ୍ ଇନ୍ସପେକ୍ଟର ଭକ୍ତଚରଣ ସ୍ୱାଇଁ, ଏଏସଆଇ ମଙ୍ଗଳ ସିଂ, ଅମରଜିତ ସାହା, ହୃଷିକେଷ ବାରିକ, ସୃଷ୍ଟିଧର ଦେହୁରୀ, ସୋନରାମ ସରେନ ଓ ବାସୁଦେବ କାମିଲା ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ମନୋଜ ଦାସଙ୍କ କବିତା ଉପରେ 'ମନୋଜାୟନ'ର ଆଲୋଚନାଚକ୍ର



**ବାଲେଶ୍ୱର,୮ ।୧(ସମିସ):** ସାହିତ୍ୟାନୁଷ୍ଠାନ 'ମନୋଜାୟନ' ପକ୍ଷରୁ ସାରସ୍ୱତ ତଥା ଯଶସ୍ୱୀ ସାଧକ ମନୋଜ ଦାସଙ୍କ କବିତା ଉପରେ ଏକ ଆଲୋଚନାଚକ୍ର ବାଗବୃନ୍ଦାବନସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଡ. ସାନ୍ତ୍ୱନା ହାଲଦାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଭାପତି ପ୍ରାଧ୍ୟାପକ ରବିନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ''ତୁମ ଗାଁ ଓ ଅନ୍ୟାନ୍ୟ କବିତା' ରେ ଉପନିବେଶ, ପ୍ରାକ୍‌ଉପନିବେଶ ଓ ଉତ୍ତର ଉପନିବେଶ ବିଭାଗକୁ ଚେତନାଗତ ଉପଲବ୍ଧିର ଉତ୍ତରଣମୁଖୀ ସ୍ତର ଭାବେ ଉପସ୍ଥାପିତ କରିଥିଲେ। ପୁସ୍ତକର ଇଂରାଜୀ ଅନୁବାଦକ ପ୍ରାଧ୍ୟାପକ ଶଚୀନ୍ଦ୍ର କର ମନୋଜ କବିତା ଅନୁବାଦର ସମସ୍ୟା ଓ ସେ ଅବଲମ୍ବନ କରିଥିବା ସମାଧାନ ସଂପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଂପାଦକ ଡ. ସୁବାସ ଚନ୍ଦ୍ର ପାତ୍ର ମନୋଜ କବିତାର ସାମ୍ୟବାଦରୁ ଆଧ୍ୟାତ୍ମିକତାବାଦକୁ ବିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ଡ. ହରିଶ୍ଚନ୍ଦ୍ର ବେହେରା, ଡ. ମଧୁରାନାଥ ହୋତା, ଡ. ସନ୍ତୋଷ ନାୟକ ପ୍ରମୁଖ ମନୋଜ କବିତା ଉପରେ ମତାମତ ରଖିଥିଲେ। ସଭାପତି ଡ. ହାଲଦାର ସମୀକ୍ଷକୀୟ ଟିପ୍ପଣୀ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅମ୍ବରୀଶ ଦିନ୍ଦା, ଡ. ବଂଶୀଧର ଚୌଧୁରୀ, ଅରୁଣା ରାୟ, ଜ୍ୟୋସ୍ନା ରାୟ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଡ. ଶଶୀକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷି ଅଧିଦର୍ଶକ ସଂଘର ସାଧାରଣ ବୈଠକ




**ବାଲେଶ୍ୱର,୮ ।୧(ସମିସ):** କୃଷି ଅଧିଦର୍ଶକ ସଂଘ ବାଲେଶ୍ୱର ଜିଲ୍ଲା ଶାଖାର ଏକ ସାଧାରଣ ବୈଠକ ସଦର ବ୍ଲକ ଏଫଆଇଏସିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥଲା। ଏଥିରେ ଅରୁଣ ପରିଡାଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ କାର୍ତ୍ତିକଚନ୍ଦ୍ର ଜେନାଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ ବିଶେଷ କରି କୃଷି ଓ କୃଷକର ଉନ୍ନତି ପାଇଁ ପ୍ରତିଶ୍ରୁତି ବଦ୍ଧ ହୋଇ କାର୍ଯ୍ୟ କରିବାକୁ ସଭାପତି ଶ୍ରୀ ପରିଡା ପରାମର୍ଶ ଦେଇଥିଲେ। ପରେ ଓଡ଼ିଶା କୃଷି ଅଧିଦର୍ଶକ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସଭାପତି ତୁଷାରକାନ୍ତି ମହାନ୍ତି, ସାଧାରଣ ସମ୍ପାଦକ ପ୍ରମୋଦ ପ୍ରଧାନ, ଉପଦେଷ୍ଟା କଳିଙ୍ଗ କିଶୋର ମହାନ୍ତି ଏବଂ ଅନ୍ୟ କର୍ମକର୍ତ୍ତା ବିଭିନ୍ନ ଜିଲ୍ଲାରୁ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଗଠିତ ହୋଇଥିବା ନୂତନ କାର୍ଯ୍ୟକାରିଣୀକୁ ଅନୁମୋଦନ କରାଯାଇଥିଲା।

■ '୫-ଟି' ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ମିଳିଲା ଚିକିତ୍ସା ସହାୟତା

## ଶତ୍ରୁତା ପାଇଁ ଯୁବକଙ୍କ ପାପୁଲି କାଟି ଦେଇଛନ୍ତି ଅପରାଧୀ

ବାଲେଶ୍ୱର,୮ ।୧(ସମିସ)

'୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ସଦର ବ୍ଲକ ତୋଟାପାଳ ଗ୍ରାମର ପ୍ରକାଶ ଦାସଙ୍କ ଚିକିତ୍ସା ପାଇଁ ସହାୟତା ମିଳିଛି। ଜୁନ୍ ୨୧ରେ ଗୁଜୁରୀବଜାର ନିକଟରେ କେତେକ ଅପରାଧୀ ତାଙ୍କୁ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ବାମ ହାତ ପାପୁଲି କାଟି ଫିଙ୍ଗି ଦେଇଥିଲେ। କଟକରେ ୮ ଜଣିଆ ଡାକ୍ତର ଟିମ୍ ହାତ ଓ ପାପୁଲିକୁ ଯୋଡିଥିଲେ; ମାତ୍ର ଅଧିକ ଚିକତ୍ସା ପାଇଁ ବର୍ତ୍ତମାନ ଅର୍ଥ ଅଭାବ ରହିଛି। ଏ ସମ୍ପର୍କରେ ଖବର ପାଇ ବିଜେଡି ଯୁବ ନେତା ଅଶୋକ ଦାସ ପରିବାର ସଦସ୍ୟଙ୍କୁ ବିଧାୟକ ସ୍ୱରୂପ ଦାସଙ୍କ ନିକଟରେ ପହଞ୍ଚାଇଥିଲେ। ବିଧାୟକ ଶ୍ରୀ ଦାସ ଏ ନେଇ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅବଗତ କରାଇଥିଲେ। ନିକଟରେ ଶ୍ରୀ ପାଣ୍ଡିଆନ ବାଲେଶ୍ୱର ସହରର ମିଶନ ପଡିଆକୁ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲାବେଳେ ପ୍ରକାଶ ଓ ତାଙ୍କ ପରିବାର ତାଙ୍କୁ ସାକ୍ଷାତ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସଦର ତହସିଲଦାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ପ୍ରକାଶଙ୍କ ଘରକୁ ପଠାଇ ତଦନ୍ତ କରିଥିଲେ। ଶେଷରେ ତହସିଲଦାର ୩୦ ହଜାର ଟଙ୍କାର ଏକ ଚେକ୍ ପ୍ରକାଶଙ୍କୁ ପ୍ରଦାନ କରିଛନ୍ତି। ତେବେ ଅଧିକ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପାଣ୍ଠିରୁ ସହାୟତା ଯୋଗାଇ ଦେବା ପାଇଁ ପ୍ରକାଶଙ୍କ ପରିବାର ନିବେଦନ କରିଛନ୍ତି।



## ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୦ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ



**ବାଲେଶ୍ୱର,୮ ।୧(ସମିସ):** ସ୍ଥାନୀୟ ହଳଦୀପଦାସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୦ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉତ୍ସବର ପ୍ରଥମ ଦିନରେ ଶିଶୁ ଏବଂ କିଶୋର ଲେଖନୀ କର୍ମଶାଳା ଏବଂ ଅଭିଭାବକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଡ ବ୍ରଜଗୋପାଳ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଧ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶୈଳବାଳା ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ ଆରାଧନା ନାୟକ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଆ ଶିଶୁ ସାହିତ୍ୟ ଗବେଷଣା ପରିଷଦର ଗୌତମ ମହାରଣା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଶାନ୍ତ ପ୍ରଧାନ ଏବଂ ବିଜୟ କୁମାର ଭୂୟାଁ, ଓଡ଼ିଆ ବର୍ଣ୍ଣବୋଧ ପାଠଶାଳାର ଶିକ୍ଷକ ଗଣେଷଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ରାଇରଙ୍ଗପୁର ଉପଖଣ୍ଡସ୍ଥିତ କୁସୁମୀର ତହସିଲଦାର ମନୋଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଅନୀଲ ସାହୁ ଧନ୍ୟବାଦ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସାଗର ସାହୁ, ନନ୍ଦନ ବେହେରା, ଭରତ ବାରିକ, ସତ୍ୟବ୍ରତ ସାହୁ, ସନ୍ତୋଷ ସାହୁ, ଦେବାଶିଷ ସାହୁ, ତପନ ସାହୁ, ମଧୁସୂଦନ ସାହୁ, ନିତ୍ୟାନନ୍ଦ ସାହୁ, ଆଦିତ୍ୟ ସାହୁ, ରାକେଶ ସାହୁ, ଶୁଭଙ୍କର ସାହୁ, ରୁଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବସ୍ ମାଲିକ-ଡ୍ରାଇଭରଙ୍କ ମଧ୍ୟରେ ବିବାଦ





ବାଲେଶ୍ୱର,୮ ।୧(ସମିସ)

କେନ୍ଦ୍ର ସରକାରଙ୍କ 'କଳା ଆଇନ'ମୋଟର ଚାଳକମାନଙ୍କୁ ୧୦ବର୍ଷ ଜେଲ୍ ଓ ୭ଲକ୍ଷ ଟଙ୍କା ଜରିମାନା ପ୍ରତିବାଦରେ ବାଲେଶ୍ୱରରେ ଡ୍ରାଇଭରମାନଙ୍କ ମଧ୍ୟର ଅସନ୍ତୋଷ ବୃଦ୍ଧି ପାଇଛି। ଏପରିକି ଡ୍ରାଇଭରମାନେ ସୋମବାର ଗାଡି ଚଳାଇ ନ ଥିବା ବେଳେ ମାଲିମାନଙ୍କ ସହ ଏକ ଗଣ୍ଡୋଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ବସକୁ ଡ୍ରାଇଭରମାନେ ରାସ୍ତାରେ ଅଟକାଇଥିବା ବେଳେ ଏଭଳି ପରିସ୍ଥିତି ସୃଟି ହୋଇଥିଲା। ଏଣୁ ଦୀର୍ଘ ସମୟ ଧରି ବାଲେଶ୍ୱର ବସଷ୍ଟାଣ୍ଡ ବିଭିନ୍ନ ସ୍ଥାନକୁ ବସ ଗଡି ନ ଥିଲା। ଖବର ପାଇ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜନ ଦଳବେହେରା ଘଟଣା ସ୍ଥଳରେ ପହଞ୍ଚି ବସ ମାଲିକ ଓ ଡ୍ରାଇଭରଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ଏହି ଆଇନ କେନ୍ଦ୍ର ସରକାର ପ୍ରଣୟନ କରିଛନ୍ତି। ଏଥିପାଇଁ ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ବସିଛି ବୋଲି କହିଥିଲେ। ପରେ ସେମାନଙ୍କ ସହ ଆଲୋଚନା ହେବା ପରେ ପୁଣିଥରେ ବସ୍ ଗଡିଥିଲା। ଏହି ବୈଠକରେ ବସ୍ ମାଲିକ ସଂଘ ସଭାପତି ମାଧବାନନ୍ଦ ମିଶ୍ର, ସମ୍ପାଦକ ଅଜୟ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କେନ୍ଦ୍ର ସରକାରଙ୍କ କଳା ଆଇନ ବାତିଲ ଦାବି ନେଇ ଧର୍ମଘଟ

**ବାଲେଶ୍ୱର,୮ ।୧(ସମିସ):** ବାଲେଶ୍ୱର ଅଟୋ ରିକ୍ସା ସମନ୍ୱୟ କମିଟି ପକ୍ଷରୁ ସଂଘର କାର୍ଯ୍ୟକାରୀ ସଭାପତି ପ୍ରେମ ରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଅଟୋ ଡ୍ରାଇଭର କେନ୍ଦ୍ର ସରକାରଙ୍କ 'କଳା ଆଇନ'ମୋଟର ଚାଳକମାନଙ୍କୁ ୧୦ବର୍ଷ ଜେଲ ଓ ୭ଲକ୍ଷ ଟଙ୍କା ଜୋରିମାନା ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଧର୍ମଘଟ କରିଛନ୍ତି। ଏହାସହ ଜିଲ୍ଲାପ୍ରଶାସନ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପ୍ରାରମ୍ଭରେ ଡ୍ରାଇଭରମାନେ ରେଳ ଷ୍ଟେସନଠାରୁ ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ସେମାନେ କରିଥିବା ଅଭିଯୋଗ ଅନୁସାରେ, କେନ୍ଦ୍ର ସରକାର ଭାରତୀୟ ନ୍ୟାୟ ସଂହିତା-୨୦୨୩ ନାମରେ ପୁରୁଣା ଆଇନକୁ ପରିବର୍ତ୍ତନ କରି ମୋଟର ଡ୍ରାଇଭରମାନଙ୍କ ବିରୋଧରେ ଏକ ଆଇନ ଆଣିଛନ୍ତି। ଭାରତୀୟ ପେନାଲ କୋଡ୍ ୩୦୪(କ) ଅନୁସାରେ ମୋଟର ଦୁର୍ଘଟଣାରେ କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ସଂପୃକ୍ତ ଡ୍ରାଇଭରଙ୍କୁ ୨ବର୍ଷ ଜେଲଦଣ୍ଡର ବ୍ୟବସ୍ଥା ଥିଲା; ମାତ୍ର କେନ୍ଦ୍ର ସରକାର ଏହି ଆଇନକୁ ପରିବର୍ତ୍ତନ କରି ଦୁର୍ଘଟଣା ହେଲେ ସଂପୃକ୍ତ ଡ୍ରାଇଭରଙ୍କୁ ୧୦ବର୍ଷ ଜେଲଦଣ୍ଡ ଓ ୭ ଲକ୍ଷ ଟଙ୍କା ଜରିମାନା ଦେବାପାଇଁ ନୂଆ ଆଇନ କରିଛନ୍ତି। ଏହାକୁ ଡ୍ରାଇଭରମାନେ ବିରୋଧ କରିଛନ୍ତି। ଏହାସହ ଏହି ଆଇନକୁ ପ୍ରତ୍ୟାହାର କରିବା ପାଇଁ ମଧ୍ୟ ଦାବି କରିଛନ୍ତି। ବିଶେଷ କରି ସେମାନେ କହିଛନ୍ତି ଯେ, ଦେଶରେ ସଡ଼କ ଦୁର୍ଘଟଣାରେ ବଢ଼ିଚାଲିଛି; ହେଲେ ସେହି ଅନୁସାରେ ରାସ୍ତାର ବିକାଶ ନାହିଁ। ରାସ୍ତା ଓସାରିଆ ନାହିଁ ଓ ଲେନ୍ ବ୍ୟବସ୍ଥା ନାହିଁ। ଦୁଇ ଚକିଆ ଯାନ ସହିତ ତିନି ଚକିଆ, ଚାରିଚକିଆ ଓ ଭାରିଯାନ ପାଇଁ ଅଲଗା ଲେନ୍ ନ ଥିବାରୁ ଦୁର୍ଘଟଣା ବହୁଳ ଭାବରେ ବୃଦ୍ଧି ପାଉଛି। ଏହାସହ ବହୁ ପ୍ରକାର ବାଧା, ପ୍ରତିବନ୍ଧକ ଓ ସମସ୍ୟା ଦେଇ ଡ୍ରାଇଭରମାନେ ଗାଡି ଚଳାଉଛନ୍ତି। ସେମାନେ ଜାଣିଶୁଣି ଦୁର୍ଘଟଣା ଘଟାଉ ନାହାନ୍ତି। ଏହି ପରିସ୍ଥିତିରେ ଦୁର୍ଘଟଣା ରୋକିବା ନାମରେ ମୋଟର ଡ୍ରାଇଭରମାନଙ୍କୁ ଜେଲରେ ଭର୍ତ୍ତି କରି ସେମାନଙ୍କ ପରିବାରକୁ ନଷ୍ଟ କରିବାକୁ କେନ୍ଦ୍ର ସରକାର ଯେଉଁ କଳା ଆଇନ୍ ପାସ୍ କରିଛନ୍ତି ତାହାକୁ ବିରୋଧ କରାଯାଇଛି। ଏହି ଧର୍ମଘଟରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ସଂପାଦକ ରାଜ କିଶୋର ଲେଙ୍କା, ସଭାପତି ନିର୍ମଳ ନାୟକ, ସିପିଆଇ ଏମ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଚାଷୀ ମୂଲିଆ ନେତା ଅରୁଣ ଜେନା, ବିଧାନ ରାଏ, ଗୁମାନ ଖାଁ, ସୁଦୀପ୍ତ ସିଂହ, ରାଜକିଶୋର ପାତ୍ର, ଉମାକାନ୍ତ ପାତ୍ର, ରାଜେନ୍ଦ୍ର ବେହେରା, ନିରଞ୍ଜନ ସାହୁ, ଲୋକନାଥ ବେହେରା, ମାନସ ସାହୁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳରାମ ବେହେରା, କମଳାକାନ୍ତ ସ, ରବୀନ୍ଦ୍ର ବେହେରା, ମାୟାଧର ବେହେରା, କିଶୋର ମାଝୀ, କମାଲୁଦ୍ଦିନ ସାହା, ସେକ ସଫିଉଦ୍ଦିନ, ମହମ୍ମଦ ଅନୁଆର, ହରିଶ ଦାସ, ସଞ୍ଜୟ ଦାଶ, ଶରତ ବାରିକ, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।







ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-195 ◆BHUBANESWAR ◆TUESDAY ◆9 JANUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୯ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦




ଆଶୁତୋଷ ଛୁରିଆଙ୍କୁ ୫ ୱିକେଟ୍ ସଫଳତା

▶କ୍ରୀଡ଼ା ପୃଷ୍ଠାରେ...


DSPL-520

Government of Odisha

ଆମ ଓଡ଼ିଶା ନବୀନ ଓଡ଼ିଶା

# ମାଲକାନଗିରି ବିମାନ ବନ୍ଦର

## ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

## ଦ୍ୱାରା

## ଶୁଭ ଉଦ୍‌ଘାଟନ

## ୯ ଜାନୁଆରୀ ୨୦୨୪

"ସତ ହେଲା ସ୍ୱାଭିମାନ ଅଞ୍ଚଳର ସ୍ୱପ୍ନ"



- କୋରାପୁଟ ଜିଲ୍ଲାର ଜୟପୁର, କଳାହାଣ୍ଡି ଜିଲ୍ଲାର ଉତ୍‌କେଲା, ସୁନ୍ଦରଗଡ ଜିଲ୍ଲାର ରାଉରକେଲା ଏବଂ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ପରେ ଏବେ ଆକାଶ ପଥରେ ଯୋଡିହେଲା ମାଲକାନଗିରି
- ସ୍ୱାଭିମାନ ଅଞ୍ଚଳକୁ ଆକାଶପଥରେ ସଂଯୋଗ
- ରାଜଧାନୀ ଭୁବନେଶ୍ୱର ସହ ଆକାଶ ପଥରେ ଯୋଗାଯୋଗ
- ୨୩୩ ଏକର ଅଞ୍ଚଳରେ ପରିବ୍ୟାପ୍ତ ୧୬୨୦ ମିଟର x ୩୦ ମିଟର ରନ୍‌ୱେ ନିର୍ମାଣ
- ୭୦ କୋଟି ଟଙ୍କା ବ୍ୟୟରେ ଏହି ବିମାନବନ୍ଦରର ଉନ୍ନତିକରଣ
- ବିପର୍ଯ୍ୟୟ ପରିଚାଳନା ଏବଂ ଜରୁରୀକାଳୀନ ସ୍ଥାନାନ୍ତର ବ୍ୟବସ୍ଥା





ବାଣିଜ୍ୟ ଓ ପରିବହନ ବିଭାଗ

OIPR - 38001/13/0022/2324

ଋଣ କରିବା ବଦଳରେ ବର୍ଂ ଭୋକରେ ଶୋଇବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍



ସକାଳ
THE SAKALA

## ବିଲ୍‌କିସ ବାନୋ ମାମଲା

# ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

ଗୁଜରାଟର ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ବଳାତ୍କାର ଓ ତାଙ୍କ ପରିବାରର ସାତଜଣ ସଦସ୍ୟଙ୍କ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ପାଇଥିବା ୧୧ ଅପରାଧୀଙ୍କୁ ଗୁଜରାଟ ସରକାର ଆଗୁଆ କାରାମୁକ୍ତ କରିବା ଘଟଣା ସର୍ବୋଚ୍ଚ ଅଦାଲତରେ ଅଗ୍ରାହ୍ୟ ହୋଇଯାଇଛି। ବିଚାରପତି ବି.ଭି ନାଗରତ୍ନ ଓ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ପୀଠ ସୋମବାର ଏହି ମାମଲାର ରାୟ ଶୁଣାଇବା ସହିତ କହିଛନ୍ତି ଯେ ଅଦାଲତ ଦ୍ୱାରା ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ ୨୦୦୮ ରୁ ଦଣ୍ଡ ଭୋଗୁଥିବା ସମ୍ପୃକ୍ତ ଅପରାଧୀମାନଙ୍କୁ ଚାରିତ୍ରିକ ସଂସ୍କାର ଓ ସାମାଜିକ ଥଇଥାନ ଆଳରେ ଆଗୁଆ କାରାମୁକ୍ତ କରିବାର ଅଧିକାର ଗୁଜରାଟ ସରକାରଙ୍କର ନାହିଁ। ମାମଲାଟି ଗୁଜରାଟ ବାହାରେ ମହାରାଷ୍ଟ୍ରରେ ବିଚାର ହୋଇ ଦୋଷୀଙ୍କ ପ୍ରତି ଦଣ୍ଡବିଧାନ କରାଯାଇଥିଲା। ଏଭଳି ସ୍ଥଳରେ ଘଟଣା ଘଟିଥିବା ରାଜ୍ୟର ସରକାର ସମ୍ପୃକ୍ତ ଦୋଷୀଙ୍କୁ ଆଗୁଆ କାରାମୁକ୍ତ କରିବାକୁ ଅଧିକାରପ୍ରାପ୍ତ ନୁହନ୍ତି। ଏଭଳି କାର୍ଯ୍ୟକୁ ବିଚାରପତି ଦ୍ୱୟ ଗୁଜରାଟ ସରକାରଙ୍କ ଠକାମି ବୋଲି କହିବା ସହ ଦୁଇ ସପ୍ତାହ ମଧ୍ୟରେ କାରାଗାର କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ସମ୍ପୃକ୍ତ ଅପରାଧୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ଏହି ରାୟ ଐତିହାସିକ ଓ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀଙ୍କ ବ୍ୟବହାର ବଦଳିଲେ ସେମାନଙ୍କ ଚାରିତ୍ରିକ ପରିବର୍ତ୍ତନ ଓ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରିବା ଭଳି ସଂସ୍କାରବାଦୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ସର୍ବୋଚ୍ଚ ଅଦାଲତ ୧୯୯୨ ମସିହାରେ ରାୟ ଦେଇଥିଲେ। ତାହାର ସୁଯୋଗ ନେଇ ଗୁଜରାଟ ସରକାର ୨୦୦୨ ଗୋଧ୍ରା ଟ୍ରେନ୍ ପୋଡ଼ି ପରବର୍ତ୍ତୀ ହିଂସାକାଣ୍ଡରେ ସମ୍ପୃକ୍ତ ଓ ଦୋଷୀ ସାବ୍ୟସ୍ତଙ୍କୁ ଆଗୁଆ ଜେଲ୍‌ରୁ ମୁକୁଳେଇ ଦେବା ଘଟଣା ସାରା ଦେଶରେ ଚହଳ ସୃଷ୍ଟି କରିଥିଲା। ଅପରାଧୀଙ୍କ ଚରିତ୍ର ପରିବର୍ତ୍ତନ ଆଳରେ ଧର୍ଷଣ ଓ ଗଣହତ୍ୟା ଭଳି ଜଘନ୍ୟ ମାମଲାରେ ସମ୍ପୃକ୍ତ ଦୋଷୀମାନଙ୍କୁ ଆଗୁଆ ଜେଲରୁ ଖଲାସ କରିବା ପଛରେ ଯେ ରାଜନୈତିକ ଓ ଅନ୍ୟାନ୍ୟ ବିଚାର ଥିଲା ତାହା ସ୍ପଷ୍ଟ ବାରି ହୋଇ ପଡୁଥିଲା। ଫଳରେ ଗୁଜରାଟ ସରକାରଙ୍କ ଏହି ନିଷ୍ପତ୍ତି ବିଲ୍‌କିସ୍ ବାନୋଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦାଖଲ କରିଥିଲେ। ମାମଲାକୁ ସର୍ବୋଚ୍ଚ ଅଦାଲତ ଗ୍ରହଣ କରିବା ସହ ଉଭୟପକ୍ଷଙ୍କ ମତାମତ ଶୁଣିବା ପରେ ରାୟକୁ ପ୍ରାୟ ଏକସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଶେଷରେ ଯେଉଁ ରାୟ ଆସିଲା ତାହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଛି। ଧର୍ଷଣ, ହତ୍ୟା ଓ ସାମ୍ପ୍ରଦାୟିକ ଦଙ୍ଗାରେ ସମ୍ପୃକ୍ତ ଅପରାଧୀଙ୍କ ପ୍ରତି ସରକାରଙ୍କର ଏପ୍ରକାର ସହାନୁଭୂତି ଓ ଦରଦ ନିଶ୍ଚିତ ଏକ ଅଶୋଭନୀୟ ଅଧ୍ୟାୟ ସୃଷ୍ଟି କରିଥିଲା, ଯାହା ବିରୋଧରେ ସ୍ୱର ଉଠିବା ଥିଲା ସ୍ୱାଭାବିକ। ଆହୁରି ମଧ୍ୟ ଦଣ୍ଡାଦେଶରେ କୋହଳ ସହିତ ଅପରାଧୀଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯିବା ଘଟଣା ସମଗ୍ର ଦେଶ ତଥା ଆଇନର ଶାସନ ପ୍ରତି ଏକ ଭୁଲ୍‌ବାର୍ତ୍ତା ପ୍ରେରଣ କରିଥିଲା। ସେହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ନିଶ୍ଚିତ ଐତିହାସିକ ଓ ଆଇନର ଶାସନକୁ ଜାହିର କରେ।

ସୁପ୍ରିମକୋର୍ଟଙ୍କ ସଦ୍ୟତମ ରାୟ ଗୁଜରାଟ ସରକାରଙ୍କ ପ୍ରତି ଏକ ଶକ୍ତ ଧକ୍କା ନିଶ୍ଚିତ। ଯେଉଁ ପ୍ରଚ୍ଛନ୍ନ ରାଜନୈତିକ ଓ ସାମ୍ପ୍ରଦାୟିକ ବିଚାର ରଖି ଅପରାଧୀଙ୍କୁ ଜେଲ୍‌ରୁ ଖଲାସ କରାଯାଇଥିଲା ତାହା ଏକ ହୀନଚକ୍ରାନ୍ତ ବୋଲି ପ୍ରମାଣିତ ହେଉଛି। ଅଦାଲତ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅପରାଧୀଙ୍କ ଜେଲଦଣ୍ଡ ମିଆଦକୁ ହ୍ରାସ କରିବାବେଳେ ଗୁଜରାଟ ସରକାର ବୁଦ୍ଧି ଓ ବିବେକ ପ୍ରୟୋଗ କରିନାହାନ୍ତି। ଏହି ମାମଲାରେ ଦେଶର ଆଇନ ବଳବତ୍ତର ରହିଛି, ପୀଡ଼ିତାଙ୍କୁ ନ୍ୟାୟ ମିଳିଛି। ସମ୍ପୃକ୍ତ ଅପରାଧୀଙ୍କୁ ମୁକ୍ତ କରିବାବେଳେ ଗୁଜରାଟ ସରକାର ତଥ୍ୟ ପ୍ରମାଣ ଲୁଚାଇବା ସହ ଠକାମି କରିଛନ୍ତି ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ କହିବା ଦ୍ୱାରା ଏକ ନିର୍ବାଚିତ ସରକାର ପ୍ରତି ଶକ୍ତ ଅଦାଲତ ଛାଟ ବାଜିଛି। ଏଭଳି କାର୍ଯ୍ୟ କରି ଗୁଜରାଟ ସରକାର କ୍ଷମତାର ଦୁରୁପଯୋଗ କରିଛନ୍ତି ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଏଭଳି ଘଟଣାରେ ସମାଜର ସାମୂହିକ ବିବେକ ଦୋହଲିବା ସ୍ୱାଭାବିକ। ସର୍ବୋଚ୍ଚ ଅଦାଲତଙ୍କ ରାୟ ସମାଜର ସେ ଭାବନାକୁ ଅବଶ୍ୟ ଦୂର କରିଛି। ନ୍ୟାୟପାଳିକା ଉପରେ ଜନତାଙ୍କ ବିଶ୍ୱାସ ପୁନଃ ସ୍ଥାପିତ ହେବା ସହିତ ନ୍ୟାୟ ପୁନଃ ପ୍ରତିଷ୍ଠା ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ପୀଡ଼ିତାଙ୍କ ଦୁଃଖ, ସମ୍ମାନ ଓ ପ୍ରତିଷ୍ଠା ଫେରାଇ ଆଣିପାରିବ ନାହିଁ ସତ; ମାତ୍ର ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ଓ ରାଜନୀତିର ଊର୍ଦ୍ଧ୍ୱରେ ରହି ସର୍ବୋଚ୍ଚ ଅଦାଲତ ଏହି ଘଟଣାରେ ନ୍ୟାୟ ପ୍ରଦାନ କରି ସ୍ପଷ୍ଟ କରିଦେଇଛନ୍ତି ଯେ ଆଇନ ଆଗରେ ସମସ୍ତେ ସମାନ। କ୍ଷମତା ବା ରାଜନୀତିର ଲମ୍ବା ହାତ ଆଇନକୁ ଏପଟ ସେପଟ କରିପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ଏହି ରାୟ ବିଦେଶରେ ମଧ୍ୟ ଭାରତର ନ୍ୟାୟିକ ବ୍ୟବସ୍ଥାର ସମ୍ମାନ ବଢ଼ାଇଛି।

## ଜାପାନର ବିମାନ ଦୁର୍ଘଟଣା ଓ ବିସ୍ମୟକର ଜୀବନ ରକ୍ଷା

# ରଖେ ହରି ମାରେ କିଏ?

ଆଜିର ଅତ୍ୟାଧୁନିକ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଜ୍ଞାନକୌଶଳ ସମ୍ପନ୍ନ ଦେଶ ଭିତରୁ ଜାପାନର ନାମ ଅଗ୍ରଣୀ ଦେଶ ମଧ୍ୟରେ ରହିବ। ନିଷ୍ଠାପର କର୍ମ ହିଁ ଏହି ଦେଶର ଏକମାତ୍ର ସଂସ୍କୃତି ଓ ଧର୍ମ ବୋଲି ମନେହୁଏ। ଏହି ଦେଶର ନାଗରିକମାନେ ବେଶ୍ କର୍ମତତ୍ପର, ଧୀସମ୍ପନ୍ନ, ନିଷ୍ଠାବାନ, ଓ ନିୟମାନୁବର୍ତ୍ତୀ ଓ ଘୋର ବସ୍ତୁବାଦୀ ଭାବରେ ଜଣାଶୁଣା। ସାଧାରଣତଃ ବସ୍ତୁବାଦୀମାନେ ଐଶ୍ୱରୀୟ ସତ୍ତା, ଭଗବତ୍ ଆଶୀର୍ବାଦ କିମ୍ବା ଚମତ୍କାର ବଦଳରେ ନିଷ୍ଠାପର କର୍ମସଂସ୍କୃତି ଉପରେ ହିଁ ପ୍ରଗାଢ଼ ବିଶ୍ୱାସ ରଖନ୍ତି। କିନ୍ତୁ ଜାପାନ୍‌ରେ ଏଇ ନିକଟରେ ଏଭଳି ଏକ ଘଟଣା ଘଟିଯାଇଛି, ଯାହା କୌଣସି ବଡ଼ ଚମତ୍କାରଠାରୁ କମ୍ ନୁହେଁ। ଏହି ଘଟଣା ଦେଖିବା ପରେ ଯେକୌଣସି ଘୋର ବସ୍ତୁବାଦୀ ମଧ୍ୟ ଈଶ୍ୱରୀୟ ସତ୍ତାକୁ ଗ୍ରହଣ କରିବା ପାଇଁ ବାଧ୍ୟ ହେବ!

ଗତ ୩ ତାରିଖରେ ୩୭୯ ଜଣ ଯାତ୍ରୀଙ୍କୁ ନେଇ ଟୋକିଓ ଆସୁଥିବା ଜାପାନ୍ ଏୟାର ଲାଇନ୍ସ ୫୧୬ ଏୟାରବସ୍-୩୫୦, ଟୋକିଓର ହାନିଡା ମୁଖ୍ୟ ବିମାନ ବନ୍ଦରରେ ଅବତରଣ କରିବା ସମୟରେ ରନ୍‌ୱେ ନିକଟରେ ଅପେକ୍ଷାରେ ଥିବା ଆଉ ଏକ ଛୋଟ ବିମାନ ସହ ଧକ୍କା ହୋଇଥିଲା। ଉପକୂଳ ସୁରକ୍ଷା ବାହିନୀର ଏହି ଛୋଟ ବିମାନଟି ଜାପାନର ବିରାଟ ଭୂକମ୍ପ ପ୍ରଭାବିତ ଅଞ୍ଚଳକୁ ରିଲିଫ୍ ସାମଗ୍ରୀ ନେଇ ଯିବାକୁ ଉଦ୍ୟତ ହେବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଛୋଟ କୋଷ୍ଟଗାର୍ଡ ବିମାନ ଏମ୍‌ଏ ୭୨୨ ରେ ଥିବା ମୋଟ ୬ ଜଣଙ୍କ ମଧ୍ୟରୁ ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଯାତ୍ରୀବାହୀ ବିମାନରେ ଗୋଟିଏ ପଟ ଡେଣାରେ ନିଆଁ ଲାଗିଯାଇଥିଲା। ଏହା ସର୍ବଜନବିଦିତ ଯେ ଥରେ ବିମାନରେ ନିଆଁ ଲାଗିଲେ ମାତ୍ର କିଛି କ୍ଷଣ ମଧ୍ୟରେ ତାହା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ପାଇଯିବା ଏକପ୍ରକାର ନିଶ୍ଚିତ ଏବଂ ଜଳନ୍ତା ବିମାନରୁ ଯାତ୍ରୀମାନଙ୍କ ଉଦ୍ଧାର ପ୍ରାୟତଃ ଅସମ୍ଭବ। କିନ୍ତୁ ଏ କ୍ଷେତ୍ରରେ ବଡ଼ ବିମାନରେ ଥିବା ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିଛି, ଯାହାକୁ ବିଶେଷଜ୍ଞମାନେ ଏକ ବିରାଟ ଚମତ୍କାର ବୋଲି କହୁଛନ୍ତି।

ଦୁର୍ଘଟଣା ସ୍ଥଳରେ ଥିବା ଦେଖଣାହାରୀଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣା ଘଟିବା ଓ ବିମାନରେ ନିଆଁ ଲାଗି ଯାଇଥିବା ସମ୍ପର୍କରେ ବିମାନର ପାଇଲଟ୍ ପ୍ରାଥମିକ ପର୍ଯ୍ୟାୟରେ ଜାଣି ପାରିନଥିଲେ। ଜଣେ କ୍ୟାବିନ କର୍ମଚାରୀ ଏ ସମ୍ପର୍କରେ ପାଇଲଟ୍‌ଙ୍କୁ ଜଣାଇବା ପରେ ସେ ଯଥାସମ୍ଭବ ବିମାନକୁ ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରିଥିଲେ। ସେତେବେଳେ ବିମାନରେ ଯାତ୍ରୀଙ୍କ ବ୍ୟତୀତ ତିନିଜଣ ପାଇଲଟ୍ ଓ ୧୨ ଜଣ କର୍ମଚାରୀ ଉପସ୍ଥିତ ଥିଲେ। ବିମାନର ସତର୍କ ସୂଚନା ଜାରି କରିବା ବ୍ୟବସ୍ଥା ସେତେବେଳକୁ ଅଚଳ ହୋଇସାରିଥିଲା। ତେଣୁ ଯାତ୍ରୀମାନଙ୍କୁ ପରିସ୍ଥିତି ସମ୍ପର୍କରେ ସତର୍କ ସୂଚନା ଦେବା ପାଇଁ କର୍ମଚାରୀମାନେ କେବଳ ଉଚ୍ଚସ୍ୱରରେ ପାଟିକରି କହି ଚାଲିଥିଲେ। କର୍ମଚାରୀମାନେ ବିମାନ ଯାତ୍ରୀଙ୍କୁ କହିଥିଲେ ଯେ ସମସ୍ତେ ଧୈର୍ଯ୍ୟର ସହିତ ରୁହନ୍ତୁ ଏବଂ କେହି ନିଜ ଜାଗାରେ ଠିଆ ହୁଅନ୍ତୁ ନାହିଁ କି ବିଶୃଙ୍ଖଳିତ ହୋଇ ବାହାରକୁ ବାହାରି ଜବରଦସ୍ତି ଯିବାକୁ ଚେଷ୍ଟା କରନ୍ତୁ ନାହିଁ। ଘୋର ଦୁର୍ଘଟଣା ଘଟିବା ଏବଂ ବିମାନରେ ନିଆଁ ଲାଗିବା ବିଷୟରେ ଜାଣି ମଧ୍ୟ



ଯାତ୍ରୀଗଣ ଶାନ୍ତିପୂର୍ଣ୍ଣ ଭାବେ ବିମାନ କର୍ମଚାରୀମାନଙ୍କ ପରାମର୍ଶ ଅନୁପାଳନ କରି ଆପତ୍ କାଳୀନ ନିୟମ ମାନିବାରୁ, ସମସ୍ତ ଯାତ୍ରୀ ମାତ୍ର ୧୮ ମିନିଟ୍ ମଧ୍ୟରେ ସୁରକ୍ଷିତ ଅବସ୍ଥାରେ ବାହାରକୁ ଚାଲି ଆସିଥିଲେ। ଏହାର ମାତ୍ର କିଛି କ୍ଷଣ ମଧ୍ୟରେ ବିମାନଟି ସମ୍ପୂର୍ଣ୍ଣ ରୂପେ ଜଳି ଯାଇଥିଲା। କ୍ୟାବିନ୍ କର୍ମଚାରୀମାନେ ଯାତ୍ରୀମାନଙ୍କୁ କହିବାର ଶୁଣାଯାଉଥିଲା ଯେ ନିଜର ସମସ୍ତ ଜିନିଷପତ୍ର ବିମାନରେ ଛାଡ଼ି ଦିଅନ୍ତୁ, ହାଇହିଲ୍ ଜୋତା ବାହାର କରି ଦିଅନ୍ତୁ କାରଣ ଏହାଦ୍ୱାରା ଯାତ୍ରୀ ଉଦ୍ଧାର କାମରେ ବହୁ ବିଳମ୍ବ ଘଟିବ। ତାହାପରେ ଯାହା ଘଟିଲା ତାହା ଥିଲା ବିଶ୍ୱର ମସ୍ତବଡ଼ ଚମତ୍କାର ଏବଂ ବିମାନ ଦୁର୍ଘଟଣା ଉଦ୍ଧାର ଇତିହାସରେ ଲେଖାଗଲା ସର୍ବୋତ୍କୃଷ୍ଟ ସଫଳତାର ଏକ ସ୍ୱର୍ଣ୍ଣିମ ନୂତନ ଅଧ୍ୟାୟ!

ଜାପାନ୍‌ର ବିମାନ ଉଦ୍ଧାର କାର୍ଯ୍ୟକ୍ରମ ବିଭାଗର ବରିଷ୍ଠ ଅଧ୍ୟାପକ ତଥା ବିମାନ ବିଶେଷଜ୍ଞ ଗେରି ହୋଙ୍କ ମତରେ ଏହି ସଦ୍ୟତମ ଦୁର୍ଘଟଣାକୁ ଉଦ୍ଧାର ପ୍ରକ୍ରିୟାର ଏକ ଆଦର୍ଶ ମାର୍ଗଦର୍ଶିକା ସଂହିତା ପୁସ୍ତକ ଭାବେ ମଧ୍ୟ ଅନୁଶୀଳନ କରାଯାଇପାରେ। ଏକ ଜ୍ୱଳନ୍ତ ବିମାନ ଭିତରୁ ୩୭୯ ଜଣ ଯାତ୍ରୀଙ୍କୁ ସଂପୂର୍ଣ୍ଣ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ଏକ ଦୈବୀ ଚମତ୍କାର ଛଡ଼ା ଆଉ କିଛି ହୋଇ ନପାରେ।

ନିଷ୍ଠାପର କର୍ମସଂସ୍କୃତିରେ ବିଶ୍ୱାସ ରଖୁଥିବା ଏହି ଜାପାନୀ ବିଶେଷଜ୍ଞ ଗେରୀ ହୋ ଙ୍କ ମତରେ ଏହି ସଫଳତା ପଛର ଯେଉଁକେତେଗୁଡ଼ିଏ କାରଣ ରହିଛି ସେଥିମଧ୍ୟରୁ ସର୍ବାଗ୍ରେ ରହିଛି ଜାପାନୀ ବ୍ୟକ୍ତିମାନଙ୍କର ଶୃଙ୍ଖଳାଜ୍ଞାନ ଓ ଦାୟିତ୍ୱବୋଧ। ସେମାନେ ବିନା ଜିନିଷପତ୍ରରେ, ଏପରିକି ବିନା ଜୋତାରେ ଦୁର୍ଘଟଣାଗ୍ରସ୍ତ ବିମାନରୁ ଶୃଙ୍ଖଳିତ ଭାବେ ସୁରକ୍ଷିତ ସ୍ଥାନକୁ ଚାଲିଯିବାରୁ କୌଣସି ଜୀବନହାନି ଘଟି ନଥିଲା। ଯାତ୍ରୀମାନେ ବିମାନ କର୍ମଚାରୀଙ୍କ ପରାମର୍ଶକୁ ନିରବରେ ମାନିବାର ଦେଖାଯାଇଥିଲା। କେହି ଜଣେ ମଧ୍ୟ ଅତ୍ୟଧିକ ଉତ୍ତେଜିତ ବା ବ୍ୟାକୁଳ ଚିତ୍କାର କରିବାର ଦେଖାଯାଇ ନଥିଲା। ଦ୍ୱିତୀୟରେ ଏହି ସଫଳ ଯାତ୍ରୀ ଉଦ୍ଧାରର ଅନ୍ୟତମ ଶ୍ରେୟ ବିମାନର ଶୃଙ୍ଖଳିତ କର୍ମଚାରୀମାନଙ୍କ ଉପସ୍ଥିତ-ବୁଦ୍ଧି, ନିଶଙ୍କ ପ୍ରତ୍ୟୁତ୍ପନ୍ନମତିତା ଓ ଧୈର୍ଯ୍ୟଶୀଳତାକୁ ସେ ଦେଇଛନ୍ତି। ଅବଶ୍ୟ ଏଭଳି ସମ୍ଭାବ୍ୟ ସଙ୍କଟ ଯଦି କେବେ ଘଟେ ତେବେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ କିପରି ଉଦ୍ଧାର କରାଯାଇପାରିବ ସେ ପୂର୍ବାଭ୍ୟାସ ବା ଦୁର୍ଘଟଣା ଓ ଉଦ୍ଧାର କାର୍ଯ୍ୟକ୍ରମ ବିଷୟରେ ଜାପାନ ବିମାନ ସଂସ୍ଥାର କର୍ମଚାରୀମାନେ ପୂର୍ବରୁ ଅନେକବାର ପ୍ରଶିକ୍ଷଣ ଲାଭ କରିଥିଲେ। ତାହାର ଫଳ ସ୍ୱରୂପ ଆଜି ଏତେ ନିରୀହ ବିମାନ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇ ପାରିଲା!

ବିଶେଷଜ୍ଞ ଗେରିଙ୍କ ମତରେ ବିମାନ ଦୁର୍ଘଟଣାର ଯାଞ୍ଚ ବା ଅନୁସନ୍ଧାନ ବହୁତ ଉଚ୍ଚକୋଟିର ହେବ ଏଥିରେ ସନ୍ଦେହ ନାହିଁ। ଦୁର୍ଘଟଣାଗ୍ରସ୍ତ ଦୁଇଟି ଯାକ ବିମାନର ବ୍ଲାକ୍‌ବକ୍ସ, ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଓ ଏୟାର ଟ୍ରାଫିକ କଣ୍ଟ୍ରୋଲ୍ ସିଷ୍ଟମ୍‌ର ରେକର୍ଡିଂ ଯାଞ୍ଚ କରାଯାଉଛି। ତେଣୁ କେଉଁଠାରେ ତ୍ରୁଟି ରହିଲା ତାହା ଅବଶ୍ୟ ଜଣାପଡ଼ିବ। ତେବେ ଯଦି ଅନ୍ୟ କେଉଁଠାରେ ଦୁର୍ଭାଗ୍ୟରୁ କେବେ ଏଭଳି ଦୁର୍ଘଟଣା ଘଟେ ତେବେ ସେଥିରୁ ଉଦ୍ଧାର ପାଇବା ପାଇଁ କ'ଣ ପରାମର୍ଶ ଦେବେ ବୋଲି ସାମ୍ବାଦିକମାନେ ଗେରିଙ୍କୁ କରିଥିବା ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ଯାତ୍ରୀ ଜୀବନ ସବୁଠାରୁ ମୂଲ୍ୟବାନ, ତାର ଜିନିଷପତ୍ର ନୁହେଁ। ତେଣୁ ଏପରି ଘଟଣା ଘଟିଲେ ସବୁ ଜିନିଷପତ୍ରଯାକ ଛାଡ଼ି ପ୍ରଥମେ ଧୀରସ୍ଥିର ଭାବରେ ଥଣ୍ଡା ମସ୍ତିଷ୍କରେ ବିମାନରୁ ବାହାରକୁ ବାହାରିବା ପାଇଁ ଚେଷ୍ଟା କରିବା ଉଚିତ। ପାସପୋର୍ଟ, ପାନକାର୍ଡ, ଏଟିଏମ୍ କାର୍ଡ ଆଦି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କେବେହେଲେ କ୍ୟାବିନ ବ୍ୟାଗ୍‌ରେ ନ ରଖି ସବୁବେଳେ ନିଜ ବେକରେ ଓହଳା ବ୍ୟାଗ୍‌ରେ ହିଁ ରଖିବା ଉଚିତ। କାରଣ ସେଗୁଡ଼ିକ ହିଁ ଏଭଳି ଅଘଟଣ ସମୟରେ ଶୀଘ୍ର ବାହାରକୁ ବାହାରିବା ଅସୁବିଧା କରିବା ନାହିଁ ଏବଂ ଦୁର୍ଘଟଣା ପରେ ବହୁତ ସହାୟକ ହୋଇପାରିବ। ସର୍ବୋପରି ବିମାନ କର୍ମଚାରୀଙ୍କ ଉପଦେଶ, ପରାମର୍ଶ ଓ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ଅନୁପାଳନ କରିବା ନିହାତି ଜରୁରୀ।

ଅଧିକାଂଶ ବିମାନ ଦୁର୍ଘଟଣା ଲ୍ୟାଣ୍ଡିଂ ବା ବିମାନ ଭୂପୃଷ୍ଠକୁ ଓହ୍ଲେଇବା ବେଳେ ହିଁ ହୋଇଥାଏ। ତେଣୁ ଏହି ସମୟରେ ସିଟ୍ ବେଲ୍ଟ ଠିକ୍ ରୂପେ ବାନ୍ଧିବା ସହିତ ସିଟ୍‌ଗୁଡ଼ିକୁ ପୁସ୍‌ବ୍ୟାକ୍ ନ କରି ଆଗକୁ ସିଧା ରଖିବା ଆବଶ୍ୟକ କାରଣ ଏହାଫଳରେ ପଛଧାଡ଼ିର ଯାତ୍ରୀମାନଙ୍କୁ ଦୁର୍ଘଟଣା ସମୟରେ ବାହାରକୁ ବାହାରିବା ପାଇଁ ପ୍ରତିବନ୍ଧକ ହୁଏ ନାହିଁ। ସେହିଭଳି ଝରକାର ପରଦାଗୁଡ଼ିକ ମଧ୍ୟ ପୂରା ଖୋଲା କରିଦେବା ଉଚିତ କାରଣ ତା'ନହେଲେ ବିମାନର କେଉଁ ପାଖଟି ଦୁର୍ଘଟଣାଗ୍ରସ୍ତ ହୋଇଛି ତଥା କେଉଁ ପାଖର ଜରୁରୀକାଳୀନ ଦ୍ୱାର ଖୋଲାଯିବା କଥା ତାହା ସୁବିଧାରେ ଦେଖାଯାଇ ପାରିବ ନାହିଁ!

ଏସବୁ ସତ୍ତ୍ୱେ ବିମାନ ବିଶେଷଜ୍ଞ ଗେରିଙ୍କ ମତରେ ଏଭଳି ଲୋମହର୍ଷଣକାରୀ ଦୁର୍ଘଟଣାରେ ସାଧାରଣତଃ ପ୍ରତି ୮ ଜଣ ଯାତ୍ରୀରୁ ସର୍ବାଧିକ ୩ ଜଣ ଯାତ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ପାଇପାରନ୍ତି। ତେଣୁ ୧୮ ମିନିଟ୍‌ରେ ମାତ୍ର ୩ଟି ଜରୁରିକାଳୀନ ଦ୍ୱାର ଦେଇ ପ୍ରାୟ ୪୦୦ ଲୋକ ବାହାରକୁ ଆସିପାରିବା ନିଶ୍ଚିତ ଭାବେ ଏକ ବିସ୍ମୟକର ସଫଳତା। ଏହିଥିରୁ ହିଁ ଈଶ୍ୱରୀୟ ସତ୍ତାର ଉପଲବ୍ଧି କରିହେବ। ଯେଉଁଠାରେ ମାନବୀୟ କଳବଳ ଓ କୌଶଳ ବିଫଳ ହୁଏ, ବୁଦ୍ଧିମତ୍ତା ଅଚଳ ହୋଇଯାଏ, ସମସ୍ତ ଚିନ୍ତା ସମାପ୍ତ ହୋଇଯାଏ, ସେହିଠାରେ ଏକ ଅଦୃଶ୍ୟ ଶକ୍ତି ସଙ୍କଟମୋଚକ ଓ ମଙ୍ଗଳକାରୀ ସାବ୍ୟସ୍ତ ହୁଏ, ଯାହା ଜାପାନ୍‌ର ଏହି ଦୁର୍ଘଟଣାରେ ଦେଖିବାକୁ ମିଳିଛି। ଏଭଳି ଅନେକ ଉଦାହରଣ ପୃଥିବୀର ବିଭିନ୍ନ ସ୍ଥାନରେ କେଉଁଠି ନା କେଉଁଠି ପ୍ରତିମୁହୂର୍ତ୍ତରେ ଘଟିଚାଲିଛି, ଯାହା ବିଷୟରେ ଅବଶିଷ୍ଟ ପୃଥିବୀବାସୀ ଅଜ୍ଞ ଅଟନ୍ତି। କିନ୍ତୁ ଏକ ଈଶ୍ୱରୀୟ ସତ୍ତା, ଯିଏ ସାରା ପୃଥିବୀକୁ ବାନ୍ଧି ରଖିଛି, ସେ ସବୁକିଛି ଜାଣୁଛି ଏବଂ ବିହିତ ପଦକ୍ଷେପମାନ ନେଉଛି। ଭୂକମ୍ପରେ ବୃହତ୍ ଅଟ୍ଟାଳିକାମାନ ଚୂରମାର ହୋଇଯାଉଥିବା ବେଳେ ଧ୍ୱଂସସ୍ତୂପ ତଳେ ଦିନ ଦିନ ଧରି ଅବୋଧ ଶିଶୁଟିଏ ଜୀବିତ ରହିବା, ତିନିଶହ ଫୁଟ୍ ଗଭୀର ଗର୍ତ୍ତରୁ ନବଜାତକ ଜୀବିତ ଉଦ୍ଧାର ହେବା, ବିଯୁକ୍ତ ୫୦ ଡିଗ୍ରୀ ଥଣ୍ଡାର ବରଫ ସ୍ତୂପ ତଳେ ଦିନ ଦିନ ଧରି ଜୀବନଟିଏ ବଞ୍ଚି ରହିବା ଆଦି ଉଦାହରଣକୁ ଆମେ କ'ଣ କହିବା? ବିଜ୍ଞାନର କରାମତି ନା ଈଶ୍ୱରୀୟ ଲୀଳା? ଏହାର ଉତ୍ତର କେବଳ ଓଡ଼ିଆର ଆପ୍ତବାକ୍ୟଟିଏ ହିଁ ଯଥେଷ୍ଟ ହୋଇପାରେ - ରଖେ ହରି ମାରେ କିଏ...? ଅର୍ଥାତ୍ ଯାହାଙ୍କୁ ସ୍ୱୟଂ ଈଶ୍ୱର ରକ୍ଷା କରିବେ ତା'କୁ ବା କିଏ ମାରି ପାରିବ!

(ସକାଳ ମିଡିଆ ସର୍ଭିସ୍)

# ଋଣଯନ୍ତାର ଲକ୍ଷଣ ଓ ନିରାକରଣ



ଅନନ୍ତ ଚରଣ ସ୍ୱାଇଁ
ଭୁବନେଶ୍ୱର, ମୋ: ୭୩୮୧୩୬୬୭୭୭

ଋଣ ଯନ୍ତା ଏକପ୍ରକାରର ଆର୍ଥିକ ସ୍ଥିତିକୁ ଇଙ୍ଗିତ କରିଥାଏ। ଏହା ହେଉଛି ଏକ ପରିସ୍ଥିତି, ଯେଉଁଠାରେ ଜଣେ ବ୍ୟକ୍ତି କିମ୍ବା କମ୍ପାନୀ ନିଜର ଋଣ ପରିଶୋଧ କରିବାକୁ ଅସମର୍ଥ ହୋଇଥାଆନ୍ତି। ଫଳରେ ପୁରୁଣା ଋଣ ପରିଶୋଧ କରିବା ପାଇଁ ବାଧ୍ୟ ହୋଇ ଅଧିକ ସୁଧରେ ଆଉ ଏକ ଋଣ କରିଥାଆନ୍ତି। ଏହି ପ୍ରକ୍ରିୟା କ୍ରମାଗତ ଲାଗି ରହେ ଓ ଋଣ ପରିଚାଳନା ନିଜ ନିୟନ୍ତ୍ରଣରୁ ବାହାରକୁ ଚାଲିଯାଏ। ଋଣ ଭାରରୁ ମୁକ୍ତି ମିଳେ ନାହିଁ। ସାରା ଜୀବନ ଋଣର ଚକ୍ରବ୍ୟୂହ ଭିତରେ ରହି ହନ୍ତସନ୍ତ ହେବାକୁ ପଡ଼େ। ସୁବିଧାରେ ମିଳୁଥିବା ଋଣ, ଏହାର ଦୁରୁପଯୋଗ, ଖର୍ଚ୍ଚ ନିୟନ୍ତ୍ରଣରେ ବିଫଳତା, କ୍ରେଡିଟ୍ କାର୍ଡର ମନମୁଖି ବ୍ୟବହାର ଋଣଯନ୍ତାରେ ପଡ଼ିବାର ବାଟ କଢ଼ାଏ।

ମୂଷାମାନଙ୍କ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଯନ୍ତାର ବ୍ୟବହାର ବିଷୟରେ ସମସ୍ତେ ଅଳ୍ପେବହୁତେ ଅବଗତ। ମୂଷା ଆପେ ଆପେ ଯନ୍ତା ଭିତରେ ପଡ଼ିନଥାଏ। ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଯନ୍ତା ଭିତରେ ସ୍ୱାଦିଷ୍ଟ ଖାଦ୍ୟଦ୍ରବ୍ୟ ରଖାଯାଏ। ଏହି ଖାଦ୍ୟ ଖାଇବା ପାଇଁ ମୂଷା ଯନ୍ତା ଭିତରକୁ ଯାଇ ଆଉ ବାହାରକୁ ବାହାରିପାରେ ନାହିଁ। ଶେଷରେ ମୃତ୍ୟୁମୁଖରେ ପଡ଼ିଥାଏ। ଠିକ ସେହିପରି ଋଣ ଯନ୍ତାରେ କେହି ଆପେ ଆପେ ପଡ଼ି ନଥାଏ। ବିଭିନ୍ନ ପ୍ରକାରର ସୁବିଧାର ସୁଯୋଗର ପ୍ରଲୋଭନ ଦେଖାଇ ଗ୍ରାହକଙ୍କୁ ଆକୃଷ୍ଟ କରି ଋଣ ଦିଆଯାଏ। ସହଜରେ ମିଳୁଥିବା ଏହି ଋଣର ପରିଶୋଧ ପାଇଁ ମାସିକ କିସ୍ତି ପ୍ରଥମେ ଗ୍ରାହକୁ ବୋଝ ପରି ଲାଗେ ନାହିଁ। ପରେ ଏପରି ଏକ ସମୟ ଆସେ, ଉଭୟ ଋଣ ରାଶି ଓ ଋଣ ପରିଶୋଧ ପାଇଁ ମାସିକ କିସ୍ତି କ୍ରମେ ବଢ଼ି ଚାଲେ। ଗୋଟିଏ ଋଣ ପରିଶୋଧ ପାଇଁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଯେତେ ସୁଝିଲେ ବି ଋଣ ସରେ ନାହିଁ। ଏପରି ସ୍ଥିତିକୁ ଋଣ ଯନ୍ତା କୁହାଯାଏ।

ଏବେ ଋଣ ସହଜରେ ମିଳି ପାରୁଛି। ଫଳରେ ଏହାର ବ୍ୟବହାର ଓ ଅପବ୍ୟବହାର ଅନେକ ଗୁଣ ବଢ଼ି ଯାଇଛି। କ୍ରେଡିଟ୍ କାର୍ଡର ବହୁଳ ବ୍ୟବହାର ଏବଂ ଏହାର ଜଟିଳ ସର୍ତ୍ତାବଳୀକୁ ଠିକ କରି ନବୁଝିବା ହେତୁ ଅନେକ ବ୍ୟକ୍ତି ଋଣ ଯନ୍ତାରେ ପଡ଼ି ଯାଆନ୍ତି। କ୍ରେଡିଟ କାର୍ଡ ହେଉଛି ଋଣ ନେବାର ଏକ ମାଧ୍ୟମ ଓ କାର୍ଡଧାରୀମାନେ ପୂର୍ବ ନିର୍ଦ୍ଧାରିତ ସୀମା ରାଶି ମଧ୍ୟରେ ଏହା ବ୍ୟବହାର କରି ପାରିବେ। ଯେତେବେଳେ



ପାଖରେ ଟଙ୍କା ନଥାଏ ବା ଟଙ୍କାର ଅଭାବ ଥାଏ ସେତେବେଳେ ଜରୁରୀ ଖର୍ଚ୍ଚ ଭରଣା ପାଇଁ କ୍ରେଡିଟ କାର୍ଡ କାମରେ ଆସେ। କ୍ରେଡିଟ କାର୍ଡରେ ବ୍ୟବହୃତ କ୍ରୟରାଶି ଆମ ନିଜର ନୁହେଁ। ଏହା ଏକ ବନ୍ଧକବିହୀନ ଋଣ। ଏହାକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିଶୋଧ ନକଲେ କାର୍ଡ ପ୍ରଦାନକାରୀ ସଂସ୍ଥା ବିଳମ୍ବ ଶୁଳ୍କ ଓ ଅଧିକ ଉଚ୍ଚହାରରେ (୨୪% ରୁ ୫୪%) ସୁଧ ନେଇଥାଆନ୍ତି। ଫଳରେ ଉପଭୋକ୍ତା ସୁଧ ଦେଇ ଦେଇ ନୟାନ୍ତ ହୋଇଯାଏ ଏବଂ ଋଣ ଚକ୍ରବ୍ୟୂହ ଭିତରେ ଫସିଯାଏ। ସମାଜରେ ଅନେକ ବ୍ୟକ୍ତି ଏଭଳି ଋଣ ଯନ୍ତାରେ ଘାଣ୍ଟି ହେବାର ଦୃଷ୍ଟାନ୍ତ ରହିଛି।

ଆର୍ଥିକ କାରବାରର ଲକ୍ଷଣରୁ ହିଁ କୌଣସି ଋଣ ଗ୍ରହୀତା ଋଣ ଯନ୍ତାରେ ପଡ଼ିବାର ସୂଚନା ମିଳିଥାଏ। ଏସବୁ ଲକ୍ଷଣ ଦେଖାଦେବା ମାତ୍ରକେ ସେଥିପ୍ରତି ସତର୍କ ଓ ସାବଧାନ ରହିବା ବୁଦ୍ଧିମତ୍ତାର ପରିଚୟ। ଋଣ ପରିଶୋଧର ମାସିକ କିସ୍ତି ନିଜ ମାସିକ ଆୟର ୫୦ ପ୍ରତିଶତରୁ ଅଧିକ ହେବା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା। ଏପରି ସ୍ଥିତି ଲାଗିରହିଲେ ଖୁବଶୀଘ୍ର ଋଣ ଜାଲରେ ଛନ୍ଦି ହେବାର ଆଶଙ୍କା ଅଧିକ ବୋଲି ଜଣାପଡ଼େ। ମାସିକ ସ୍ଥିରଖର୍ଚ୍ଚ ବା ବାଧ୍ୟତାମୂଳକ ଖର୍ଚ୍ଚ(ଘର ଭଡ଼ା, ବିଦ୍ୟାଳୟ ଫି', ବିଦ୍ୟୁତ ଓ ପାଣି ବିଲ୍, ଖାଦ୍ୟ ସାମଗ୍ରୀ ଇତ୍ୟାଦି), ଯେଉଁ ଖର୍ଚ୍ଚକୁ କମାଇ ହେବ ନାହିଁ, ତାହା ନିଜ ଆୟର ୫୦% ଭିତରେ ସୀମିତ ରହିବା ଆବଶ୍ୟକ। ଏହି ଖର୍ଚ୍ଚ ଆୟର ୭୦% ଅତିକ୍ରମ କଲେ ଋଣ ଜାଲରେ ପଡ଼ିଯିବାର ଏହା ଚେତାବନୀ। କ୍ରେଡିଟ କାର୍ଡର ଖର୍ଚ୍ଚ ସୀମା ବାରମ୍ବାର ଶେଷ ହେବା, କ୍ରେଡିଟ କାର୍ଡର ସମ୍ପୂର୍ଣ୍ଣ ଦେୟ ନ ଦେଇ ପାରିବା; ଅନେକଗୁଡ଼ିଏ ଋଣ କରିବା ହେଉଛି ଋଣ ଜାଲରେ ପଡ଼ିବାର ଲକ୍ଷଣ। କ୍ରମାଗତ ସଞ୍ଚୟ ପାଇଁ ଟଙ୍କାର ଅଭାବ ଋଣ ଯନ୍ତାରେ ପଡ଼ିବାର ଆଉ ଏକ ଆଶଙ୍କା ସୃଷ୍ଟି କରେ। ପ୍ରେରଣା କ୍ରୟ ବା ଦେଖାଶିଖା କିଣିବା ମାନସିକତା ଦ୍ୱାରା ଅନାବଶ୍ୟକୀୟ ବସ୍ତୁ କିଣିବାରେ ଅନେକ ଅର୍ଥ ଲାଗିଥାଏ। ପୂର୍ବ ପ୍ରସ୍ତୁତି ନଥାଇ ହଠାତ କୌଣସି ଜିନିଷ ପ୍ରତି ଆକର୍ଷିତ ହେବା ଓ ଏହାର ବ୍ୟବହାରିକ ଦିଗକୁ ଦୃଷ୍ଟି ନଦେଇ ଏହାକୁ କିଣିବା ହେଉଛି ପ୍ରେରଣାକ୍ରୟ। ଏପରି ଖର୍ଚ୍ଚର ଭରଣା ପାଇଁ ଅଧିକରୁ ଅଧିକ ଋଣ କରିବାକୁ ପଡ଼େ। ଶେଷରେ ଏପରି ପରିସ୍ଥିତି ଆସେ ଯେ, ଋଣ ପରିଶୋଧ କରିବା ସସମ୍ଭବ ହୋଇନଥାଏ ଏବଂ ଋଣ ଜାଲରେ ବ୍ୟକ୍ତି ଛନ୍ଦି ହୋଇଯାଏ।

ଋଣ ଓ ସମ୍ପତିର ଅନୁପାତରୁ ମଧ୍ୟ ବ୍ୟକ୍ତିର ଆର୍ଥିକ ସ୍ଥିତି ବିଷୟରେ ଜଣାପଡ଼ିଥାଏ। ମନେ କରାଯାଉ ଜଣଙ୍କର ମୋଟ ଋଣ ପରିମାଣ ୩୦ ଲକ୍ଷ ଟଙ୍କା ଏବଂ ତାଙ୍କର ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ତେବେ ଋଣ ଓ ସମ୍ପତିର ଅନୁପାତ ହେଉଛି - ୩୦/୧୫= ୨। ବିଶେଷଜ୍ଞମାନଙ୍କ ମତରେ ଏହି ଅନୁପାତ ଶୂନ ଦଶମିକ ପାଞ୍ଚରୁ କମ ହେବା ଦରକାର। ଅର୍ଥାତ ସମ୍ପତ୍ତିର ମୂଲ୍ୟ ଋଣର ଦୁଇଗୁଣରୁ ଅଧିକ ହେବା ଦରକାର। ନହେଲେ ବ୍ୟକ୍ତି ଋଣ ଯନ୍ତାରେ ପଡ଼ିବାର ଆଶଙ୍କା ଅଧିକ।

ଋଣ ଯନ୍ତାରେ ପଡ଼ିଥିଲେ କିମ୍ବା ପଡ଼ିବାକୁ ଯାଉଥିଲେ ସେଥିରୁ ରକ୍ଷା ପାଇବାର ଉପାୟ ବାହାର କରିବା ବୁଦ୍ଧିମତ୍ତାର ପରିଚୟ। ଆୟଠାରୁ ବ୍ୟୟ ଅଧିକ ହେଲେ ଚଳିବା ପାଇଁ ଋଣ କରିବାକୁ ପଡ଼େ। ଯେହେତୁ ଋଣ ପରିଶୋଧ କରିବା ପାଇଁ ଆବଶ୍ୟକ ସମ୍ବଳ ପାଖରେ ନଥାଏ, ଦିନକୁ ଦିନ ଏହି ଋଣ ବଢ଼ି ଚାଲେ। ବ୍ୟକ୍ତି ଋଣଯନ୍ତାରେ ଆବଦ୍ଧ ହୋଇଯାଏ। ଏଣୁ ଖର୍ଚ୍ଚକୁ ନିଜ ଆୟ ମଧ୍ୟରେ ସୀମିତ ରଖିପାରିଲେ ଋଣ ଜାଲରେ ପଡ଼ିବାର ଆଶଙ୍କା ନଥାଏ। ଅଧିକା ଋଣ ନେବା ବନ୍ଦ କରିବା ସହ ଅନେକଗୁଡ଼ିଏ ଋଣ ଥିଲେ ପ୍ରଥମେ ଅଧିକ ସୁଧ ଲାଗୁଥିବା ଋଣ (କ୍ରେଡିଟ କାର୍ଡ ଦେୟ) ଗୁଡ଼ିକ ପରିଶୋଧ କରିଦେଲେ, ଋଣ ବୋଝ କିଛିମାତ୍ରାରେ ଊଣା ହେବ ଏବଂ କ୍ରମଶଃ ଆର୍ଥିକ ସୁଧାର ଆସିବ। ଜୀବନଶୈଳୀରେ ପରିବର୍ତ୍ତନ, ଅନାବଶ୍ୟକ ଦ୍ରବ୍ୟ ପ୍ରତି ଅନାସକ୍ତି, କ୍ରେଡିଟ କାର୍ଡ ଖର୍ଚ୍ଚ ଉପରେ ନିୟନ୍ତ୍ରଣ, ଖର୍ଚ୍ଚର ପ୍ରାଥମିକତା ଓ ବିଶ୍ଳେଷଣ, ଋଣ ଉପରେ କମ ନିର୍ଭରଶୀଳତା ଓ ଅଯଥା ଖର୍ଚ୍ଚରେ ମନ ନଦେଲେ ଋଣ ଯନ୍ତାରୁ ନିଜକୁ ଦୂରେଇ ରଖିହେବ।

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-195 •BHUBANESWAR •TUESDAY •9 JANUARY 2024 •PAGE-18 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୯୫ •ଭୁବନେଶ୍ୱର •ମଙ୍ଗଳବାର •୯ ଜାନୁଆରୀ ୨୦୨୪ •ପୃଷ୍ଠା-୧୮ •ଟ.୬.୦୦

## ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତି ପରୀକ୍ଷାଫଳ ପ୍ରକାଶିତ

**ଭୁବନେଶ୍ୱର, ୮ ।୧(ସମିସ):** ରାଜ୍ୟ ପ୍ରବରଣ ମଣ୍ଡଳ(ଏସ୍‌ଏସ୍‌ବି) ପକ୍ଷରୁ ଆଂଶିକ ଅଧ୍ୟାପକ ନିଯୁକ୍ତି ପରୀକ୍ଷାଫଳ ପ୍ରକାଶ ପାଇଛି । ୧୧ଟି ବିଭାଗରେ ମୋଟ୍ ୨୪୮ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ମାନବ ଶାସ୍ତ୍ର, ବାଇଓ-ଟେକ୍ନୋଲୋଜି, ଉଦ୍ଭିଦ ବିଜ୍ଞାନ, ଶିକ୍ଷା, ଭୂଗୋଳ, ହିନ୍ଦୀ, ଗୃହ ବିଜ୍ଞାନ, ଓଡ଼ିଆ, ଭୌତିକ ବିଜ୍ଞାନ, ମନସ୍ତତ୍ତ୍ୱ ବିଜ୍ଞାନ ଓ ସମାଜ ବିଜ୍ଞାନର ଫଳ ବାହାରିଛି । ଅନ୍ୟ ବିଭାଗର ସାକ୍ଷାତକାର ଓ ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ସମସ୍ତ ବିଷୟର ସାକ୍ଷାତକାର ଆସନ୍ତା ୨୦ ତାରିଖରେ ଶେଷ ହେବ । ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ବେସରକାରୀ ମହାବିଦ୍ୟାଳୟରେ ୧୦୬୫ ଅଧ୍ୟାପକ ନିଯୁକ୍ତି ପାଇଁ ପରୀକ୍ଷା ଚାଲିଛି । ଚଳିତ ମାସ ଶେଷ ସୁଦ୍ଧା ସମସ୍ତ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଜଣା ପଡ଼ିଛି ।

### ସର୍ବଭାରତୀୟ ଡିଜିପି ସମ୍ମିଳନୀରେ ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ପ୍ରଶଂସା

# ମାଓଦମନର କୌଶଳ ଓଡ଼ିଶାଠୁ ଶିଖିବା ଆବଶ୍ୟକ:ଗୃହମନ୍ତ୍ରୀ

**ଭୁବନେଶ୍ୱର,୮ ।୧(ସମିସ):** ନୂଆଦିଲ୍ଲୀରେ ଚାଲିଥିବା ୫୮ ତମ ସର୍ବଭାରତୀୟ ଡିଜିପି/ ଆଇଜି ସମ୍ମିଳନୀରେ ଓଡ଼ିଶା ପୁଲିସକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା । ଓଡ଼ିଶା ପୁଲିସ ମାଓ ଦମନ କ୍ଷେତ୍ରରେ କରିଥିବା କାର୍ଯ୍ୟ ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ବୋଲି ଉଲ୍ଲେଖ

- ■ ନୂତନ ଟେକ୍ନୋଲୋଜି ଦ୍ୱାରା ଅପରାଧ ରୋକିବାକୁ ପରାମର୍ଶ
- ■ ପଡୋଶୀ ରାଜ୍ୟ ସହ ସମନ୍ୱୟ ରଖି ଅପରେସନ୍ ଉପରେ ଗୁରୁତ୍ୱ
- ■ ନୂତନ ଆଇନର ସଫଳ ରୂପାୟନ ପାଇଁ ଡିଜିପିଙ୍କୁ ପରାମର୍ଶ




କରି ଶ୍ରୀ ଶାହା ଓଡ଼ିଶା ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି । ମାଓବାଦୀଙ୍କୁ ନିୟନ୍ତ୍ରଣ କରିବା ଓ ସେମାନଙ୍କୁ ସାମାଜିକ ସ୍ରୋତକୁ ଫେରାଇ ଆଣିବା ପାଇଁ ଆତ୍ମସମର୍ପଣ ଯୋଜନା ଯୋଗୁଁ ରାଜ୍ୟରେ ମାଓ କାର୍ଯ୍ୟକଳାପ ହ୍ରାସ ପାଇଛି ବୋଲି ଶ୍ରୀ ଶାହା କହିଛନ୍ତି । ଅନୁରୂପ ଭାବରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶା ପୁଲିସ ଯେପରି ଉଦ୍ଧାର ଓ ଥଇଥାନ କାର୍ଯ୍ୟ କରୁଛି ତାହାକୁ ମଧ୍ୟ ପ୍ରଶଂସା କରାଯାଇଛି ।

ଏହି ତିନିଦିନିଆ ସମ୍ମିଳନୀରେ ସାଇବର କ୍ରାଇମ୍, ଆଧୁନିକ ଜ୍ଞାନକୌଶଳ ବ୍ୟବହାର, ବାମପନ୍ଥୀ ସନ୍ତ୍ରାସବାଦର ମୁକାବିଲା, ଜେଲ୍ ସଂସ୍କାର ସମେତ ବିଭିନ୍ନ ପୁଲିସ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଏହା ସହ ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରାଯିବା ପାଇଁ ପଥପ୍ରସ୍ତୁତ କରାଯାଇଥିଲା । ସମ୍ପ୍ରତି ଦେଶର ସବୁ ରାଜ୍ୟର ପୁଲିସ ପାଇଁ ଡ଼ିପ୍ ଫେକ୍ ଭିଡ଼ିଓ ଏକ ଆହ୍ୱାନରେ ପରିଣତ ହୋଇଛି । ଆଗକୁ ନିର୍ବାଚନ ଥିବାରୁ ଅପରାଧୀମାନେ ଏହାର ଅପବ୍ୟବହାର କରିପାରନ୍ତି । ତେଣୁ ଡିପ୍‌ଫେକ୍ ଭିଡ଼ିଓ ଭଳି ନୂତନ ଟେକ୍ନୋଲୋଜି ଦ୍ୱାରା ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜ ଏବଂ ସେଗୁଡିକର ମୁକାବିଲା କରିବାର ଉପାୟ ଆଦି ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା ।

ଏହି ଅବସରରେ ଓଡ଼ିଶା ପୁଲିସକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ଓଡ଼ିଶା ଡ଼ିଜିପି ଅରୁଣ ଷଡ଼ଙ୍ଗୀ ଦାବି କରିଛନ୍ତି । ଓଡ଼ିଶା ପୁଲିସକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହା ଅତ୍ୟନ୍ତ ଜରୁରୀ, ଯାହା ଫଳରେ ପୁଲିସ ମାଓ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବିଲୋପ କରିବା ସହ ପଡ଼ୋଶୀ ରାଜ୍ୟକୁ ମଧ୍ୟ ସହଯୋଗ କରିପାରିବ ବୋଲି ଡିଜି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି । ଆହୁରି ମଧ୍ୟ ଓଡ଼ିଶା ପୁଲିସକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦେବାକୁ ମଧ୍ୟ ଏହି ସମ୍ମିଳନୀରେ ଓଡ଼ିଶା ଡିଜିପି ଅରୁଣ ଷଢଙ୍ଗୀ ଦାବି କରିଥିବା ସୂଚନା ମିଳିଛି ।

ଅନେକ ରାଜ୍ୟରେ ସାଇବର ଅପରାଧ ବଡ଼ ଚ୍ୟାଲେଞ୍ଜ ହୋଇଛି । ତେଣୁ ଏହି ଅପରାଧକୁ କିଭଳି ରୋକି ହେବ ସେନେଇ ଡିଜିପି ସମ୍ମିଳନୀରେ ଆଲୋଚନା ହୋଇଛି । ଏହି ସମ୍ମିଳନୀରେ ସବୁ ରାଜ୍ୟର ଡିଜିପି, ଆଇଜି ସାମିଲ ହୋଇ ଅପରାଧ ରୋକିବା ଉପରେ ପରାମର୍ଶ ଦେବା ସହ ତଦନ୍ତ ସମୟରେ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଛନ୍ତି ।

● ୧୨ ତାରିଖରୁ ୩ ଦିନିଆ କୃଷି ସମ୍ମିଳନୀ

# ଚଳିତ ବର୍ଷର ପ୍ରସଙ୍ଗ 'କୃଷି ପ୍ରଗତିରେ ମହିଳା'

### ମୁଖ୍ୟମନ୍ତ୍ରୀ କରିବେ ଉଦ୍‌ଘାଟନ, ଉଦ୍‌ଯାପନ ଉତ୍ସବରେ ରାଜ୍ୟପାଳ ମୁଖ୍ୟ ଅତିଥି

**ଭୁବନେଶ୍ୱର, ୮ ।୧(ସମିସ):** କୃଷି କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଅନନ୍ୟ । ଅମଳର ପୂର୍ବ ଓ ପରବର୍ତ୍ତୀ ସମୟରେ ତାଙ୍କର ଅବଦାନ ରହିଛି । ଘରକାମ ସହ ଚାଷକାର୍ଯ୍ୟରେ ମହିଳାମାନଙ୍କ ସହଯୋଗ ମଧ୍ୟ ଅନେକ । ଆଦିବାସୀ ବହୁଳ ଅଞ୍ଚଳରେ ପଶୁପାଳନ କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କ ଯୋଗଦାନ ରହିଛି । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ୩ ଦିନିଆ କୃଷି ସମ୍ମିଳନୀରେ ମହିଳାଙ୍କ ଅବଦାନକୁ ପ୍ରୋତ୍ସାହିତ କରିବା ପାଇଁ ବିଷୟବସ୍ତୁ ରହିଛି 'କୃଷି ପ୍ରଗତିରେ ମହିଳା' ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆସନ୍ତା ଜାନୁଆରୀ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ କୃଷି ଓଡ଼ିଶା-୨୦୨୪ । ଜନତା ମଇଦାନଠାରେ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ମହିଳା କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା କୃଷି ଉଦ୍ୟୋଗୀ, ବ୍ୟବସାୟିକ ସଂସ୍ଥା, ସେବା ପ୍ରଦାନକାରୀ ପ୍ରତିଷ୍ଠାନ, କୃଷି ଉଦ୍ୟୋଗୀ ଓ ଶିଳ୍ପଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ପ୍ରମୁଖ ଲକ୍ଷ୍ୟ ରହିଛି । ଏହାସହ କୃଷିକୁ ଅଧିକ ଲାଭଦାୟୀ କରିପାରିଥିବା ମହିଳା କୃଷକଙ୍କ ସର୍ବୋତ୍ତମ ଉତ୍ପାଦ ଓ ଅନୁଶୀଳନକୁ ପ୍ରଦର୍ଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସୋମବାର କୃଷି ଭବନଠାରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ଗତ ଦୁଇଦଶନ୍ଧି ଭିତରେ ଓଡ଼ିଶାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ପାଇଥିବା ସଫଳତା ଓ ସଫଳତାର ମାଧ୍ୟମଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସଫଳତାର ମାଧ୍ୟମଗୁଡ଼ିକୁ ଚାଷୀଙ୍କ ସମ୍ମୁଖରେ ଉପସ୍ଥାପିତ କରି ଅଧିକ ପ୍ରୋତ୍ସାହିତ କରାଯିବ । କୃଷି କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ସହ ମହିଳାଙ୍କ କଠିନ ପରିଶ୍ରମକୁ ସମ୍ମାନ ଜଣାଇ ବିଷୟବସ୍ତୁ ରଖାଯାଇଛି । ସେହିପରି ପରିଶ୍ରମୀ ମହିଳାଙ୍କ ଅବଦାନକୁ ସମ୍ମାନ ଦେଇ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତ କରାଯାଇଥିବା ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହାସହ ଗୋଟିଏ ଛାତତଳେ ସର୍ବୋତ୍ତମ କୃଷି ଉତ୍ପାଦର ପ୍ରଦର୍ଶନ, କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା ଆଧୁନିକ ଯନ୍ତ୍ରପାତି ଓ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶିତ କରାଯିବ । କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର, କୃଷକ ସୁବିଧାକେନ୍ଦ୍ର, ଅଭିଜ୍ଞତା ଶିକ୍ଷାକେନ୍ଦ୍ର, ସଫଳ କୃଷକ ଓ କୃଷି ଉତ୍ପାଦନକାରୀ ସଂସ୍ଥା ଆଦିଙ୍କୁ ଏକାଠି କରି ସେମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରିଆରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଥିବା ବିପୁଳ ସମ୍ଭାବନା ଓ ସୁଯୋଗକୁ ବାସ୍ତବ ରୂପ ଦେବା 'କୃଷି ଓଡ଼ିଶା' ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଉତ୍ସବକୁ ଉଦଘାଟନ କରିବେ । ରାଜ୍ୟପାଳ ରଘୁବର ଦାସ ଉଦ୍‌ଯାପନୀ ସମାରୋହରେ ଯୋଗଦେବେ । ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୫ହଜାର ମହିଳା କୃଷକ ଏବଂ ୨ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ କୃଷି ଉଦ୍ୟୋଗୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ସଫଳ ମହିଳା କୃଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବ । ରାଜ୍ୟରେ କୃଷି, ଉଦ୍ୟାନକୃଷି, ଖାଦ୍ୟ ପ୍ରକ୍ରିୟାକରଣ, ମତ୍ସ୍ୟଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ରହିଥିବା ଅନନ୍ୟ ସୁଯୋଗଗୁଡ଼ିକ ପ୍ରଦର୍ଶିତ କରାଯିବ । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, କେନ୍ଦ୍ର ସରକାର, ଆଇସିଏଆର୍ ପ୍ରତିଷ୍ଠାନ, ସିଜିଆଇଏଆର୍ ପ୍ରତିଷ୍ଠାନ, ବେସରକାରୀ ସଂଗଠନ ଗୁଡ଼ିକର ସହଯୋଗରେ ୧୭ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ ।

■ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

## ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣ କଲେ ଗଜପତି ମହାରାଜା



**ପୁରୀ,୮ ।୧(ସମିସ):** ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ । ଏଥିପାଇଁ ଭବ୍ୟ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଉଛି । ଏହି ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ନିମନ୍ତ୍ରଣ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହଦେବ । ଶଙ୍କରାଚାର୍ଯ୍ୟ ଏବେ ଛତିଶଗଡ଼ରେ ଅଛନ୍ତି । ରାୟପୁରସ୍ଥିତ ସୁଦର୍ଶନ ସଂସ୍ଥାନମ୍ ଆଶ୍ରମରେ ଅନୁଷ୍ଠିତ ବିଶାଳ ହିନ୍ଦୁରାଷ୍ଟ୍ର ଧର୍ମସଭାରେ ଯୋଗଦେବା ଅବସରରେ ସୋମବାର ଗଜପତି ମହାରାଜା ରାୟପୁର ଯାଇ ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି । ତେବେ ଗଜପତି ମହାରାଜାଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ମଧ୍ୟ ସାମିଲ ଥିଲେ । ସୂଚନାଥାଉ କି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଭାରତର ଚାରିଧାମ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମେତ ଦେଶର ପ୍ରମୁଖ ମନ୍ଦିରର ମୁଖ୍ୟ ପୂଜକଙ୍କୁ ନିମନ୍ତ୍ରଣ କରାଯାଇଛି । ଏତଦ୍‌ବ୍ୟତୀତ ବହୁ ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ଯୋଗଦେବା ଲାଗି ନିମନ୍ତ୍ରଣ ହୋଇଛି ।

## ଜମିବାଡ଼ି ବିବାଦରୁ ସଂଘର୍ଷ: ଜଣେ ମୃତ

**ବରୀ, ୮ ।୧ (ସମିସ):** ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅନ୍ତର୍ଗତ ଅଟିରା ପଞ୍ଚାୟତର ଅରୁଆଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଜମିବାଡ଼ି ବିବାଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ଆଜି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ୪ ଜଣ ଆହତ ହୋଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି ।

# ରାଜ୍ୟରେ ନାହିଁ ନିଜସ୍ୱ ଲିଫ୍ଟ ପରିଚାଳନା ନିୟମ

**ଭୁବନେଶ୍ୱର, ୮ ।୧ (ସମିସ):** ରାଜ୍ୟରେ କାର୍ଯ୍ୟକ୍ଷମ ହେଉନି ଲିଫ୍ଟ ପରିଚାଳନା ନିୟମ । ଆପାର୍ଟମେଣ୍ଟ ହେଉ ଅବା ସରକାରୀ ବିଲ୍ଡିଂ; କୌଣସି ସ୍ଥାନରେ ଏହି ନିୟମକୁ ଦୃଷ୍ଟି ଦିଆଯାଉନାହିଁ । ନୂଆ ବିଲ୍ଡିଂ ନିର୍ମାଣ କ୍ଷେତ୍ରରେ ମଧ୍ୟ ଲିଫ୍ଟ ପରିଚାଳନା ନିୟମକୁ ଗୁରୁତ୍ୱ ଦିଆଯାଉନାହିଁ । ଯାହାଦ୍ୱାରା ଲିଫ୍ଟ ବ୍ୟବାହର କରୁଥିବା ଲୋକଙ୍କ ସୁରକ୍ଷା ଓ ଲିଫ୍ଟ ପରିଚାଳନା ନିୟମକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

- ■ ନ୍ୟାସନାଲ୍ ବିଲ୍ଡିଂ କୋଡ୍‌ର ନିୟମକୁ ଆଖିଠାର
- ■ ହେଉନି ଲିଫ୍ଟ ବ୍ୟବହାରକାରୀଙ୍କ ସୁରକ୍ଷା ସୁନିଶ୍ଚିତ

ରାଜ୍ୟର ମୁଖ୍ୟତଃ ସହରାଞ୍ଚଳଗୁଡ଼ିକରେ ବିଶେଷ କରି ରାଜଧାନୀରେ ଲିଫ୍ଟ ଜନିତ ଦୁର୍ଘଟଣା ସଂଖ୍ୟା ବଢ଼ିବାରେ ଲାଗିଛି । ଗୋଟିଏ ଲିଫ୍ଟର ଜୀବନକାଳ ୨୦ରୁ ୨୫ବର୍ଷ ହୋଇଥିବା ବେଳେ ରାଜ୍ୟ ତଥା ରାଜଧାନୀରେ କେତେ ଲିଫ୍ଟ ଏହି ସମୟସୀମା ପାର୍ କରିସାରିଲାଣି, ସେନେଇ କୌଣସି ବିଭାଗ ନିକଟରେ ତଥ୍ୟ ନ ଥିବା ଜଣାପଡ଼ିଛି । ଲିଫ୍ଟର ଯାଞ୍ଚ ଓ ପରିଚାଳନା ନେଇ କୌଣସି ବିଭାଗ ଉତ୍ତରଦାୟୀ ନଥିବାରୁ ଲୋକଙ୍କ ଜୀବନ ଉପରେ ମଧ୍ୟ ବିପଦ ଆଶଙ୍କା ରହୁଛି ।

ନ୍ୟାସନାଲ୍ ବିଲ୍ଡିଂ କୋଡ୍(ଏନ୍‌ବିସି)ରେ ରହିଥିବା ନିୟମ ମାନିବା ପାଇଁ ସବୁ ରାଜ୍ୟର ପୌରସଂସ୍ଥା ଓ କର୍ତ୍ତୃପକ୍ଷଙ୍କ ପାଇଁ ବାଧ୍ୟତାମୂଳକ ରହିଛି । ଘର ନର୍ମାଣ ପାଇଁ ପ୍ଲାନ୍ ଅନୁମୋଦନ ଦେବା ବେଳେ ଏନ୍‌ବିସି କରିଥିବା ନିୟମ ପାଳନ କରିବା ପାଇଁ ସ୍ଥାନୀୟ ପୌରସଂସ୍ଥା ଓ ଉନ୍ନୟନ କର୍ତ୍ତୃପକ୍ଷମାନେ ନିର୍ଦ୍ଦେଶ ଦେଇଥାନ୍ତି । ଏନ୍‌ବିସି ପକ୍ଷରୁ ବିଲ୍ଡିଂଗୁଡ଼ିକରେ ଲିଫ୍ଟ ପାଇଁ ମଧ୍ୟ ନିୟମ ରହିଛି । ଏହି ନିୟମ ଅନୁଯାୟୀ, ଗ୍ରାଉଣ୍ଡ+୨ ଫ୍ଲୋର୍‌କୁ ଛାଡ଼ି ୨୦ଟି ଘର ପାଇଁ ଗୋଟିଏ ଲେଖାଏଁ ଲିଫ୍ଟ ରଖିବା ବାଧ୍ୟତାମୂଳକ କରାଯାଇଛି । ଏହାସହ ଆପାର୍ଟମେଣ୍ଟର ପ୍ରତି ବିଲ୍ଡିଂ ବ୍ଲକ୍‌ରେ ଗୋଟିଏ ଷ୍ଟ୍ରେଚର୍ ଲିଫ୍ଟ ଏବଂ ବହୁତଳ କାର୍ ପାର୍କିଂଗୁଡ଼ିକରେ ଲିଫ୍ଟ ରଖିବାର ନିୟମ ରହିଛି । ଏମିତି ଦେଶର ବିଭିନ୍ନ ରାଜ୍ୟ ନିଜସ୍ୱ ଲିଫ୍ଟ ପରିଚାଳନା ନିୟମ କରିଛନ୍ତି । ଏଥିପାଇଁ ଲିଫ୍ଟ ଲଗାଉଥିବା ବିଲ୍ଡିଂ ଆବଶ୍ୟକ ଦେୟ ଦେବାର ନିୟମ ମଧ୍ୟ ରହିଛି । ହେଲେ ଓଡ଼ିଶା ଏ କ୍ଷେତ୍ରରେ କୌଣସି ପଦକ୍ଷେପ ନେଉ ନଥିବାରୁ ଅନେକ ସମୟରେ ଲିଫ୍ଟଜନିତ ଦୁର୍ଘଟଣା ଘଟୁଥିଲେ ମଧ୍ୟ କାହାରି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ।

ଗତ ୨୦୨୨ ଜାନୁଆରୀରେ ଗୋଟିଏ ଆପାର୍ଟମେଣ୍ଟର ଲିଫ୍ଟ ଖସି ପଡ଼ିବାରୁ ଜଣେ ୬୮ ବର୍ଷୀୟ ବୃଦ୍ଧଙ୍କର ମୃତ୍ୟୁ ହୋଇଥିଲା । ସମାନ ଭାବେ ଗତବର୍ଷ ଜୁଲାଇ ୨୪ତାରିଖରେ ଗୋଠପାଟଣାସ୍ଥିତ ସାଇ ଆଶ୍ରୟ ଆପାର୍ଟମେଣ୍ଟରେ ଜଣେ ଡେଲିଭରି ବୟ ଲିଫ୍ଟରୁ ପଡ଼ି ଗୁରୁତର ଆହତ ହୋଇଥିଲେ । ଏହାପରେ ସମ୍ପୃକ୍ତ ଆପାର୍ଟମେଣ୍ଟର କିଛି ଲୋକ ବିଲ୍ଡରଙ୍କ ବେପରୁଆ ନୀତି ଉପରେ ଅଭିଯୋଗ ଆଣିଥିଲେ । ସେହିପରି ନ' ତାଲାରେ ଅନେକ ସମୟରେ ଲିଫ୍ଟ ସମସ୍ୟା ନେଇ ଅଭିଯୋଗ ଆସୁଥିବା ବେଳେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି ।

ଅପରପକ୍ଷେ, ବହୁ ଆପାର୍ଟମେଣ୍ଟ ଲିଫ୍ଟ ନିୟମ ପାଳନ କରୁ ନଥିଲେ ମଧ୍ୟ ସେମାନଙ୍କୁ କିପରି ଅକୁପାନ୍ସି ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି, ସେନେଇ ମଧ୍ୟ ବିଡିଏ ଉପରେ ଅଙ୍ଗୁଳି ଉଠିଛି । ରାଜଧାନୀରେ ଅନେକ ବଡ଼ ବଡ଼ କୋଠା ରହିଥିବା ବେଳେ ପ୍ରତିଦିନ ହଜାର ହଜାର ଲୋକ ଲିଫ୍ଟ ବ୍ୟବହାର ଉପରେ ନିର୍ଭର କରିଥା'ନ୍ତି । ତେଣୁ ଆବଶ୍ୟକ ନିୟମ କରି ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଦାବି କରାଯାଇଛି ।






ସକାଳ
THE SAKALA
www.sakalaepaper.com

୧୧,୨୮୩ ଭୋଟରେ ଜିତିଲେ କଂଗ୍ରେସ ପ୍ରାର୍ଥୀ

# ନିର୍ବାଚନ ହାରିଲେ ରାଜସ୍ଥାନ ମନ୍ତ୍ରୀ



ଜୟପୁର, ୮।୧ (ଏଜେନ୍ସି): ରାଜସ୍ଥାନର ବିଜେପି ସରକାରକୁ ବଡ଼ ଝଟ୍‌କା ଲାଗିଛି। ବିଧାୟକ ହେବା ପୂର୍ବରୁ ମନ୍ତ୍ରୀ ହୋଇଥିବା ସୁରେନ୍ଦ୍ର ପାଲ୍ ସିଂହ ଟିଟି ବିଧାନସଭା ନିର୍ବାଚନରେ ପରାଜିତ ହୋଇଛନ୍ତି। ଶ୍ରୀଗଙ୍ଗାନଗରର କରଣପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ରୁପିନ୍ଦର ସିଂହ କନୁର ତାଙ୍କୁ ୧୧,୨୮୩ ଭୋଟରେ ପରାସ୍ତ କରିଛନ୍ତି। ପୂର୍ବରୁ ଏହି ଆସନର କଂଗ୍ରେସ ପ୍ରାର୍ଥୀ ଥିବା ଗୁରମୀତ ସିଂହ କନୁରଙ୍କ ଗତ ବର୍ଷ ନଭେମ୍ବର ୧୫ରେ ପ୍ରାଣ ହରାଇଥିଲେ। ଏଥିଯୋଗୁଁ ଏହି ଆସନରେ ନିର୍ବାଚନ ହୋଇପାରି ନ ଥିଲା। ଏହି ଆସନ ହାତେଇବା ପାଇଁ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ସରକାର ବଡ଼ ଯୋଜନା କରିଥିଲେ। ଟିଟିଙ୍କୁ ରାଷ୍ଟ୍ରମନ୍ତ୍ରୀ ବନାଇ ଜନମତକୁ ପ୍ରଭାବିତ କରିବାକୁ ପ୍ରୟାସ କରିଥିଲେ। ତେବେ ବିରୋଧୀ ଦଳଗୁଡ଼ିକ ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ବୋଲି କହିଥିଲେ। ଏହି ଚାଲ୍ ସତ୍ତ୍ୱେ ବିଜେପି ପ୍ରାର୍ଥୀଙ୍କୁ ଲୋକେ ପସନ୍ଦ କରି ନ ଥିଲେ। ମାତ୍ର ଏବେ ସେ ମନ୍ତ୍ରୀ ରହିବେ କି ଇସ୍ତଫା ଦେବେ ତାହା ଜଣାପଡ଼ି ନାହିଁ। ଏହି ବିଜୟକୁ ନେଇ କଂଗ୍ରେସ ବିଜେପିକୁ ନିଶାଣ କରିଛି। ସରକାର ମନ୍ତ୍ରୀ ବନାନ୍ତି, ବିଧାୟକ ନୁହେଁ ବୋଲି କୁହାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହି ବିଜୟ ପାଇଁ କରଣପୁର ଲୋକଙ୍କୁ ଧନ୍ୟବାଦ ଦେଇଛନ୍ତି। ଲୋକେ ବିଜେପିର ଗର୍ବକୁ ଚୂର୍ଣ୍ଣ କରିଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି ପ୍ରାର୍ଥୀକୁ ମନ୍ତ୍ରୀ ବନାଇ ଥିବା ଏହି ଦଳକୁ ଉଚିତ ଶିକ୍ଷା ଦେଇଛନ୍ତି। ସେହିପରି ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକ ନିଜ ଦାୟିତ୍ୱ ଭୁଲିଗଲେ ଜନତାଙ୍କ ଦରବାରରେ ନ୍ୟାୟ ମିଳେ ବୋଲି ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଗୋବିନ୍ଦ ସିଂହ ଦୋତାସରା କହିଛନ୍ତି।

ରିଲ୍ କରିବାକୁ ମନାକରିଥିଲେ

# ନିଜ ଘରଲୋକଙ୍କ ସହ ସ୍ୱାମୀଙ୍କୁ ମାରିଲେ ପତ୍ନୀ



ବେଗୁସରାୟ, ୮।୧ (ଏଜେନ୍ସି): ବିହାର ବେଗୁସରାୟର ଫାଫୁତରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାରେ ଇନଷ୍ଟାଗ୍ରାମ ରିଲ୍ ପାଇଁ ରବିବାର ରାତିରେ ଜଣଙ୍କୁ ହତ୍ୟା କରାଯାଇଛି। ଇନଷ୍ଟାଗ୍ରାମ ରିଲ୍‌ରେ ସ୍ତ୍ରୀ ସବୁବେଳେ ବ୍ୟସ୍ତ ରହୁଥିଲେ। ସମସ୍ତିପୁର ନରହ ଗ୍ରାମର ମହେଶ୍ୱର କୁମାର ରାୟ ସ୍ତ୍ରୀଙ୍କୁ ରିଲ୍ ନ କରିବା ପାଇଁ କହିଥିଲେ। ଏହାକୁ ନେଇ ସ୍ତ୍ରୀ ନିଜ ବାପ ଘର ଲୋକଙ୍କ ସହ ମିଶି ସ୍ୱାମୀଙ୍କୁ ମାରି ଦେଇଛନ୍ତି। ପରେ ହତ୍ୟାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ପ୍ରୟାସ କରିଛନ୍ତି। ଦଉଡ଼ି ଦେଇ ମହେଶ୍ୱର ଆତ୍ମହତ୍ୟା କରିଥିବା କହିଛନ୍ତି। ଡାକ୍ତରଖାନାକୁ ନ ନେଇ ମୃତଦେହର ଅନ୍ତିମ ସଂସ୍କାର କରୁଥିବାବେଳେ ପୁଲିସ ପହଞ୍ଚିଯିବାରୁ ଅପରାଧୀଙ୍କ ଯୋଜନା ଭଣ୍ଡୁର ହୋଇ ଯାଇଥିଲା। ପୁଲିସ ଉକ୍ତ ମହିଳାଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର ଅଛନ୍ତି। ସୂଚନା ଅନୁଯାୟୀ ମହେଶ୍ୱର ୬ ବର୍ଷ ତଳେ ରାନୀ କୁମାରୀଙ୍କୁ ବିବାହ କରିଥିଲେ। ଉଭୟଙ୍କର ୬ ବର୍ଷର ଶିଶୁପୁତ୍ର ଅଛି। ମହେଶ୍ୱରେ କୋଲକାତାରେ ଶ୍ରମିକ ଭାବେ କାମ କରୁଥିଲେ। ସେ କିଛି ଦିନ ତଳେ ଶ୍ୱଶୁର ଘରକୁ ଆସିଥିଲେ। ସ୍ତ୍ରୀ ଦିନରାତି ରିଲ୍ ବନାଉଥିବା ଦେଖି ସେ ଚିନ୍ତିତ ହୋଇ ଯାଇଥିଲେ। ଇନଷ୍ଟାରେ ରାନୀଙ୍କର ୯ ହଜାରରୁ ଅଧିକ ଫଲୋଅର୍ସ ଥିଲେ। ସେ ୫୦୦ରୁ ଅଧିକ ରିଲ୍ ବନାଇ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାପଘର ଲୋକଙ୍କ ସହ ମିଶି ରାଣୀ ନିଜ ସ୍ୱାମୀଙ୍କୁ ହତ୍ୟା କରିଥିଲେ। ପୀଡ଼ିତଙ୍କ ଭାଇ ରୁଦାଲ ଫୋନ୍ କରିବାରୁ ଆଉ ଜଣେ କଲ୍ ଉଠାଇ ଥିଲେ। ପରେ ତାଙ୍କ ଘର ଲୋକ ପୁଲିସ ସହିତ ପହଞ୍ଚି ଶ୍ୱଶୁର ଘରୁ ମହେଶ୍ୱରଙ୍କ ମୃତଦେହ ଉଦ୍ଧାର କରିଥିଲେ।

ଖଣି ଦୁର୍ନୀତି ମାମଲାରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ

# ପୂର୍ବତନ ବିଧାୟକ ଦିଲ୍‌ବାଗ ସିଂହ ଗିରଫ

ଯମୁନାନଗର, ୮।୧ (ଏଜେନ୍ସି): ବେଆଇନ ଖଣି ଦୁର୍ନୀତି ମାମଲାରେ ଚଢ଼ଉ ଶେଷ ହେବା ପରେ ହରିୟାଣା ଯମୁନାନଗରର ପୂର୍ବତନ ବିଧାୟକ ଦିଲ୍‌ବାଗ ସିଂହ ଏବଂ ତାଙ୍କ ସହଯୋଗୀ କୁଲବିନ୍ଦର ସିଂହଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଗିରଫ କରିଛି। ଗତ ୪ ତାରିଖରେ ଇଣ୍ଡିଆନ ନ୍ୟାସନାଲ ଲୋକ ଦଳ (ଆଇଏନଏଲ୍‌ଡି) ପୂର୍ବତନ ବିଧାୟକ ସିଂହଙ୍କ ସହିତ ତାଙ୍କ ସମ୍ବନ୍ଧୀ ତଥା କଂଗ୍ରେସର ସୋନିପତ ବିଧାୟକ ସୁରେନ୍ଦ୍ର ପନୱରଙ୍କ ଘର ଏବଂ ବିଭିନ୍ନ ଠିକଣାରେ ଚଢ଼ଉ ଆରମ୍ଭ ହୋଇଥିଲା। ୫ ଦିନ ପରେ ସୋମବାର ଏହି ଚଢ଼ଉ ଶେଷ ହୋଇଛି। ଏହି ସମୟରେ



ଦିଲବାଗ ଏବଂ ତାଙ୍କ ସହଯୋଗୀଙ୍କ ଠିକଣାରୁ ବେଆଇନ ଭାବେ ରଖାଯାଇଥିବା ୫ଟି ବିଦେଶୀ ରାଇଫଲ୍ସ, ୩୦୦ ଗୁଳି ଏବଂ କ୍ୟାଟ୍ରିଜ, ଶହେରୁ ଅଧିକ ମଦ ବୋତଲ, ୩ କେଜିର ସୁନା ବିସ୍କୁଟ ଏବଂ ୫ କୋଟି ଟଙ୍କା ଜବତ କରାଯାଇଥିଲା। ବେଆଇନ ଅସ୍ତ୍ରଶସ୍ତ୍ର ରଖିବାକୁ ନେଇ ଇଡି ପ୍ରତାପ ନଗର ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏବେ ବିଧାୟକ ଏବଂ ତାଙ୍କ ସହଯୋଗୀଙ୍କୁ କୋର୍ଟରେ ଉପସ୍ଥାପନ କରି ହେପାଜତରେ ନେବାକୁ ଇଡି ପ୍ରସ୍ତୁତ କରୁଛି। ସେହିପରି ଜବତ ମଦକୁ ନେଇ ହରିୟାଣା ସରକାରଙ୍କ ପକ୍ଷରୁ ଆଉ ଏକ ମାମଲା ରୁଜୁ କରାଯାଇଛି।

# ନ୍ୟୁୟର୍କ ଟାଇମ୍ସ ସ୍କୋୟାରରେ ପ୍ରସାରିତ ହେବ ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ନୂଆଦିଲ୍ଲୀ,୮।୧(ଏଜେନ୍ସି): ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ବହୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭାରତ ବ୍ୟତୀତ ଏହି ଭବ୍ୟ ଉତ୍ସବକୁ ବିଭିନ୍ନ ରାଷ୍ଟ୍ରରେ ପ୍ରବାସୀ ଭାରତୀୟମାନେ ଭବ୍ୟତା ସହ ପାଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହିକ୍ରମରେ ନ୍ୟୁୟର୍କ ସହରର ଐତିହାସିକ ଟାଇମ୍ସ ସ୍କୋୟାରରେ ଜାନୁଆରୀ ୨୨ ତାରିଖରେ ରାମ ମନ୍ଦିରର ପ୍ରତିଷ୍ଠା ସମାରୋହର ସିଧା ପ୍ରସାରଣ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ଭାରତରେ ସମସ୍ତ ରାଜ୍ୟରେ ସିଧା ପ୍ରସାରଣ ବ୍ୟତୀତ ଭାରତୀୟ ଦୂତାବାସଗୁଡ଼ିକରେ ମଧ୍ୟ ଏହି ଭବ୍ୟ ଉତ୍ସବ ପ୍ରସାରିତ ହେବ। ଏହି ଐତିହାସିକ ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଓ ବିଦେଶର ସମସ୍ତ ରାମଭକ୍ତଙ୍କୁ ସମ୍ବୋଧିତ କରିବେ। ମୁଖ୍ୟ ସମାରୋହର ଏକ ସପ୍ତାହ ପୂର୍ବରୁ ରାମଲାଲାଙ୍କ ପ୍ରାଣ-ପ୍ରତିଷ୍ଠା ସମାରୋହ ପାଇଁ ବୈଦିକ ରୀତିନୀତି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

# ପଶ୍ଚିମବଙ୍ଗରେ ୧୦ ହଜାର କୋଟିର ପିଡିଏସ୍ ଦୁର୍ନୀତି: ଇଡି

ନୂଆଦିଲ୍ଲୀ, ୮।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ବଡ଼ଧରଣର ରାସନ (ପିଡିଏସ) ଦୁର୍ନୀତି ହୋଇଛି। ଶହେ କି ହଜାରେ କୋଟି ନୁହେଁ, ୯ରୁ ୧୦ ହଜାର କୋଟିର ରାସନ ଦୁର୍ନୀତି କରାଯାଇଛି। କେବଳ ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ଏହି ପରିମାଣରୁ ଦୁର୍ନୀତି ହୋଇଛି। ଏଥିରୁ ପ୍ରାୟ ୨ ହଜାର କୋଟି ଟଙ୍କା ବାଂଲାଦେଶ ଦେଇ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଦୁବାଇ ପଠାଯାଇଛି। ଇଡି ପକ୍ଷରୁ ଏହି ଦାବି କରାଯାଇଛି। ଏହି ଦୁର୍ନୀତିରେ ଅନେକ ଲୋକ ସାମିଲ ଅଛନ୍ତି। ଏହାର ପରିସର ଅତ୍ୟନ୍ତ ବ୍ୟାପକ। ତେଣୁ ଦୁର୍ନୀତି ପରିମାଣ ଆହୁରି ଅଧିକ ହୋଇପାରେ ବୋଲି ଆଶା କରାଯାଉଛି। ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ ଏହି ମାମଲାର ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ଏହି ମାମଲାରେ ଇଡି ଟିମ୍ ଶାହାଜାନ ଶେଖଙ୍କ ଘରେ ଚଢ଼ଉ କରିଥିଲା। ଏହି ସମୟରେ ତାଙ୍କର ଶହ ଶହ ସମର୍ଥକ ଏବଂ ଅପରାଧି ଟିମ୍ ଉପରେ ଆକ୍ରମଣ କରିଥିଲେ। ଏଥିରେ ଅନେକ ଅଧିକାରୀ ଆହତ ହୋଇଥିଲେ।

ବିଲ୍‌କିସ୍ ବାନୋ ମାମଲାରେ ଗୁଜରାଟ ସରକାରଙ୍କୁ 'ସୁପ୍ରିମ ଛାଟ'

# ୧୧ ଦୋଷୀଙ୍କ ମୁକ୍ତି ବେଆଇନ

ନୂଆଦିଲ୍ଲୀ,୮।୧(ଏଜେନ୍ସି):

ବହୁ ଚର୍ଚ୍ଚିତ ୨୦୦୨ ଗୁଜରାଟ ଦଙ୍ଗା ପୀଡ଼ିତା ବିଲକିସ ବାନୋ ମାମଲାରେ ଜଡ଼ିତ ୧୧ ଜଣ ଦୋଷୀଙ୍କୁ ଜେଲରୁ ମୁକ୍ତ କରାଯିବା ଘଟଣାରେ ସୁପ୍ରିମକୋର୍ଟ ସୋମବାର ଗୁଜରାଟ ସରକାରଙ୍କ ଉପରେ ବର୍ଷିଛନ୍ତି। ଗୁଜରାଟ ସରକାର ଯେଉଁ ଆଧାରରେ ଏହି ଦୋଷୀମାନଙ୍କୁ ମୁକ୍ତ କରିଛନ୍ତି ତାହା ସମ୍ପୂର୍ଣ୍ଣ ବେଆଇନ ଏବଂ ସେମାନଙ୍କୁ ମୁକ୍ତ କରିବା ଦିଗରେ ସରକାରଙ୍କ କୌଣସି କ୍ଷମତା ନାହିଁ ବୋଲି ଏହି ମାମଲାର ରାୟ ପ୍ରକାଶ କରି କହିଛନ୍ତି। ଗୁଜରାଟ ସରକାରଙ୍କ ନିର୍ଦ୍ଦେଶକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲା ବେଳେ ବିଲକିସ ବାନୋ ମାମଲାରେ ଜେଲରୁ ମୁକ୍ତ ହୋଇଥିବା ୧୧ ଦୋଷୀ ପୁଣି ଜେଲ ଯିବା ନିଶ୍ଚିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗୁଜରାଟ ଦଙ୍ଗା ବେଳେ ବିଲକିସ୍ ବାନୋଙ୍କ ସହ ଗଣଦୁଷ୍କର୍ମ କରିବା ସହ ତାଙ୍କ ପରିବାର ୭ ସଦସ୍ୟଙ୍କୁ ହତ୍ୟା କରିବା ଘଟଣାରେ ଏହି ୧୧ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ସହିତ ସ୍ୱତନ୍ତ୍ର ଅଦାଲତଙ୍କ ଦ୍ୱାରା ୨୦୦୮ରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ୧୧ ଦୋଷୀ ଜେଲରୁ ମୁକ୍ତି ପାଇଁ ଆବେଦନ କରିଥିଲା ବେଳେ ଏହାକୁ ବିଚାର କରିବା ଲାଗି ସୁପ୍ରିମକୋର୍ଟ ମେ '୨୦୨୨ରେ କେନ୍ଦ୍ର ଏବଂ ଗୁଜରାଟ ସରକାରଙ୍କୁ କହିଥିଲେ। ପରେ ପରେ ଏହି ୧୧ ଜଣଙ୍କୁ ଗୁଜରାଟ ସରକାର ସ୍ୱତନ୍ତ୍ର କ୍ଷମାନୀତି ବଳରେ ୨୦୨୨ ଅଗଷ୍ଟ ୧୫ରେ ମୁକ୍ତ କରି ଦେଇଥିଲେ। କିନ୍ତୁ ଗୁଜରାଟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ବିରୋଧ କରାଯିବା ସହିତ ବିଲକିସ୍ ବାନୋ ମଧ୍ୟ ଏହାକୁ ଚ୍ୟାଲେଞ୍ଜ କରି ୨୦୨୨ ନଭେମ୍ବରରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ବି ଭି ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଏହି ମାମଲାର ବିଚାର କରି ସୋମବାର ରାୟ ପ୍ରକାଶ କରିବା ସହିତ ଗୁଜରାଟ ସରକାରଙ୍କ ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। ଏଥିସହ ୨ ସପ୍ତାହ ମଧ୍ୟରେ ଜେଲରୁ ବାହାରିଥିବା ସମସ୍ତ ୧୧ ଜଣଙ୍କୁ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିବାକୁ କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ସବୁ ବିରୋଧୀ ଦଳ ସ୍ୱାଗତ କରିଛନ୍ତି। ଏହା ନ୍ୟାୟର ବିଜୟ ଏବଂ ବିଜେପି ମହିଳା ବିରୋଧୀ ଓ ଅପରାଧୀଙ୍କୁ ସୁରକ୍ଷା ଯୋଗାଇ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଅବସରରେ ପିଡିପି ନେତ୍ରୀ ମେହବୁବା ମୁଫତିଙ୍କ ଠାରୁ ଆରମ୍ଭ କରି ଆସାଦୁଦ୍ଦିନ ଓୱେସୀ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପର୍ଯ୍ୟନ୍ତ ସମସ୍ତେ ବିଜେପି ଉପରେ ବର୍ଷିଛନ୍ତି। ରାହୁଲ ଏକ୍ସରେ କହିଛନ୍ତି, ଭୋଟ୍ ଫାଇଦା ପାଇଁ ନ୍ୟାୟକୁ ହତ୍ୟା କରାଯିବା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ବିପଦଜନକ। ଅପରାଧୀଙ୍କୁ କିଏ ସୁରକ୍ଷା ଦେଉଛି ତାହା ଆଜି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ବିଲକିସ ବାନୋଙ୍କ ସଂଘର୍ଷ ଅହଂକାରୀ ବିଜେପି ସରକାର ବିରୋଧରେ ବିଜୟ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ର ଏବଂ ଗୁଜରାଟ ସରକାର ବିଲକିସ୍ ବାନୋଙ୍କୁ କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି ଓୱେସୀ ଦାବି କରିଛନ୍ତି।



ପୁଣି ଜେଲ୍‌କୁ ଫେରିବେ ଦୋଷୀ



'ହିଟ୍ ଆଣ୍ଡ ରନ୍' ମାମଲାକୁ ନେଇ ଏନ୍‌ସିଆର୍‌ବି ରିପୋର୍ଟ

# ପ୍ରତି ଘଣ୍ଟାରେ ଯାଉଛି ୬ ଜୀବନ

ନୂଆଦିଲ୍ଲୀ,୮।୧(ଏଜେନ୍ସି): ସାରା ଦେଶରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ବିଶେଷକରି ' ହିଟ ଆଣ୍ଡ ରନ' ମାମଲାରେ ସର୍ବାଧିକ ଜୀବନ ଯାଉଛି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଆଣିଥିବା ଆଇନକୁ ନେଇ ବର୍ତ୍ତମାନ ସାରା ଦେଶରେ ବିରୋଧାଭାସ ଦେଖାଯିବା ସହିତ ବିଭିନ୍ନ ମହଲରେ ଏହାକୁ ନେଇ ଚର୍ଚ୍ଚା ଚାଲିଛି । ତେବେ ହିଟ୍ ଆଣ୍ଡ ରନ୍‌କୁ ନେଇ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି) ଯେଉଁ ରିପୋର୍ଟ ପ୍ରକାଶ କରିଛି ତାହା ବିଭିନ୍ନ ମହଲରେ ଚିନ୍ତା ବଢ଼ାଇଛି। ଏନସିଆରବି ରିପୋର୍ଟ ଅନୁସାରେ ହିଟ ଆଣ୍ଡ ରନ ମାମଲାରେ ପ୍ରତି ଘଣ୍ଟାରେ ୬ଜଣଙ୍କର ମୃତ୍ୟୁ ଘଟୁଛି। କେବଳ ଏତିକି ନୁହେଁ, ଏହି କାରଣରୁ ପ୍ରତିଦିନ ପ୍ରାୟ ୧୪୦ଜଣ ଲୋକ ପ୍ରାଣ ହରାଉଛନ୍ତି। ଅନ୍ୟପକ୍ଷରେ ହିଟ୍ ଆଣ୍ଡ ରନ୍ ମାମଲାର ୫୦ ପ୍ରତିଶତରୁ ଅଧିକ ମାମଲାରେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବାରେ ପୁଲିସ ବିଫଳ ହେଉଥିବା ଏହି ରିପୋର୍ଟରେ କୁହାଯାଇଛି। ଡ୍ରାଇଭରମାନେ ଦୁର୍ଘଟଣା ଘଟାଇ ଫେରାର ହେବାରେ ସକ୍ଷମ ହେଉଛନ୍ତି। ଫଳରେ ପୀଡ଼ିତଙ୍କୁ ନ୍ୟାୟ ଓ କ୍ଷତିପୂରଣ ମଧ୍ୟ ମିଳିପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନୂଆ ନିୟମ ଅଣାଯିବା ନେଇ ଘୋଷଣା କରାଯାଇଥିଲା। ଏଥିରେ କୌଣସି ଟ୍ରକ ବା ବସର ଡ୍ରାଇଭର ଦୁର୍ଘଟଣା ଘଟାଇ ଫେରାର ହେବାକୁ ଚେଷ୍ଟା କଲେ ସ୍ଥଳ ବିଶେଷରେ ୭ ରୁ ୧୦ବର୍ଷ ଜେଲଦଣ୍ଡ ଭୋଗିବାର ପ୍ରାବଧାନ ରହିଥିଲା। ଏହାଛଡ଼ା ଜରିମାନା ବ୍ୟବସ୍ଥା ମଧ୍ୟ ରହିଥିଲା। ପୂର୍ବରୁ ହିଟ୍ ଆଣ୍ଡ ରନ୍ ମାମଲାରେ ଯଦି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଉଥିଲା, ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ତୁରନ୍ତ ଜାମିନ ମିଳିଯାଉଥିଲା। କିନ୍ତୁ ଦୁର୍ଘଟଣା ପରେ ଡ୍ରାଇଭର ଯଦି ପୁଲିସକୁ ସୂଚନା ନ ଦିଅନ୍ତି କିମ୍ବା ଆତ୍ମଗୋପନ କରନ୍ତି ତେବେ ସେଭଳି ସ୍ଥଳେ ଜାମିନ ନ ମିଳିବା ସହିତ କଠୋର ଦଣ୍ଡବିଧାନ କରାଯିବା ନେଇ ନୂଆ ନିୟମରେ ବ୍ୟବସ୍ଥା ରହିଛି। ସେହିପରି ପୂର୍ବରୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ୨ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା। କିନ୍ତୁ ଏବେ ଏହାକୁ ୭ ରୁ ୧୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କିନ୍ତୁ ଏହି ନୂଆ ନିୟମକୁ ଡ୍ରାଇଭର ସଂଘ ସମେତ ଅନ୍ୟ ମହଲରୁ ବିରୋଧ କରାଯାଇଥିବାରୁ ସରକାର ଏହାକୁ ସାମୟିକ ସ୍ଥଗିତ ରଖିଛନ୍ତି।

# ଆମେରିକାର ଚନ୍ଦ୍ର ମିଶନକୁ ଧକ୍କା

ୱାଶିଂଟନ୍,୮।୧(ଏଜେନ୍ସି): ପ୍ରାୟ ୫୦ ବର୍ଷ ପରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଚନ୍ଦ୍ର ଅଭିଯାନ ଆରମ୍ଭ ହୋଇଛି। ୧୯୭୨ ମସିହାରେ ଶେଷଥର ପାଇଁ ଆମେରିକା ବୈଜ୍ଞାନିକମାନେ ଚନ୍ଦ୍ର ଅଭିଯାନ କରିଥିଲା ବେଳେ ସୋମବାର ପୁଣିଥରେ ଏହି ଅଭିଯାନ ଆରମ୍ଭ ହୋଇଛି। କିନ୍ତୁ ଏହି ଅଭିଯାନକୁ ନେଇ ଆମେରିକୀୟ ବୈଜ୍ଞାନିକମାନଙ୍କୁ ନିରାଶ ହେବାକୁ ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ନାସା ସହଯୋଗିତାରେ ଏକ ଘରୋଇ କମ୍ପାନୀ ଏହାର ଲ୍ୟାଣ୍ଡରକୁ ଏକ ଶକ୍ତିଶାଳୀ ରକେଟ୍ ଯୋଗେ ସୋମବାର ଫ୍ଲୋରିଡା ଉପକୂଳରୁ ମହାକାଶକୁ ପ୍ରେରଣ କରିଥିଲା ବେଳେ ଉତକ୍ଷେପଣର କିଛି ଘଣ୍ଟା ପରେ ଲ୍ୟାଣ୍ଡରର ସୋଲାର ପ୍ୟାନେଲରେ ତ୍ରୁଟି ଦେଖାଯାଇଛି। ଏହି ଲ୍ୟାଣ୍ଡର ଫେବୃଆରୀ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

ବିବାଦରେ ନୟନତାରାଙ୍କ ଚଳଚ୍ଚିତ୍ର 'ଅନ୍ନାପୁରାନୀ'

# ଭଗବାନ ରାମଙ୍କୁ ଦର୍ଶାଯାଇଛି ମାଂସାଶୀ

ମୁମ୍ବଇ, ୮।୧ (ଏଜେନ୍ସି): ଅଭିନେତ୍ରୀ ନୟନତାରାଙ୍କ ଚଳଚ୍ଚିତ୍ର 'ଅନ୍ନାପୁରାନୀ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ଫିଲ୍ମରେ ଭଗବାନ ରାମଙ୍କୁ ମାଂସାଶୀ ଦର୍ଶା ଯାଇଛି। ଏହା ସହିତ ହିନ୍ଦୁଧର୍ମ ବିରୋଧରେ ଅନେକ ମିଥ୍ୟା ତଥ୍ୟ ଦିଆଯାଇଛି। ଧାର୍ମିକ ଭାବନାକୁ ଆଘାତ କରିବାକୁ ନେଇ ଚଳଚ୍ଚିତ୍ର ନିର୍ମାତାଙ୍କ ବିରୋଧରେ ମୁମ୍ବଇରେ ଏତଲା ରୁଜୁ କରାଯାଇଛି। ଶିବସେନାର ପୂର୍ବତନ ନେତା ରମେଶ ସୋଲାଙ୍କୀ ଏହି ଅଭିଯୋଗ କରିଛନ୍ତି। ଭଗବାନ ରାମଙ୍କୁ ଅପମାନିତ କରି ହିନ୍ଦୁ ସମାଜର ଭାବନାକୁ ଆଘାତ ଦିଆଯାଇଛି ବୋଲି କହିଛନ୍ତି। ସେ ନେଟ୍‌ଫ୍ଲିକ୍ସ ବିରୋଧରେ ମଧ୍ୟ ଏତଲା ରୁଜୁ କରିଛନ୍ତି। ସାରା ବିଶ୍ୱ ଭଗବାନ ରାମଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଉତ୍ସବ ମନାଉଥିବାବେଳେ ହିନ୍ଦୁ ବିରୋଧୀ ଚଳଚ୍ଚିତ୍ର 'ଅନ୍ନାପୁରାନୀ'କୁ ନେଟ୍‌ଫ୍ଲିକ୍ସରେ ଛଡ଼ା ଯାଇଛି। ଏହି ଚଳଚ୍ଚିତ୍ରକୁ ଜି ଷ୍ଟୁଡିଓ, ନାଦ ଷ୍ଟୁଡିଓ ଏବଂ ଟ୍ରାଇଡେଣ୍ଟ ଆର୍ଟ୍ସ ପ୍ରସ୍ତୁତ କରିଛି। ଏହି ଫିଲ୍ମରେ ଥିବା କିଛି ବିବାଦୀୟ ଦୃଶ୍ୟ ବିଷୟରେ ସୂଚନା ଦେଇ ସୋଲାଙ୍କୀ କହିଛନ୍ତି ଯେ ଜଣେ ହିନ୍ଦୁ ପୂଜାରୀର ଝିଅ ବିରିୟାନୀ ବନାଇବା ପୂର୍ବରୁ ନମାଜ ପଢୁଛି। ଚଳଚ୍ଚିତ୍ରରେ ଲଭ୍ ଜିହାଦକୁ ପ୍ରୋତ୍ସାହନ ଦିଆଯାଇଛି। ଫରହାନ ଅଭିନେତ୍ରୀଙ୍କୁ ମାଂସ ଖାଇବାକୁ ଦେଉଛି ଏବଂ ଭଗବାନ ରାମ ମଧ୍ୟ ମାଂସ ଖାଉଥିଲେ ବୋଲି କହୁଛି। ନେଟ୍‌ଫ୍ଲିକ୍ସ ଏବଂ ଜି ଷ୍ଟୁଡିଓ ଜାଣିଶୁଣି ଏପରି ଫିଲ୍ମ ବନାଇଛନ୍ତି। ସୂଚନାଯୋଗ୍ୟ ଯେ ଡିସେମ୍ବର ୧ରେ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରରେ ଜଣେ ମନ୍ଦିର ପୂଜାରୀଙ୍କ ଝିଅ ରୋଷେୟା ହେବାର ସ୍ୱପ୍ନ ପୂରଣ କରିବା ପାଇଁ ଆମିଷ ରାନ୍ଧୁଥିବା ଦେଖାଯାଇଛି। ଏହି ଚରିତ୍ରରେ ନୟନତାରା ଅଭିନୟ କରିଛନ୍ତି।

ଲାକ୍ଷାଦ୍ୱୀପ ବନାମ ମାଳଦ୍ୱୀପ ଝଡ଼

# ମହଙ୍ଗା ପଡ଼ିବ ଭାରତବିରୋଧୀ ମନ୍ତବ୍ୟ

ନୂଆଦିଲ୍ଲୀ,୮।୧(ଏଜେନ୍ସି):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ମାଳଦ୍ୱୀପର ତିନି ମନ୍ତ୍ରୀଙ୍କ ଅପମାନସୂଚକ ମନ୍ତବ୍ୟକୁ ନେଇ ଉଠିଥିବା ଝଡ଼ ଏବେ ବ୍ୟାପକ ରୂପ ନେବାର ଆଶଙ୍କା ସୃଷ୍ଟି କରିଛି। ଯେଉଁଥିପାଇଁ ମାଳଦ୍ୱୀପକୁ ଆଗାମୀ ଦିନରେ ବହୁମୂଲ୍ୟ ଦେବାକୁ ପଡ଼ିପାରେ ବୋଲି କୂଟନୀତିକ ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ତିନି ମନ୍ତ୍ରୀଙ୍କ ମନ୍ତବ୍ୟ ବ୍ୟକ୍ତିଗତ ଏବଂ ଏଥିରେ ମାଳଦ୍ୱୀପ ସରକାରଙ୍କ କୌଣସି ଭୂମିକା ନାହିଁ ବୋଲି ମାଳଦ୍ୱୀପ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲେ ହେଁ ଭାରତ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରିଛି। ଏହିକ୍ରମରେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ସୋମବାର ଭାରତରେ ଅବସ୍ଥାପିତ ମାଳଦ୍ୱୀପ ହାଇକମିସନରଙ୍କୁ ସମନ କରାଯାଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଦିଆଯାଇଥିବା ଟିକା ଟିପ୍ପଣୀକୁ ନେଇ ଦୃଢ ଆପତ୍ତି କରାଯାଇଛି। ସେପଟେ ମାଳଦ୍ୱୀପରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମଧ୍ୟ ମାଳଦ୍ୱୀପ ବୈଦେଶିକ ମନ୍ତ୍ରାଳୟ ପ୍ରତିପକ୍ଷଙ୍କୁ ଭେଟି ଭାରତର ପ୍ରତିକ୍ରିୟା ଜଣାଇଛନ୍ତି। ଏଭଳି ସ୍ଥଳେ ଏହି ବିବାଦ ଆଗକୁ ବଢ଼ିବା ସହିତ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ରହିଆସିଥିବା ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ବଢ଼ାଇଛି। ସବୁଠୁ ବଡ଼ କଥା ହେଲା ଏହି ବିବାଦ ମଧ୍ୟରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ କୌଣସି ପ୍ରତିକ୍ରିୟା ଦେଇ ନଥିଲା ବେଳେ ରବିବାର ସନ୍ଧ୍ୟାରେ ସପତ୍ନୀକ ୫ ଦିନିଆ ବେଜିଂ ଗସ୍ତ କରିଛନ୍ତି। କିନ୍ତୁ ଭାରତ ସହ ମାଳଦ୍ୱୀପର ସମ୍ପର୍କ ବ୍ୟାହତ ହେବା ଚିନ୍ତା ସେଠାକାର ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସାଂସଦ ଏବଂ ବିରୋଧୀ ଦଳର ନେତାଙ୍କୁ ଘାରିଛି। ବର୍ଷ ବର୍ଷ ଧରି ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ସମନ୍ୱୟ ରହି ଆସିଥିଲା ବେଳେ ଉଭୟ ଦେଶର ଲୋକଙ୍କ ମଧ୍ୟରେ ସଦ୍ଭାବନା ରହିଆସିଛି। କିନ୍ତୁ ଆଜିର ବିବାଦ ଏହି ସମ୍ପର୍କ ସେତୁକୁ ଭାଙ୍ଗି ଦେଇପାରେ ବୋଲି ସେମାନେ ଅନୁଭବ କରିଛନ୍ତି। ତେଣୁ ମାଳଦ୍ୱୀପର ତିନି ମନ୍ତ୍ରୀ ମୋଦୀଙ୍କ ପ୍ରତି ଦେଇଥିବା ମନ୍ତବ୍ୟକୁ ସେମାନେ ନିନ୍ଦା କରିବା ସହିତ ମାଇଜ୍ଜୁ ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି। ଏପରିକି ଏହି ଘଟଣା ପାଇଁ ମାଳଦ୍ୱୀପର ବହୁ ନେତା ଭାରତୀୟ ଗଣମାଧ୍ୟମରେ କ୍ଷମାପ୍ରାର୍ଥନା କରିଛନ୍ତି। ବିରୋଧୀ ଦଳ ନେତା ଫାୟାଜ ଇସମାଇଲ ଏବଂ ସାଂସଦ ଭା ଅବଦୁଲ୍ଲାଙ୍କ ସମେତ ବହୁ ନେତା ଏଭଳି ଘଟଣାକୁ ନେଇ ମର୍ମାହତ ବୋଲି କହିଛନ୍ତି। ୧୯୮୮ରେ ଅବଦୁଲ ଗାୟୁମ ସରକାରଙ୍କ ବିରୋଧରେ ସାମରିକ ବିଦ୍ରୋହ ଠାରୁ ଆରମ୍ଭ କରି କରୋନାକାଳରେ ଟିକା ଏବଂ ଔଷଧ ଯୋଗାଣ ପର୍ଯ୍ୟନ୍ତ ଭାରତର ସହାୟତାକୁ ମାଳଦ୍ୱୀପବାସୀ କଦାପି ଭୁଲିପାରିବେ ନାହିଁ ବୋଲି ସେମାନେ କହିଛନ୍ତି। ଅପରପକ୍ଷରେ ଭାରତରେ ମାଳଦ୍ୱୀପ ବିରୋଧୀ ଟ୍ରେଣ୍ଡ ଆହୁରି ଜୋର ଧରିଛି। ଭାରତୀୟ ଟୁର ଅପରେଟର, ଟ୍ରାଭେଲ ଏଜେନ୍ସି ଏବେ ପର୍ଯ୍ୟଟକମାନଙ୍କୁ ଲାକ୍ଷାଦ୍ୱୀପ ପ୍ରତି ଆକୃଷ୍ଟ କରାଇବା ସହ ମାଳଦ୍ୱୀପକୁ ବାଦ୍ ଦେବାକୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହିକ୍ରମରେ ଗତକାଲି ଠାରୁ ଆରମ୍ଭ ହୋଇଥିବା 'ମାଳଦ୍ୱୀପ ବୟକଟ୍' ଧାରାରେ ବଲିଉଡ୍ ତାରକାଙ୍କ ଠାରୁ ଆରମ୍ଭ କରି କ୍ରିକେଟିୟର ଏବଂ ସାଧାରଣ ଲୋକ ସାମିଲ ହୋଇଛନ୍ତି।



ମାଳଦ୍ୱୀପ ବିରୋଧୀ ନେତା, ସାଂସଦଙ୍କ ଦୃଢ଼ ନିନ୍ଦା

ଉଚ୍ଚାୟୁକ୍ତଙ୍କୁ ଭାରତର ସମନ, ମାଳଦ୍ୱୀପ ସରକାରଙ୍କୁ ଭେଟିଲେ ଭାରତୀୟ ରାଷ୍ଟ୍ରଦୂତ

## ଭାରତକୁ ଇସ୍ରାଏଲର ସମର୍ଥନ

ଭାରତ-ମାଳଦ୍ୱୀପ ବିବାଦରେ ପ୍ରଥମ ବିଦେଶୀ ରାଷ୍ଟ୍ରଭାବେ ଇସ୍ରାଏଲ ମୁହଁ ଖୋଲିଛି। ମାଳଦ୍ୱୀପ-ଲାକ୍ଷାଦ୍ୱୀପ ପ୍ରସଙ୍ଗରେ ଇସ୍ରାଏଲ ଭାରତକୁ ସମର୍ଥନ କରିବା ସହିତ ଲାକ୍ଷାଦ୍ୱୀପରେ ତୁରନ୍ତ ପର୍ଯ୍ୟଟନଭିତ୍ତିକ ପ୍ରକଳ୍ପ ନିର୍ମାଣ କରିବାକୁ କହିଛି। ଲାକ୍ଷାଦ୍ୱୀପରେ ପର୍ଯ୍ୟଟନ ଶିଳ୍ପର ବିକାଶ ସହ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ଭାରତ ସରକାର ଅଗ୍ରାଧିକାର ଦେଇଥିଲା ବେଳେ ଇସ୍ରାଏଲ ଭାରତ ସହ ମିଶି ଏଠାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ସୋମବାର ଇସ୍ରାଏଲ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଲାକ୍ଷାଦ୍ୱୀପର ସୌନ୍ଦର୍ଯ୍ୟ ଏବଂ ପରିବେଶକୁ ଇସ୍ରାଏଲ ପ୍ରଶଂସା କରିବା ସହ ପର୍ଯ୍ୟଟନର ବିକାଶ ପାଇଁ ଏଠାରେ ପର୍ଯ୍ୟାପ୍ତ ସମ୍ଭାବନା ରହିଛି ବୋଲି କହିଛି। ଏଦିଗରେ ଇସ୍ରାଏଲ ଭାରତକୁ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଛି। ସେହିପରି ସମୁଦ୍ର ପାଣିରୁ ପାନୀୟ ଜଳ ପ୍ରସ୍ତୁତ କରିବା ଲାଗି ଇସ୍ରାଏଲର ବୈଷୟିକ ବିଦ୍ୟାକୁ ଏଠାରେ ଉପଯୋଗ କରି ଲାକ୍ଷାଦ୍ୱୀପବାସୀଙ୍କୁ ସୁବିଧା ଯୋଗାଇ ଦେବାକୁ ମଧ୍ୟ ଇସ୍ରାଏଲ ପ୍ରତିଶ୍ରୁତିବଦ୍ଧ ବୋଲି କହିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଇସ୍ରାଏଲ ଗସ୍ତକାଳରେ ଏଦିଗରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଥିଲା। ସେହି ଅନୁସାରେ ଏହି ପ୍ରକଳ୍ପ ପାଇଁ କାର୍ଯ୍ୟ କରିବାକୁ ଇସ୍ରାଏଲ ପ୍ରସ୍ତୁତ ବୋଲି ଏହାର ରାଷ୍ଟ୍ରଦୂତ କହିଛନ୍ତି।

ଲାକ୍ଷାଦ୍ୱୀପରେ ତୁରନ୍ତ ପର୍ଯ୍ୟଟନ ପ୍ରକଳ୍ପ ଆରମ୍ଭ କରିବ

# ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବାଜ୍ୟାପ୍ତି ହେଉନି ୧୧ ଠକସଂସ୍ଥାର ସମ୍ପତ୍ତି

**ବାଲେଶ୍ୱର, ୮।୧(ସମିସ):** ବାଲେଶ୍ୱର ବିଚାର ବିଭାଗର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ୨୦୧୪ରୁ ଆଜି ପର୍ଯ୍ୟନ୍ତ ୧୧ଟି ଠକ ସଂସ୍ଥାର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟର ନିର୍ଦ୍ଦେଶ ଅନୁସାରେ ଏହି ବାଜ୍ୟାପ୍ତ ସମ୍ପତ୍ତିକୁ ନିଲାମ କରି ଏ ବାବଦକୁ ଯେଉଁ ଅର୍ଥ ମିଳିବ ତାହା ଜମାକାରୀଙ୍କୁ ଫେରାଯିବ; ମାତ୍ର ଦାୟିତ୍ୱରେ ଥିବା ଜିଲ୍ଲାପାଳଙ୍କ ଅଧୀନ ବିଚାର ବିଭାଗ ତରଫରୁ କୌଣସି ଏକ ଠକ ସଂସ୍ଥାର ବାଜ୍ୟାପ୍ତ ସମ୍ପତ୍ତିକୁ ବର୍ତ୍ତମାନ ସୁଦ୍ଧା ନିଲାମ ପୂର୍ବକ ବିକ୍ରି କରାଯାଇ ନାହିଁ। ଆର୍ଣ୍ଣ ମାକ୍ସ ପ୍ରାଇଭେଟ ଲିମିଟେଡ୍, ଏସଏନବି ରିଅଲକନ ଇଣ୍ଡିଆ ଲିମିଟେଡ୍, ଗ୍ରୀନରେ ଇଣ୍ଟର ନ୍ୟାସନାଲ ଲିମିଟେଡ୍, ସାଇ ଗାୟତ୍ରୀ ସ୍କାୟ କ୍ରାପର ଇଣ୍ଡିଆ ଲିମିଟେଡ୍, ଲକ୍ଷ୍ୟ ମାର୍କେଟିଂ ଲିମିଟେଡ୍, ଶାରଦା ରିଏଲିଟି ଇଣ୍ଡିଆ ଲିମିଟେଡ୍, ଶସ୍ତ୍ର ରିଏଲଟି ଲିମିଟେଡ୍, ନବଜ୍ୟୋତି ରିଏଲିଟି ଇଣ୍ଡିଆ ଲିମିଟେଡ୍, ଆସୋର ଲିମିଟେଡ୍, ଟ୍ରେଷ୍ଟି ସିକ୍ୟୁରିଟି ଲିମିଟେଡ୍, ସାଇ ଗାୟତ୍ରୀ ଲିମିଟେଡ୍ ପ୍ରମୁଖ ଠକ ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ପାଇଁ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। କେବଳ ଗ୍ରୀନରେ ଇଣ୍ଟରନ୍ୟାସନାଲର ବାଜ୍ୟାପ୍ତ ସମ୍ପତ୍ତିକୁ ନିଲାମ କରିବା ପାଇଁ ୬ବର୍ଷ ତଳେ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିଲାମରେ କେହି ଅଂଶ ଗ୍ରହଣ ନ କରିବାରୁ ଜିଲ୍ଲାପାଳଙ୍କ ଅଧୀନ ବିଚାର ବିଭାଗ ଏହାର ଅପସେଟ୍ ପ୍ରାଇସ୍ କମ୍ କରିବା ପାଇଁ ଚିଠି ଲେଖି ଦେଇ ଚୁପ୍। ତେବେ ଏ ବାବଦରେ ଜମାକାରୀ ଆନ୍ଦୋଳନର ଆବାହକ ଜୟନ୍ତ ଦାସ କହିଛନ୍ତି ଯେ, ଆଇନ ଓ ବିଚାର ବ୍ୟବସ୍ଥା ପ୍ରତି ଜମାକାରୀ ଆନ୍ଦୋଳନର ପୂର୍ଣ୍ଣ ସମ୍ମାନ ରହିଛି; କିନ୍ତୁ କୋର୍ଟ ନିର୍ଦ୍ଦେଶ ଦେଲା ପରେ ବି ଅସାଧୁ ସଂସ୍ଥାଗୁଡିକ ପ୍ରତି ପ୍ରଶାସନର ଅନୁକମ୍ପା ସନ୍ଦେହଜନକ। ଏହାକୁ ବରଦାସ୍ତ କରାଯିବ ନାହିଁ। ତେବେ ଏ ବାବଦରେ ଜିଲ୍ଲାପାଳଙ୍କ ଅଧୀନ ବିଚାର ବିଭାଗର ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କହିଛନ୍ତି ଯେ, ସେ ଏ ବାବଦରେ କିଛି ଜାଣି ନାହାନ୍ତି।

# ଏସ୍‌ସିବିରୁ ଡିସଚାର୍ଜ ହେଲେ ପଦ୍ମଶ୍ରୀ କମଳା ପୂଜାରୀ



**କଟକ, ୮।୧(ସମିସ):** ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି ପଦ୍ମଶ୍ରୀ କମଳା ପୂଜାରୀ। ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇଥିବା ପଦ୍ମଶ୍ରୀ ପୂଜାରୀଙ୍କର ଭେଷଜ ବିଭାଗ ଆଇସିୟୁରେ ଚିକିତ୍ସା ଚାଲିଥିଲା। ସ୍ୱାସ୍ଥ୍ୟାବସ୍ଥାରେ କ୍ରମଶଃ ଉନ୍ନତି ଆସିବା ପରେ ସୋମବାର ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି ବୋଲି ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ସେ ଘରେ ରହି ଚିକିତ୍ସିତ ହେବେ। ପ୍ରତ୍ୟେକ ମାସରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରାଯିବ। ଜୟପୁରର ଡାକ୍ତରମାନେ ପଦ୍ମଶ୍ରୀ ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରି ରିପୋର୍ଟ ପଠାଇବେ ବୋଲି ପ୍ରଫେସର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଗତ ଶୁକ୍ରବାର ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ପୂର୍ବରୁ କିଡନୀ ରୋଗରେ ଆକ୍ରାନ୍ତ ଥିଲେ। ଇତିମଧ୍ୟରେ ତାଙ୍କର ଏହି ସ୍ୱାସ୍ଥ୍ୟ ସମସ୍ୟା ବଢ଼ି ଯାଇଥିଲା। ଏହାଛଡ଼ା ଛାତିରେ ସଂକ୍ରମଣ ଯୋଗୁଁ ସେ ନିମୋନିଆରେ ଆକ୍ରାନ୍ତ ହୋଇଥିଲେ। ପଦ୍ମଶ୍ରୀ ପୂଜାରୀଙ୍କର ଉଚ୍ଚ ରକ୍ତଚାପ ଏବଂ ରକ୍ତହୀନତା ମଧ୍ୟ ପରିଲକ୍ଷିତ ହୋଇଥିଲା। ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠନ ହୋଇଥିବା ଦଳରେ ନେଫ୍ରୋଲୋଜି, ୟୁରୋଲୋଜି ଏବଂ ରେସପିରେଟୋରୀ ମେଡିସିନ ବିଭାଗର ଡାକ୍ତର ରହିଥିଲେ। ମେଡିକାଲ ପକ୍ଷରୁ ଗଠିତ ଡାକ୍ତରୀ ଦଳ ୨୪ ଘଣ୍ଟିଆ ନଜର ରଖିଥିଲା। ଡିସଚାର୍ଜ ସମୟରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଉପସ୍ଥିତ ଥିଲେ।


## AFFIDAVIT

I, Piyus Agrawal, S/o-Late Sri Parsuram Agarwalla, resident of At-Bazar Chhak, Angul, Po/Ps/Dist-Angul, Pin-759122, Odisha declare by this affidavit No.94, dated- 06/01/2024 that now onwards I shall be known as **PIYUS KUMAR AGARWALLA** for all future purposes.

## AFFIDAVIT

I, Hardev Singh Rajpal, S/o- Gyan Singh, resident of AT-A-59, Palaspalli, Aerodrome Area, PS- Airport, Bhubaneswar, Dist-Khurda, Pin-751020, Odisha declare by this affidavit No.27, dated- 05/01/2024 that now onwards I shall be known as **HARDEV SINGH** for all future purposes.

## SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**


# 'ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି' ଅନୁମୋଦନ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବିସିଜେଡି

**ଭୁବନେଶ୍ୱର,୮।୧(ସମିସ):** ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି ମାଧ୍ୟମରେ ଶିକ୍ଷାକୁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇଛନ୍ତି। ବିଭିନ୍ନ ପାଠ୍ୟକ୍ରମକୁ ସାମିଲ କରି ଛାତ୍ରବୃତ୍ତିର ପରିସୀମା ବ୍ୟାପକ କରିଛନ୍ତି। କୃଷକ ପରିବାରଙ୍କ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ପୁଣି ଥରେ ପ୍ରତିପାଦିତ ହୋଇଛି। ଅଧିକ ଛାତ୍ରଛାତ୍ରୀଙ୍କୁ ଏହାର ସୁବିଧା ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଭାବେ ପୋର୍ଟାଲ ଖୋଲିବାକୁ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି ସମ୍ପର୍କରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଘୋଷଣା କରିଛନ୍ତି। ଏହି ପଦକ୍ଷେପକୁ ଯୁଗାନ୍ତକାରୀ ଦର୍ଶାଇବା ସହ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି।

ଏହି ଅବସରରେ ଛାତ୍ର ବିଜେଡ଼ି ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ସମସ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଉତ୍ସାହଜନକ ବାତାବରଣ ସୃଷ୍ଟି କରିଥିବା କହିଛନ୍ତି। ନୂତନ ଭାବେ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ସହିତ ବିଭିନ୍ନ ପାଠ୍ୟକ୍ରମକୁ ସାମିଲ କରାଯାଇଛି। ଏଆଇଏସ୍ଏଚ୍‌ଇ ମାନ୍ୟତାପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ସହ ପ୍ରିମିୟମ ଶିକ୍ଷାନୁଷ୍ଠାନଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି। ମୁଖ୍ୟତଃ ରାଜ୍ୟ ଓ ରାଜ୍ୟ ବାହାରରେ ପଢୁଥିବା ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ। ଅନୁରୂପ ଭାବେ ହଷ୍ଟେଲ ଖର୍ଚ୍ଚ ବାବଦକୁ ୧୨୦୦ ଟଙ୍କା ଲେଖାଏଁ ବର୍ଷକୁ ୧୦ ମାସ ପ୍ରଦାନ କରାଯିବ।

ସେହିପରି ଡିପ୍ଲୋମା, ଆଇଟିଆଇ, ପଲିଟେକନିକ ପିଲାକୁ ହଜାରେ ଟଙ୍କା ଲେଖାଏଁ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏହା କୃଷକ ପରିବାରର ପିଲାଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକ ଆକୃଷ୍ଟ କରିବ ବୋଲି ସେ କହିଛନ୍ତି। ଶିକ୍ଷାକୁ ଆଗ୍ରାଧିକାର ଦେଇ ବିଭିନ୍ନ ସମୟରେ ଅଭିନବ ପଦକ୍ଷେପ ନେଉଥିବାରୁ ଛାତ୍ରଛାତ୍ରୀଙ୍କ ମନୋବଳ ଦୃଢ଼ ହେଉଥିବା ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଭୌତିକ ବିକାଶ କ୍ଷେତ୍ରରେ ଏପରି ଅଭିନବ ପ୍ରୟାସ ଜାରି ରହିବ ବୋଲି ବିସିଜେଡି ପକ୍ଷରୁ କୁହାଯାଇଛି।

# ମା' ମାଣିକେଶ୍ୱରୀ ମନ୍ଦିର ଅବ୍ୟବସ୍ଥା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ, ୮।୧(ସମିସ):** ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିରରେ ଅବ୍ୟବସ୍ଥା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। କେସିଙ୍ଗାର ଡକ୍ଟର ସାରଦା ପ୍ରସାଦ ମିଶ୍ରଙ୍କ ତରଫରୁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ପ୍ରତିଦିନ ଆସୁଥିବା ଭକ୍ତମାନେ ଏଠାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନ୍ଦିର ସମୟ ନିର୍ଘଣ୍ଟ ନଥିବା ବେଳେ ନୀତିକାନ୍ତି ଉପଯୁକ୍ତ ଭାବେ ସମ୍ପାଦନ କରାଯାଉନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। କଳାହାଣ୍ଡି ରାଜା ପରିବାର ଏହି ମନ୍ଦିର ପରିଚାଳନା କରି ଆସୁଛନ୍ତି। ପୂଜକମାନେ ମଧ୍ୟ ମନୋମୁଖୀ ଢଙ୍ଗରେ କାର୍ଯ୍ୟ କରୁଛନ୍ତି। ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗ ଅଧୀନରେ ନଥିବାରୁ ମନ୍ଦିର ସୁପରିଚାଳନା ଓ ଉନ୍ନତୀକରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଆବେଦନରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଭକ୍ତଙ୍କ ଅଭିଯୋଗ ଶୁଣିବାକୁ କେହି ଅଧିକାରୀ ନାହାନ୍ତି। ଏଭଳି ସ୍ଥିତିରେ ସରକାର ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହିତ ମା' ମାଣିକେଶ୍ୱରୀ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର କମିସନଙ୍କୁ ପ୍ରଦାନ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ମାମଲାରେ ରାଜ୍ୟ ଗୃହ ବିଭାଗ, ଦେବୋତ୍ତର କମିସନର, କଳାହାଣ୍ଡି ଜିଲ୍ଲାପାଳ, ଏସପି, ଉପଜିଲ୍ଲାପାଳ, ମା ମାଣିକେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।


## AFFIDAVIT

I, Chinmoy Muduli, S/o- Binoy Kumar Muduli, resident of C-30, Ganesh Nagar, Gandamunda, PO/PS: Khandagiri, Bhubaneswar, Dist: Khordha, Pin-751030, Odisha declare by this affidavit No. 75, dated- 06/01/2024 that now onwards I shall be known as **CHINMOY KUMAR MUDULI** for all future purposes.

## AFFIDAVIT

ମୁଁ ଶ୍ରୀ ମିଲୁଆ ସେଠୀ, ପିତା-ମୁରଲୀ ସେଠୀ, ଗ୍ରାମ- କନ୍ଧା, ପୋ- ବେନ୍ତାପୁର , ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ଏହିକି ମୋର ଆଧାର କାର୍ଡ଼ ରେ ମୋର ନାମ ମିଲୁଆ ସେଠୀ ଉଲ୍ଲେଖ ଥାଇ ଏଲଆଇସୀ ପଲିସୀ ବଣ୍ଡ ନଂ- 59811341 ରେ ମୋର ନାମ ମିଲୁଆ ସେଠୀ ପରିବର୍ତ୍ତେ ଇନ୍ଦ୍ରଜିତ ସେଠୀ ବୋଲି ଉଲ୍ଲେଖ ଅଛି। ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଚାନ୍ଦବାଲିଙ୍କ ନିକଟରେ ଏଫିଡେଭିଟ୍ ନଂ- 637, ତା- 08/02/2023 ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ **ଶ୍ରୀ ମିଲୁଆ ସେଠୀ** ନାମରେ ପରିଚିତ ହେବି। ପିତା- ମୁରଲୀ ସେଠୀ


## ଅବଶିଷ୍ଟାଂଶ...

### ରୂପାନ୍ତରଣରେ ସାରଥୀ...

କକ୍ଷରେ ଅନୁଷ୍ଠିତ ନିଯୁକ୍ତି ପର୍ବରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଯୋଗଦେଇ ନବନିଯୁକ୍ତ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ ସହ ଦିଗ୍‌ଦର୍ଶନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଏବେ ରୂପାନ୍ତରଣ ପର୍ବ ଚାଲିଛି। ପାନୀୟ ଜଳ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା ସବୁକ୍ଷେତ୍ରରେ ପରିବର୍ତ୍ତନ ଓ ବିକାଶର ଛାପ ସ୍ପଷ୍ଟ ବାରିହୋଇ ପଡୁଛି। ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ହେଉଛି ଆମର ଅନେକ ରୂପାନ୍ତରଣ ମଧ୍ୟରୁ ଗୋଟିଏ। ଏପରିକି ଦିଲ୍ଲୀ, ମୁମ୍ବଇ ଭଳି ବଡ଼ ବଡ଼ ମହାନଗରକୁ ମଧ୍ୟ ଏପରି ରୂପାନ୍ତରଣ ପଛରେ ପକାଇ ଦେଇଛି। ଅନୁରୂପ ଭାବେ ସବୁ କ୍ଷେତ୍ରରେ ଆମେ ଏପରି କୀର୍ତ୍ତିମାନ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନବ ନିଯୁକ୍ତ କନିଷ୍ଠ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣମାନେ ସମସ୍ତେ ନିଜ ଯୁବାବସ୍ଥାରେ ଅଛନ୍ତି। ଆତ୍ମବିଶ୍ୱାସ ଓ ଶକ୍ତିରେ ଭରପୂର ଅଛନ୍ତି। ଆପଣମାନେ ଓଡ଼ିଶାବାସୀଙ୍କ ସେବା ପାଇଁ ସରକାରୀ ଚାକିରୀରେ ଯୋଗ ଦେଇଛନ୍ତି। ଆପଣମାନଙ୍କୁ ସହର ଓ ଗ୍ରାମାଞ୍ଚଳରେ ଭିତ୍ତିଭୂମି ନିର୍ମାଣ କରି ଲୋକଙ୍କ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ସରକାର ଦାୟିତ୍ୱ ଦେଇଛନ୍ତି। ତେଣୁ କଠିନ ଅଧ୍ୟବସାୟ ବଳରେ ଲୋକଙ୍କ ଜୀବନରେ ଆପଣମାନେ ପରିବର୍ତ୍ତନ ଆଣନ୍ତୁ। ସେବାରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ପ୍ରତିବଦ୍ଧ ରୁହନ୍ତୁ। ସେ ଆହୁରି କହିଛନ୍ତି ଯେ ଆପଣମାନେ ନିଜ କାର୍ଯ୍ୟକ୍ଷେତ୍ରରେ ଆମର ୫-ଟି ଉପକ୍ରମ, ମିଳିତ ଉଦ୍ୟମ (ଟିମ୍ ୱାର୍କ), ପାରଦର୍ଶିତା (ଟ୍ରାନ୍ସପାରେନ୍ସି), ବୈଷୟିକ ଜ୍ଞାନକୌଶଳ (ଟେକ୍ନୋଲୋଜି) ଓ ସମୟ (ଟାଇମ୍)କୁ ପାଥେୟ କରି ଲୋକଙ୍କ ସେବା କରନ୍ତୁ। ଆପଣମାନେ ଦେଖିବେ ଆମେ ଖୁବ୍ ଶୀଘ୍ର ଏକ ରୂପାନ୍ତରିତ ଓଡ଼ିଶା ଗଢ଼ିବାରେ ସଫଳ ହେବା। ଆପଣମାନେ ଏହି ରୂପାନ୍ତରଣ ଯାତ୍ରାର ସାରଥୀ ସାଜିବେ ଆଉ ନିଜ ଜୀବନକାଳ ମଧ୍ୟରେ ସମ୍ପୂର୍ଣ୍ଣ ବିକଶିତ ଓଡ଼ିଶା ଦେଖିବାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି ଯେ ଦିନ ଥିଲା ରାଜ୍ୟରେ ଆର୍ଥିକ ଦୂରାବସ୍ଥା ପାଇଁ ନୂତନ ନିଯୁକ୍ତି ହେଉନଥିଲା; କିନ୍ତୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡ଼ିଶା ଯେପରି ଭାବେ ଆର୍ଥିକ ପ୍ରଗତି କରୁଛି ସେଥିପାଇଁ ପ୍ରତି ମାସରେ ଦୁଇ ତିନିଟି ନିଯୁକ୍ତି ପର୍ବ ଆୟୋଜିତ ହେଉଛି। ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି ଯେ ଜନସ୍ୱାସ୍ଥ୍ୟ ଓ ପରିମଳ ପାଇଁ ଜଳ ଏକାନ୍ତ ଅପରିହାର୍ଯ୍ୟ। ଏପରିସ୍ଥଳେ ସରକାରୀଙ୍କ ଯୋଜନା ଓ ତାହାର ସଫଳ ରୂପାୟନରେ ଯନ୍ତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏହି ଅବସରରେ ତିନି ଜଣ ନବ ନିଯୁକ୍ତ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ ମହନ୍ତ, ଆଶାଶ୍ରୀ ସାହୁ ଓ ସ୍ମୃତି ପ୍ରଜ୍ଞା ଚୌଧୁରୀ ନିଜ ଅଭିଜ୍ଞତା ବର୍ଣ୍ଣନା କରି ଆମର ଏହି ନିଯୁକ୍ତି ପ୍ରକ୍ରିୟା ଅତ୍ୟନ୍ତ ପାରଦର୍ଶିତା ଓ ତ୍ୱରିତ ବେଗରେ ସମ୍ପାଦିତ ହୋଇଥିବାରୁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଉଛୁ ବୋଲି କହିଛନ୍ତି। ସରକାରୀ କର୍ମଚାରୀ ଭାବେ ନିଜ ଜୀବନକାଳରେ ୫-ଟି ଉପକ୍ରମର ଅନୁକରଣ କରି କର୍ତ୍ତବ୍ୟ ସମ୍ପାଦନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେମାନେ ପ୍ରକାଶ କରିଛନ୍ତି।

ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଜି ମାଥିଭାଥନନ୍ କହିଥିଲେ ଯେ ଆପଣମାନେ କାର୍ଯ୍ୟକାଳୟରେ ଜନସାଧାରଣ ଓ ଜନପ୍ରତିନିଧିଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରିବା ଆବଶ୍ୟକ। ଆମେ ଲୋକଙ୍କୁ ଯେଉଁ ସେବା ଦେଉଛୁ ତାହା ପାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର। ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ଧନ୍ୟବାଦ ଅର୍ପଣ କରି ୫-ଟି ଉପକ୍ରମ ଏବଂ ମୋ ସରକାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

### ବଢ଼ିଲା କାଳିଆ...

ପରିବାରଙ୍କ ସଶକ୍ତିକରଣ ଦିଗରେ ଏକ ଅଭିନବ ପ୍ରୟାସ ବୋଲି ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ଅଧିକ ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ର ବୃତ୍ତି ପ୍ରଦାନ କରିବାକୁ ଆସନ୍ତାକାଲି(ମଙ୍ଗଳବାର) ଠାରୁ ସ୍ୱତନ୍ତ୍ର ଭାବେ ଆବେଦନ ଗ୍ରହଣ କରାଯିବ। ଏହି ଆବେଦନ ପ୍ରକ୍ରିୟା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସେ ସୂଚନା ଦେଇଛନ୍ତି।

କୃଷି ଭବନରେ ସୋମବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି, ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ପାଇଁ ଅଲ୍‌ଇଣ୍ଡିଆ ସର୍ଭେ ଅନ୍ ହାୟାର ଏଜୁକେସନ୍(ଏଆଇଏସ୍ଏଚ୍‌ଇ) କୋଡ ପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇଛି। ଏହାସହ ସମସ୍ତ ପ୍ରିମିୟର ସରକାରୀ ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇଛି। ନୂତନ ଭାବେ ବିବିଏ ଓ ବିସିଏ ପାଠ୍ୟକ୍ରମକୁ ସାମିଲ କରାଯାଇଛି। ସ୍ନାତକ ପାଠ୍ୟକ୍ରମରେ ଏମ୍‌ଟେକ୍, ଏମ୍‌ଏସ୍ (ଏଗ୍ରି), ଏମ୍‌ଏସ୍‌ସି (ଫରେଷ୍ଟ୍ରି), ମେଡିକାଲ ସାଇନ୍ସରେ ପିଜି ପାଠ୍ୟକ୍ରମ, ଏମ୍‌ବିଏ, ଏମ୍‌ସିଏ, ଏମ୍.ଫାର୍ମ ପରି ବୃତ୍ତିଗତ ଓ ବୈଷୟିକ ପାଠ୍ୟକ୍ରମ ଓ ତତୁଲ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହାସହ ପି.ଏଚ୍.ଡି ପାଠ୍ୟକ୍ରମକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ଏଥିପାଇଁ ରାଜ୍ୟର ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୪ ବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ। ଏନ୍‌ଆଇଟି, ଆଇଆଇଟି, ଆଇଆଇଏମ୍, ଏମସ୍, ଆଇସିଏଆର୍, ଆଇଏଆର୍‌ଆର୍, ଆଇଭିଆର୍‌ଆଇ, ସିଆଇଏଫ୍‌ଇ, ଏନ୍‌ଡିଆର୍‌ଆଇ, ଆଇଜର, ନାଇଜର ପରି ପ୍ରିମିୟର ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିବା ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

ଛାତ୍ରଛାତ୍ରୀମାନେ କମନ୍ ସ୍କଲାରସିପ୍ ପୋର୍ଟାଲରେ (http://schlorship.odisha.gov.in)ରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ବର୍ଷକୁ ଦୁଇଥର ଏହି ପୋର୍ଟାଲ ଖୋଲାରହିବ। ଏହି ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି କାଳିଆ ହିତାଧିକାରୀ ପିଲାମାନଙ୍କ ଉତ୍ତମ ଶିକ୍ଷା ପାଇବା ସ୍ୱପ୍ନ ସାକାର କରି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ରୂପାନ୍ତରଣ ଆଣିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶା ପ୍ରକାଶ କରଛନ୍ତି।

### ଆଜି ଲୋକାର୍ପଣ...

ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ମାଲକାନଗିରି ଜିଲ୍ଲାରେ ପହଞ୍ଚି ଏହି ବିମାନବନ୍ଦର ଓ ଆୟୋଜିତ ହେବାକୁ ଥିବା ଲୋକାର୍ପଣ ଉତ୍ସବ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏଥିରେ ମାଲକାନଗିରି ଜିଲ୍ଲାପାଳ ବିଶାଳ ସିଂ, ଏସ୍‌ପି ନୀତେଶ ୱାଧାନୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ବିମାନବନ୍ଦର ନିକଟରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଏହି ଅବସରରେ କେସିସି ବ୍ୟାଙ୍କ ସଭାପତି ତଥା ବରିଷ୍ଠ ବିଜେଡି ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲା ବିକାଶ ପରିଷଦ ଅଧକ୍ଷ ଆଡମା ରାବା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରି ତାଙ୍ଗୁଲ, ପୂର୍ବତନ ବିଧାୟକ ମାନସ ମାଡ଼କାମୀ ପ୍ରମୁଖ ମଧ୍ୟ ଉପସ୍ଥିତ ରହି ସ୍ଥିତି ପରଖିଥିଲେ। ସୁରକ୍ଷା ଦୃଷ୍ଟିରୁ ବିମାନବନ୍ଦର ଚତୁଃପାର୍ଶ୍ୱରେ ପୁଲିସ ଛାଉଣୀ ହେବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅପରପକ୍ଷେ ମାଲକାନଗିରି ଜିଲ୍ଲା ବିମାନ ସେବାରେ ଯୋଡ଼ି ହେବାକୁ ଯାଉଥିବାରୁ ଏହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଛି।

# ବିଲ୍‌କିସ୍ ବାନୋ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ସମାଜବାଦୀ ପାର୍ଟିର ସ୍ୱାଗତ

**ଭୁବନେଶ୍ୱର,୮।୧(ସମିସ):** ବିଲ୍‌କିସ୍ ବାନୋ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିଛି ସମାଜବାଦୀ ପାର୍ଟି ରାଜ୍ୟ ଶାଖା। ଜଷ୍ଟିସ୍ ନାଗରତ୍ନା ଓ ଜଷ୍ଟିସ୍ ଉଜ୍ଜ୍ୱଳ କୁମାରଙ୍କ ଖଣ୍ଡପୀଠର ଏହି ଐତିହାସିକ ରାୟକୁ ସ୍ୱାଗତ କରିବା ସହ ଏହା ବିଜେପିର ବେଟି ବଚାଓ ବେଟି ପଢାଓ ଉକ୍ତିକୁ ଏକ ଉପହାସ ବୋଲି ଦଳର ରାଜ୍ୟ ସଭାପତି ରବି ବେହେରା କହିଛନ୍ତି। ଏକ ପ୍ରେସ ବିବୃତିରେ ଶ୍ରୀ ବେହେରା କହିଛନ୍ତି ଯେ ବିଲ୍‌କିସ୍ ବାନୋଙ୍କ ଧର୍ଷଣ ଓ ତାଙ୍କର ତିନି ବର୍ଷର ଶିଶୁ କନ୍ୟା ସମେତ ୭ଜଣ ସଦସ୍ୟଙ୍କର ହତ୍ୟା ଗୁଜୁରାଟ ଦଙ୍ଗାର ଅନ୍ୟତମ ଜଘନ୍ୟ ଓ ଲୋମ ହର୍ଷଣକାରୀ ଘଟଣା ଅଟେ। ଏହା ଭାରତ ବର୍ଷର ଗଣତାନ୍ତ୍ରିକ ଇତିହାସରେ ଏକ ବର୍ବରୋଚିତ ଓ କଳଙ୍କିତ ଅଧ୍ୟାୟ। ଦୀର୍ଘ ୨୧ ବର୍ଷ ପରେ ଆଜି ସୁପ୍ରିମକୋର୍ଟ ଖଣ୍ଡପୀଠ ନିଜ ରାୟରେ ବିଲ୍‌କିସ୍ ବାନୋ ଓ ତାଙ୍କ ପରିବାର ପାଇଁ ନ୍ୟାୟର ଯେଉଁ ଆଶା ସଞ୍ଚାର କରିଛନ୍ତି ତାହା ଅତ୍ୟନ୍ତ ସୁଖଦ ଅଟେ। ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ ବିଲ୍‌କିସ୍ ବାନୋ ଗଣଧର୍ଷଣର ସମ୍ପୃକ୍ତ ୧୧ଜଣ ଦୋଷୀଙ୍କୁ ଜାଲିଆତି ଜରିଆରେ ନିର୍ଦ୍ଦୋଷ ଭାବେ ଖସାଇ ଦିଆଯାଇଥିଲା। ତେଣୁ ଏହି ଜାଲିଆତିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମାଜବାଦୀ ପାର୍ଟି ଦାବି କରିଛି।


## AFFIDAVIT

I, Bansidhar Nayak, S/o-Jadumani Nayak, resident of 2RAF-50/1, Unit-9, Bhoi Nagar, PS- Saheed Nagar, Bhubaneswar, Dist-Khordha, Pin-751022 Odisha declare by this affidavit No.14, dated- 06/01/2024 that now onwards I shall be known as **BANSHIDHAR NAYAK** for all future purposes.

## AFFIDAVIT

I, Rajan Singh Rajpal, S/o-Hardev Singh, resident of AT-A-59, Palaspalli, Aerodrome Area, PS- Airport, Bhubaneswar, Dist-Khurda, Pin-751020, Odisha declare by this affidavit No.26, dated- 05/01/2024 that now onwards I shall be known as **RAJAN SINGH** for all future purposes.

## STEEL AUTHORITY OF INDIA LIMITED
**Rourkela Steel Plant**
Rourkela - 769 011, Odisha, India

REF.NO.–WC/004 DATE:- 04-01-2024

**NOTICE INVITING APPLICATIONS FOR ALLOTMENT OF CANTEEN INSIDE ROURKELA STEEL PLANT**

The application forms containing of the terms and conditions for allotment of canteen (Ispat canteen near FM(M) area) on license basis is available in the office of GM (PL – IR, ER, C, T & M) on payment of Rs.200/- (Rupees two hundred only) including all taxes towards cost of application papers. The application papers can also be downloaded from our website https://sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.200/- (Online deposit through SB collect).
Applications will be accepted up to 3.00 P.M of 05-02-2024.

GM (PL – IR, ER, C, T & M)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## GOVERNMENT OF ODISHA

C-2284

(e-PROCUREMENT NOTICE)
OFFICE OF THE EXECUTIVE ENGINEER,
G.P.H DIVISION NO.I, BHUBANESWAR, ODISHA,
INVITATION FOR BIDS (IFB)
CORRIGENDUM
Letter No. 117 Date: 05.01.2024
Bid Identification No. **EEGPH1BBSR-12/2023-24 Dt.26/12/2023**

The **Executive Engineer, G.P.H. Division No-I, Bhubaneswar** on behalf of Governor of Odisha invites **percentage rate** bid in single cover system to be received in **online mode** only for the works detailed in the (Attached separately).

| | | |
|---|---|---|
| 01 | Name of the work | : 5 Nos of works. |
| 02 | Estimate cost | : Rs.5,04,202.00, Rs.8,40,337.00, Rs.14,43,390.00, Rs.12,51,118.00, Rs.21,61,878.00 |
| 03 | Period of completion | : 12(1) & (2)- 1 (One Month) 12(3),(4)&(5)- 2(Two Months) |
| 04 | Class of contractor | : 'C' & 'D' Class |
| 05 | Date & Time of availability of bid document In the portal | : From 11.00 AM of Dt.30/12/2023 to 5.00 PM of 16/01/2024 |
| 06 | Last date / time of receipt of bids in the portal | : 5.00 PM of 16/01 /2024 |
| 07 | Date & Time of opening of bids | : At 2.30 PM of 17/01/2024 |
| 08 | Name and Address of the Officer Inviting Bid | : Executive Engineer, G.P.H. Division-1, Bhubaneswar |

Further details can be seen from the e-Procurement portal "https://www.tendersodisha.gov.in"

(Er.Ashok Kumar Mohapatra)
Executive Engineer,
G.P.H. Division No-I, Bhubaneswar

OIPR - 13017/11/0004/2324

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT
Phone No. 06852- 250242 Email:- cdmokoraput@gmail.com

**Bid Reference No. 109/2024** **Dated, the 6th January, 2024**

**TENDER CALL NOTICE**

Sealed tenders in double cover system (technical bid & price bid) are invited from manufacture or authorized distributor or whole-seller agencies/firms for supply of Laboratory items (Reagents Chemical, Rapid Diagnostic Kits & Consumables etc.) to the Govt. health institutions of Koraput district under the administrative control of the Chief District Medical & Public Health Officer, Koraput for the year 2024-25. Bidders are required to download the tender documents from the website **www.koraput.nic.in** . The bid documents should reach the office of the undersigned on or before 29.01.2024 by 5.00 P.M. through Regd. Post/ Speed Post only and will be opened on 30.01.2024 at 11.00 A.M. The undersigned reserves the right to accept or reject the tender without assigning any reason thereof.

Sd/- CDM & PHO, Koraput

## GOVERNMENT OF ODISHA
THE CHIEF DEVELOPMENT OFFICER CUM EO,
ZILLA PARISAD, NABARANGPUR

CAD-3621

"e" Procurement Notice- CDO-NAB-02/2022-23
BID IDENTIFICATION NO. CDO-NAB-02/2022-23

| | | |
|---|---|---|
| 1 | Name of the Work | Construction of addl. Class room for the year 2022-23. |
| 2 | Total No. of Package | 114 Nos. |
| 3 | Tender Cost (Approx) | Rs. 9.00 Lakhs to 12.00 Lakhs as per DTCN |
| 4 | Bid Security | Rs. 9000/- to 12000/- |
| 5 | Cost of Tender Paper (Online) | Rs. 4000/- to 6000/- as per DTCN |
| 6 | Period of Completion | As per DTCN |
| 7 | Availability of Tender online for bidding | From 16.01.2024 at 11.30 AM to 24.01.2024 upto 5.30 P.M. |
| 8 | Date and place of opening | Dt. 25.01.2024 at 11.30 AM in the office of the Chief Development Officer Cum EO, Zilla Parisad, Nabrangpur |
| 9 | Tender Inviting Authority | Chief Development Officer Cum EO, Zilla Parisad, Nabrangpur |

Further details can be seen from the website http.//www.tendersorissa.gov.in any addendum/ Corrigendum/ Cancellation to the above notice will be published in this web site only.

Chief Development Officer Cum EO,
Zilla Parisad, Nabrangpur

OIPR - 19233/11/0002/2324

## କୃଷି ସୂଚନା

L-195

- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାଧାରଣ ବର୍ଗ ନିମନ୍ତେ ଶତକଡା ୪୦ ପ୍ରତିଶତ, ମହିଳା, ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ, କୃଷି ଏବଂ ଆନୁଷଙ୍ଗିକ ସ୍ନାତକ ମାନଙ୍କ ନିମନ୍ତେ ଶତକଡା ୫୦ ପ୍ରତିଶତ ହିସାବରେ ସର୍ବାଧିକ ୧ କୋଟି ଟଙ୍କାର ରିହାତି ବ୍ୟବସ୍ଥା ରହିଅଛି।
- ଓଡିଶା ମିଲେଟ ମିଶନ ଅନ୍ତର୍ଗତ କ୍ଷେତରେ ଓ ଆଳିରେ ପୁଷ୍ଟିଶସ୍ୟର ପୁନଃ ପ୍ରଚଳନ ନିମନ୍ତେ ଟାଙ୍ଗୀ ଓ ବାଣପୁର ବ୍ଲକରେ ମାଣ୍ଡିଆ, ଯଅ ଓ ବାଜରା ଫସଲ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଅଛି: ମାଣ୍ଡିଆର ଖରିଫ୍ ଉତ୍ପାଦନକୁ ମଣ୍ଡି ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟ ୩୮୪୬ ଟଙ୍କାରେ ଚାଷି ମାନଙ୍କ ଠାରୁ କ୍ରୟ କରାଯିବାର ବ୍ୟବସ୍ଥା ରହିଅଛି।
- ମହାନଦୀ ତ୍ରିକୋଣଭୂମି ଅଞ୍ଚଳ ବାଲିପାଟଣା ଓ ବାଲିଅନ୍ତା ବ୍ଲକରେ ରବି ଫସଲ ଋତୁରେ ଧାନ ତଥା ବିଭିନ୍ନ ଅଣଧାନ ଫସଲ ଚାଷ ନିମନ୍ତେ ସ୍ଥାନୀୟ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ସଚେତନ କରାଯାଉଛି।
- ବିସ୍ତୃତ ଧାନ ପରବର୍ତ୍ତୀ ପଡିଆ ଜମିରେ ବିଭିନ୍ନ ଡାଲି ଓ ତୈଳବୀଜ ଜାତୀୟ ଫସଲ ଚାଷ ନିମନ୍ତେ କ୍ଷେତ୍ର ପ୍ରଦର୍ଶନ ପାଇଁ ସିଧାସଳଖ ରିହାତି ପ୍ରଦାନର ବ୍ୟବସ୍ଥା ରହିଅଛି।
- ବଳରାମ ଯୋଜନାରେ ମିଳିତ ଦେୟ ଗୋଷ୍ଠୀ ଗଠନ ମାଧ୍ୟମରେ ଭାଗଚାଷୀ ମାନଙ୍କୁ ସର୍ବାଧିକ ୧.୬ ଲକ୍ଷ ଟଙ୍କାର କୃଷି ଋଣ ପ୍ରଦାନର ବ୍ୟବସ୍ଥା ରହିଅଛି।
- କାଳିଆ ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ ଚାଷୀ ମାନଙ୍କ ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଅଛି।
- ରାଜ୍ୟ ଯୋଜନା ମାଧ୍ୟମରେ ସମନ୍ୱିତ କୃଷି ପାଇଁ ସାଧାରଣ ବର୍ଗ ନିମନ୍ତେ ଶତକଡା ୪୦ ପ୍ରତିଶତ, ମହିଳା, ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ, କୃଷି ଏବଂ ଆନୁଷଙ୍ଗିକ ସ୍ନାତକ ମାନଙ୍କ ନିମନ୍ତେ ଶତକଡା ୫୦ ପ୍ରତିଶତ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଅଛି।
- ଗ୍ରାମପଞ୍ଚାୟତ ସ୍ତରୀୟ Whatsapp group ରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ସଂଯୋଗ କରି କୃଷି ଓ ଆନୁଷଙ୍ଗିକ କୃଷିର ଚାଷ କୌଶଳ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଉଅଛି।
- ଆମ କୃଷି- ଏହା ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଏକ ନିଶୁଳ୍କ କୃଷି ପରାମର୍ଶ ସେବା, ୧୫୫୩୩୩ କୁ ଫୋନ୍ କରି ଚାଷୀ ଭାଇ ଓ ଭଉଣୀ ମାନେ ଚାଷ ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ।

ଚାଷ ଏବଂ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନାର ବିସ୍ତୃତ ସୂଚନା ନିମନ୍ତେ ନିକଟସ୍ଥ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା ଖୋର୍ଦ୍ଧା
OIPR-01499/11/0009/2324
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା ଖୋର୍ଦ୍ଧା

## ବାଲେଶ୍ୱର ଖୋ ଖୋ ଟିମ୍ ଚାମ୍ପିଅନ



**ବାଲେଶ୍ୱର,୮ ।୧(ସମିସ):** ପ୍ରଥମେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଚାମ୍ପିଅନ୍ ଏବଂ ପରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ବାଲେଶ୍ୱର ଖୋ ଖୋ ଟିମ୍ ଚାମ୍ପିଅନ ହୋଇଛି। 'ନୂଆ-ଓ' ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉଭୟ ପୁରୁଷ ଓ ମହିଳା ପୁରସ୍କୃତ ହୋଇଛନ୍ତି। କୋଚ୍ ମଳୟ ରଞ୍ଜନ ବେହେରାଙ୍କ ଉପସ୍ଥିତିରେ ଉଭୟ ପୁରୁଷ ଓ ମହିଳା ଖୋ ଖୋ ଟିମ୍ ୫୦ ହଜାର ଲେଖାଏଁ ଅର୍ଥ ରାଶି ପୁରସ୍କାର ଭାବେ ଗ୍ରହଣ କରିଛନ୍ତି। ଏଥିସହିତ ଟ୍ରଫି ପ୍ରଦାନ କରାଯାଇଛି। ଏହି ଉଭୟ ଟିମ୍ ରାଜ୍ୟସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଫେବୃଆରୀ ୧ରୁ ୬ ତାରିଖ ମଧ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ବାଲେଶ୍ୱର ମୁନିସିପାଲଟିରେ ପ୍ଲେୟିଙ୍ଗ୍ ଷ୍ଟାର୍ କ୍ଲବ୍ ଭାବେ ନାମିତ ବାଲେଶ୍ୱର ଖୋ ଖୋ ଟିମ୍‌ରେ ୧୨ ଜଣ ଝିଅ ଓ ୧୨ ଜଣ ପୁଅ ରହିଛନ୍ତି। ଏହି ଉଭୟ ଦଳର କୋଚ୍ ଦାୟିତ୍ୱ ମଳୟ ରଞ୍ଜନ ବେହେରା ତୁଲାଉଛନ୍ତି। ତେବେ ପୁଲିସ ଲାଇନ୍ ପଡ଼ିଆରେ ଜିଲ୍ଲାସ୍ତରୀୟ ଉଦଯାପନୀ ସମାରୋହ ଓ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଫେଷ୍ଟ-୨୦୨୩ର ପୁରସ୍କାର ପ୍ରଦାନ ସମାରୋହରେ ଚାମ୍ପିଅନ୍ ବାଲେଶ୍ୱର ଖୋ ଖୋ ଦଳକୁ ପୁରସ୍କୃତ କରାଯାଇଥିଲା।

## ଶୌଚାଳୟ ଗୃହ ଉଦ୍‌ଘାଟିତ

**ବାଲେଶ୍ୱର,୮ ।୧(ସମିସ):** ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତର ଭଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଫେଡ୍ରାଲ ବ୍ୟାଙ୍କ ଶାଖା ପକ୍ଷରୁ ନିର୍ମାଣ ହୋଇଥିବା ଶୌଚଳୟର ଉଦ୍‌ଘାଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ କେଦାର ସାହୁଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ତରଫରୁ ଆଞ୍ଚଳିକ ମୁଖ୍ୟ ଗଣେଶ ମିଶ୍ର, ମ୍ୟାନେଜର ଆଶିଷ ଆନନ୍ଦ, କେସିୟର ଅନୂପ ମହାନ୍ତି ଯୋଗ ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଏସଏଚଜି ମହିଳା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରଦୀପ ମହାନ୍ତି, ଦାମୋଦର ପରିଡା, ସେକ ଅଲ୍ଲୀ ହୁସେନ, ବିନ୍ଦୁମତି ଗୋଛାୟତ, ନିତ୍ୟାନନ୍ଦ ମୁଦୁଲି ଓ ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁରେ ପଶିଲା ହାତୀ



**ବସ୍ତା ବ୍ଲକ,୮ ।୧(ସମିସ):** ବାଲେଶ୍ୱର-ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତରେ ହାତୀ ଆତଙ୍କ ଦେଖା ଦେଇଛି। ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।ସୋମବାର ସନ୍ଧ୍ୟା ରେ ଗୋଟିଏ ହାତୀ ପଡୋଶୀ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବାନାଞ୍ଚଳରୁ ଆସି ବସ୍ତା ବ୍ଲକର ପତ୍ରଝଡ଼ା ପଞ୍ଚାୟତର ସରଡିହା, ମୁକୁନ୍ଦପୁର ଗ୍ରାମରେ ପଶିଥିଲା। ଲୋକେ ବାଣ ଫୁଟାଇ ହାତୀକୁ ଘଉଡାଇଥିଲେ।

## ପରିବାରକୁ ଏକଘରିଆ ପ୍ରତିବାଦରେ ଅନଶନ

**ଜଳେଶ୍ୱର,୮ ।୧(ସମିସ):** ଖୁଲୁଡ଼ା ପଞ୍ଚାୟତ ସାହାପୁର ଗ୍ରାମର ଦୈତାରୀ ସାହୁଙ୍କ ପରିବାରଙ୍କୁ ୨ ମାସରୁ ଉର୍ଦ୍ଧ୍ୱ ହେବ ସମ୍ପୃକ୍ତ ଗ୍ରାମବାସୀ ଏକ ଘରିଆ କରିଛନ୍ତି। ଏହି ଅଭିଯୋଗ ଆଣି ପରିବାର ସୋମବାର ବ୍ଲକରେ ଆୟୋଜିତ ମିଳିତ ଜନଶୁଣାଣି ଶିବିର ସମୟରେ ପ୍ରତିବାଦ ସ୍ୱରୂପ ଅନଶନରେ ବସିଥିଲେ। ଏସ୍‌ପି ସାଗରିକା ନାଥଙ୍କୁ ଘଟଣା ବିଷୟରେ ଲିଖିତ ଅଭିଯୋଗ ଦେଇ ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ଏହି ପରିବାକୁ ଗ୍ରାମବାସୀ ପାନୀୟ ଜଳ ଓ ବିଦ୍ୟୁତ ସେବା ଏପରିକି ତାଙ୍କର ନିତିଦିନିଆ ଚଳାପଥକୁ ବନ୍ଦ କରିଦେବା ବିଷୟରେ ଅବଗତ କରାଯାଇଛି। ଜଳେଶ୍ୱର ଥାନା ଆଇଆଇସି ରଂଜନ ସେଠୀଙ୍କୁ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଏସ୍‌ପି ନିର୍ଦ୍ଦେଶ ଦେବା ପରେ ଏହି ପରିବାର ଅନଶନରେ ଉଠିଥିଲେ।

### ବାଲେଶ୍ୱରରେ ପ୍ରଥମ ଥର ପାଇଁ ଶାଢ଼ୀ ସମ୍ମିଳନୀ 'ଦେଶୀ ୱିମେନିଆ'

# ୪୦ରୁ ଶହେ ବର୍ଷର ପୁରାତନ ପାରମ୍ପରିକ ଶାଢ଼ୀ ପ୍ରଦର୍ଶିତ

**ବାଲେଶ୍ୱର,୮ ।୧(ସମିସ)**




କଳିଙ୍ଗ ସ୍ୱରାଜ ୱିମେନ ୱିଙ୍ଗ ସହଯୋଗରେ ବାଲେଶ୍ୱରରେ 'ଦେଶୀ ୱିମେନିଆ'ନାମରେ ପ୍ରଥମ ଥର ପାଇଁ ଶାଢୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରିତୁ ଝାଲାନୀ ଓ ପାୟଲ ହୋତା ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଦେଶୀ ୱିମେନିଆ'ଆୟୋଜନ କମିଟିର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ସାମ୍ପ୍ରତିକ ସମାଜରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରାବଲ୍ୟତା ଅନୁସାରେ ସମସ୍ତେ ଆଧୁନିକ ପୋଷାକ ପ୍ରତି ଆକର୍ଷିତ ହେଉଥିବା ବେଳେ ଓଡିଶାର ପାରମ୍ପରିକ ଶାଢୀ ପରିଧାନ ପାଇଁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ସମସ୍ତଙ୍କୁ ନିଜ ସଂସ୍କୃତି ଓ ପରମ୍ପରା ରକ୍ଷା ଦିଗରେ ନିଶ୍ଚିତ ପ୍ରେରଣା ଦେବ ବୋଲି ଶ୍ରୀମତୀ ନାଥ ଆଶା ପ୍ରକାଶ କରିଥିଲେ। ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ମୁଖ୍ୟ ଡାକ ଘରର ପୋଷ୍ଟମାଷ୍ଟର ରତ୍ନପ୍ରଭା ଅଗସ୍ତୀ, ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅବସରପ୍ରାପ୍ତ ଆସୋସିଏଟ ପ୍ରଫେସର ଡ ଗୀତାଶ୍ରୀ ରାୟ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନଙ୍କ ସମେତ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କୁ ଏକତ୍ରିତ କରି ଭାରତୀୟ ସଂସ୍କୃତି ସହିତ ଶାଢୀକୁ ନେଇ ଉତ୍ସବ ପାଳନ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଆୟୋଜକମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ କାରୁକାର୍ଯ୍ୟ ଜଡିତ ୪୦ରୁ ଶହେ ବର୍ଷର ପୁରାତନ ପାରମ୍ପରିକ ଶାଢୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଉପସ୍ଥିତ ମହିଳାମାନେ ଭାରତୀୟ ସଂସ୍କୃତି ଓ ପରମ୍ପରା ରକ୍ଷା ଦିଗରେ ଶାଢୀର ମହତ୍ତ୍ୱ ଓ ସ୍ଥାନୀୟ ବୁଣାକାରମାନଙ୍କୁ ପ୍ରୋତ୍ସାହନ ଭଳି ବିଷୟ ସହିତ ଶାଢୀ ମାଧ୍ୟମରେ କିପରି ଦେଶର ବିକାଶରେ ସହଯୋଗ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ 'ଦେଶୀ ୱିମେନିଆ' ଆୟୋଜନ କମିଟି ପକ୍ଷରୁ ମହିଳାମାନଙ୍କୁ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ରୁକସାନା ବୋଦନୱାଲା, ରୋହିତ ଛାନ୍ତବର,ହିତେଶ ଗୋଚ୍ଛାୟତ ପ୍ରମୁଖଙ୍କ ସହ ଆୟୋଜନ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।

## ପରିମଳ କର୍ମଚାରୀଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




**ବାଲେଶ୍ୱର/ଜଳେଶ୍ୱର,୮ ।୧(ସମିସ)**

ଜଳେଶ୍ୱର ପୌରପାଳିକା ପକ୍ଷରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗାରିମା ଯୋଜନା ଅଧୀନ ପରିମଳ କର୍ମଚାରୀଙ୍କ ପାଇଁ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ଜିକେ ଭଟ୍ଟର ସିଏଚସିରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୭୩ ଜଣ ପରିମଳ କର୍ମଚାରୀ ଉପସ୍ଥିତ ଥିଲେ। ସେମାନଙ୍କୁ ତ୍ରୟମାସିକ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ସ୍ୱାସ୍ଥ୍ୟ ପୁସ୍ତିକା ପ୍ରଦାନ କରାଯାଇଥିଲା। ଡାକ୍ତର ବିନୋଦ ପ୍ରଧାନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରକୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ପରିଚାଳନା କରାଥିଲେ। ଏଥିରେ ସ୍ୱଚ୍ଛ ଭାରତ ନୋଡାଲ ଅଧିକାରୀ ବ୍ରଜଗୋପାଳ ଘୋଷ ମହାପାତ୍ର, ଗାରିମା ଅଧିକାରୀ ବିକାଶ ଚନ୍ଦ୍ର କର ଓ ଅନ୍ୟାନ୍ୟ ପୌର କର୍ମଚାରୀ ସହଯୋଗ କରିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ

**ଭୋଗରାଇ,୮ ।୧(ସମିସ)**

ତାଳସାରି ସାମୁଦ୍ରିକ ଥାନା ବାଜିତପୁର ପଞ୍ଚାୟତ ସାନଡଭା ଗ୍ରାମରେ ସମ୍ପତ୍ତିବାଡିକୁ ନେଇ ଲାଗିରହିଥିବା ପୂର୍ବ ଶତ୍ରୁତାରୁ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ପରେ ଉଭୟ ପକ୍ଷରୁ ମରଣାନ୍ତକ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ଉଭୟ ପକ୍ଷ ବିରୋଧରେ ପୃଥକ ମାମଲା ରୁଜୁ ହୋଇଚି। ଉଭୟ ପକ୍ଷ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସାନଡଭା ଗ୍ରାମର ସ୍ୱର୍ଗତ ଶ୍ରୀହରି ଦାସଙ୍କ ଦୁଇ ପୁତ୍ର ବଂଶୀଧର ଦାସ ଓ ବିଜୟ ଦାସଙ୍କ ମଧ୍ୟରେ ସମ୍ପତ୍ତି ବାଡ଼ିକୁ ନେଇ ଗଣ୍ଡଗୋଳ ଲାଗି ରହିଛି। ବିଜୟଙ୍କ ଝିଅ ଜ୍ୱାଇଁ ବିବାଦୀୟ ସମ୍ପତ୍ତି ଦେଇ ସେମାନଙ୍କ ଘରକୁ ଯାଉଥିଲେ। ଏହି ସମୟରେ ବଂଶୀଧରଙ୍କ ପରିବାର ଲୋକେ ସେମାନଙ୍କୁ ଅଟକାଇ କଟୁ ମନ୍ତବ୍ୟ ଦେଇଥିଲେ। ବିଜୟଙ୍କ ବଡ଼ପୁଅ ତପନ ଘଟଣାସ୍ଥଳରେ ପହଞ୍ଚି ଏଭଳି କଟୁ ମନ୍ତବ୍ୟକୁ ବିରୋଧ କରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହାସହିତ ଦୁଇ ପକ୍ଷଙ୍କ ମଧ୍ୟରେ ହାତାହାତି, ଠେଙ୍ଗା ଓ ମାରଣାସ୍ତ୍ରରେ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା। ବଂଶୀଧରଙ୍କ ପରିବାର ପକ୍ଷରୁ ଠେଙ୍ଗା ଓ ଦାଉଲି ଆକ୍ରମଣରେ ବିଜୟ ଦାସ, ତପନ ଦାସ ଓ ସନ୍ଧ୍ୟାରାଣୀ ଦାସ ଗୁରୁତର ଆହତ ହୋଇଛନ୍ତି। ସେମାନେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ବଂଶୀଧରଙ୍କ ପତ୍ନୀ ଓ ପରିବାର ଲୋକଙ୍କୁ ବିଜୟ, ତପନ ଓ ସନ୍ଧ୍ୟାରାଣୀଙ୍କ ପକ୍ଷରୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି।

## ବେଆଇନ ପଥର ବୋଝେଇ ଡମ୍ଫର ଜବତ

**ସୋର,୮ ।୧(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରୁ ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ସୋର ପୁଲିସ ଜବତ କରଛି। ଓଡ଼ି୦୪ଇ ୯୯୮୫ ନମ୍ବର ବିଶିଷ୍ଟ ଏକ ଡମ୍ଫର ବାଗୁଡିରୁ ପଥର ବୋଝେଇ କରି ଜାମୁଝାଡି ଅଭିମୁଖେ ଯାଉଥିବା ବେଳେ ସୋର ପୁଲିସ ପକ୍ଷରୁ ଗାଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ବେଆଇନ ଭାବେ ପଥର ଚାଲାଣ ହେଉଥିବାରୁ ଗାଡିକୁ ଜବତ କରି ଥାନାରେ ରଖିବା ସହ ଏହାର ଡ୍ରାଇଭରକୁ ଅଟକ ରଖି ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୧୧ ରୁ କୋଶମ୍ବ ମେଳା



**ବାଲେଶ୍ୱର,୮ ।୧(ସମିସ):** ଜିଲ୍ଲା ମହୋତ୍ସବ ଏବଂ ପଲ୍ଲୀଶ୍ରୀ ମେଳା ତଥା କୃଷି ଯନ୍ତ୍ରୀକରଣ ମେଳା,''କୋଶମ୍ବ -୨୦୨୪' ଜାନୁଆରୀ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ସ୍ଥାନୀୟ ପୁଲିସ ଲାଇନ୍ ପଡିଆରେ ଆୟୋଜିତ ହେବାକୁ ଯାଉଛି। ଏଥିନିମନ୍ତେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ସ୍ଥାନୀୟ ମହାତ୍ମା ଗାନ୍ଧୀ ଯୋଜନା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଭାଗ ନେଇ କୋଶମ୍ବ ମେଳା ଆୟୋଜନର ସଫଳ ରୂପାୟନ ସଂପର୍କରେ ଆଲୋଚନା କରିଥିଲେ। ସଭାରେ କୃଷି, ମିଶନ ଶକ୍ତି, ଶିକ୍ଷା, କ୍ରୀଡ଼ା, ସଂସ୍କୃତି, ନିୟୋଜନ, ସମାଜ ମଙ୍ଗଳ, ବିଭିନ୍ନ ଇଂଜିନିୟରିଂ ବିଭାଗ, ଲିଡ ବ୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଲାଇନ୍ ବିଭାଗ ଯୋଗ ଦେଇ ମେଳା ଆୟୋଜନର ବିଭିନ୍ନ ଦିଗ ଉପରେ ମତାମତ ଓ ପ୍ରସ୍ତାବନା ଜିଲ୍ଲାପାଳଙ୍କ ସମ୍ମୁଖରେ ରଖିଥିଲେ। ଏହି ମେଳାରେ ବିଭିନ୍ନ ବିଭାଗୀୟ ପ୍ରାୟ ୨୦୦ ଷ୍ଟଲ୍ ଏବଂ କୃଷି ଯନ୍ତ୍ରୀକରଣ ଉପରେ ଆହୁରି ୧୦୦ ଷ୍ଟଲ୍ ଖୋଲିବାର ବ୍ୟବସ୍ଥା ରହିଛି। ପୂର୍ବାହ୍ନ ଏବଂ ଅପରାହ୍ନ ସମୟରେ ବିଭିନ୍ନ କର୍ମଶାଳା ଆୟୋଜିତ ହେବ। ବିଭିନ୍ନ କୃଷିଜାତ, ଗ୍ରାମୀଣ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଆଦି ଅନେକ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ ଚାଲିବ। ସଂଧ୍ୟାରେ ସ୍ଥାନୀୟ, ଓଡ଼ିଶା, ତଥା ମୁମ୍ବାଇ କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟୀର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବ। ନୂଆ-ଓ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର ବିଜେତା ଦଳ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବେ। ପୁରସ୍କାର, ସମ୍ବର୍ଦ୍ଧନା, ସମ୍ମାନ ପ୍ରଦାନ ଆଦି ପର୍ବ ସହ ନିଯୁକ୍ତି ମେଳା, କୃଷକ ମେଳା ଆଦି ଏହି ଅବସରରେ ଆୟୋଜିତ ହେବ। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ ଆରକ୍ଷୀ ଅଧିକ୍ଷକ ବ୍ରଜେଶ୍ୱରି ବଳ, ଅନ୍ୟ ସମସ୍ତ ଲାଇନ୍ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜନ ହେଉଥିବା ଏହି ବିଶାଳ ମେଳା କୋଶମ୍ବ-୨୦୨୪ ଆୟୋଜନରେ ପ୍ରସ୍ତୁତି ପରିଚାଳନା କରିଥିଲେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୌସିକ ପାତ୍ର। ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ମେଳାରେ ନୂତନତା, ଉତ୍କର୍ଷ, ଆକର୍ଷଣୀୟ ସାଜସଜ୍ଜା, ସାମଗ୍ରୀର ବ୍ୟବହାରିକତା, ଉଚ୍ଚକୋଟୀର ପ୍ରଦର୍ଶନ, ଶିକ୍ଷଣୀୟ କର୍ମଶାଳା, ବହୁଳ ଭାଗିଦାରୀତା ଆଦି ଉପରେ ସମସ୍ତେ ଗୁରୁତ୍ୱାରୋପ କରି ଏହାକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବାଲେଶ୍ୱର ଜିଲ୍ଲାରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

**ବାଲେଶ୍ୱର,୮ ।୧(ସମିସ)**

ସ୍ଥାନୀୟ ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷରେ ସମସ୍ତ ଜାତୀୟ ଓ ରାଜ୍ୟ ସୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଜିଲ୍ଲାର ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ସମେତ ରେମୁଣା, ନୀଳଗିରି, ସୋର, ସିମୁଳିଆ, ବସ୍ତା, ଭୋଗରାଇ, ଜଳେଶ୍ୱର ଆଦି ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ଭୋଟର ତାଲିକାରେ ଯୁବ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି।

ସ୍ୱତନ୍ତ୍ର ସଂକ୍ଷିପ୍ତ ଫୋଟୋ ଭୋଟର ତାଲିକା ସଂଶୋଧନ ୨୦୨୪ ଅଧୀନ ଚିଠା ପ୍ରକାଶନ ପୂର୍ବରୁ ବାଲେଶ୍ୱର ଜିଲ୍ଲାର ଭୋଟର ସଂଖ୍ୟା୧୮୧୭୯୯୬ ହୋଇଥିବା ବେଳେ ଯୁବ ଭୋଟରଙ୍କ ଯୋଗଦାନ ପରେ ଚୂଡାନ୍ତ ଭୋଟର ସଂଖ୍ୟା୧୮୬୮୧୨୦କୁ ବୃଦ୍ଧି ପାଇଛି। ସେହିପରି ସ୍ୱତନ୍ତ୍ର ସଂକ୍ଷିପ୍ତ ଫୋଟୋ ଭୋଟର ତାଲିକା ସଂଶୋଧନ୨୦୧୯ରେ ଚିଠା ପ୍ରକାଶନରେ ବାଲେଶ୍ୱର ଜିଲ୍ଲାର ଭୋଟରଙ୍କ ସଂଖ୍ୟା୧୭୨୭୪୧୪ ହୋଇଥିବା ବେଳେ ଅନ୍ତିମ ପ୍ରକାଶନରେ ୧୭୬୮୮୭୩ରେ ସୀମିତ ଥିଲା। ଚଳିତ

> **୮ଟି ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ହେଉଛି ୧୮ ଲକ୍ଷ ୬୮ ହଜାର୧୨୦**
>
> **ଜିଲ୍ଲାରେ ବଢ଼ିଛି ଯୁବ ଭୋଟରଙ୍କ ସଂଖ୍ୟା ସାଙ୍ଗକୁ ମହିଳା ଭୋଟର**

ଭୋଟର ତାଲିକା ୨୦୨୪ ଅନୁଯାୟୀ ବାଲେଶ୍ୱର ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଭୋଟର ତାଲିକା ସଂଶୋଧନ ୨୦୨୪ ଅଧୀନ ପୁରୁଷ ଭୋଟରଙ୍କ ସଂଖ୍ୟା୨୫୧୮୫୨ରହିଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା୯୧୬୧୨୪ରହିଛି। ସେହିପରି ସ୍ୱତନ୍ତ୍ର ସଂକ୍ଷୀପ୍ତ ଭୋଟର ତାଲିକା ସଂଶୋଧନ ୨୦୧୯ ଅନ୍ତିମ ପ୍ରକାଶନରେ ପୁରୁଷ ଭୋଟରଙ୍କ ସଂଖ୍ୟା୨୧୩୭୪୩ ରହିଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୮୬୫୦୨୨ ଥିଲା। ଯୁବ ଭୋଟରଙ୍କ ସଂଖ୍ୟା ୩୮୪୫୨ଥିଲା। ଏହା ଭୋଟର ତାଲିକା ସଂଶୋଧନ ୨୦୨୪ ଅନୁଯାୟୀ ଯୁବ ଭୋଟରଙ୍କ ସଂଖ୍ୟା ୫୧୪୬୩କୁ ବୃଦ୍ଧି ପାଇଛି; ଯାହାକି ଏହି ବର୍ଷର ସମଗ୍ର ଗଣନାର୨.୭୫ପ୍ରତିଶତ। ତେବେ ଲିଙ୍ଗ ଅନୁପାତ୨୬୨ରହିଛି; ଯାହା ୨୦୧୯ରେ ୨୪୭ଥିଲା। ନିର୍ବାଚନ ତାଲିକା ଅନୁଯାୟୀ ଫଟୋ ଏବଂ ଏପିକ କଭରେଜ ଶହେ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଯୁବ ଭୋଟରମାନଙ୍କୁ ତାଲିକାରେ ଯୋଗ କରିବା ପାଇଁ ପଥ ଉତ୍ସବ ଭଳି ବିଭିନ୍ନ ପ୍ରୋତ୍ସାହନ ମୂଳକ କାର୍ଯ୍ୟକ୍ରମମାନ କରାଯାଇ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବା ପରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଭୋଟର ପଞ୍ଜିକରଣ ଓ ନିର୍ଭୁଲ ତଥା ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରସ୍ତୁତି ଆଦି ଉପରେ ସଚେତନତା ସୃଷ୍ଟି ପାଇଁ ୨୦୨୩ ଅକ୍ଟୋବର ୨୮ତାରିଖରେ ବାଲେଶ୍ୱର ସହର ସଦର ମହକୁମାରେ ଓ ନୀଳଗିରି ସଦର ମହକୁମାଠାରେ ପଥ ଉତ୍ସବ ଓ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏଥିସହିତ ଗତ ନଭେମ୍ବର ୬ରେ ୧୮ ବର୍ଷର କିଶୋର କିଶୋରୀଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବା ଓ ଭୋଟ ପରିଚୟପତ୍ରରେ ଥିବା ତ୍ରୁଟି ସଂଶୋଧନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସଚେତନତା ରଥ ବାଲେଶ୍ୱର ସହର ଓ ଆଖପାଖ ପଞ୍ଚାୟତରେ ଗଡ଼ିଥିଲା ।

## ଡ୍ରିମ୍ସ ଆଇଡିଆଲ୍ ସ୍କୁଲର ବାର୍ଷିକ ଉତ୍ସବ




**ବାଲେଶ୍ୱର,୮ ।୧(ସମିସ)**

ଡ୍ରିମ୍ସ ଆଇଡିଆଲ୍ ସ୍କୁଲର ପ୍ରାୟୋଜିତ ରାଜ୍ୟସ୍ତରୀୟ ଶଙ୍ଖ ଧ୍ୱନି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଗାୟତ୍ରୀ ସୋରେନ, ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲିଟି ଚେୟାରମ୍ୟାନ ସବିତା ସାହୁ, ୩୧ନମ୍ବର ୱାର୍ଡ କାଉନସିଲର ରଞ୍ଜିତା ମହାପାତ୍ର ଓ ବାଲେଶ୍ୱର ସହଦେବଖୁଣ୍ଟା ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଜ୍ଞା ମହାନ୍ତି ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଅରଡବଜାର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମେହବୁବା ଆଲମ୍ ଓ ଶେଖ୍ ମୁକ୍ତାର ବିଚାରକ ଭାବେ ଯୋଗ ଦେଇଥିଲେ। ପରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣଚନ୍ଦ୍ର ଜେନା, କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ ପ୍ରମୁଖ ଅତିଥବ ଭାବେ ଯୋଗ ଦେଇଥିଲେ। ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି ବିବରଣୀ ପାଠ କରିଥିଲେ। ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରେହାନା ବେଗମ୍, ସତ୍ୟଭାମା ପ୍ରଧାନ, ସ୍ମୃତି ରେଖା ଦାସ, ସ୍ମିତିସୁଧା ଦାସ, ଆରତୀ ଦାସ, ଅନୀତା ଦାସ, ଶାନ୍ତି ଲତା ଖଟୁଆ, ଆଞ୍ଚଲପ୍ରିୟା ବେହେରା, ଦେବୀଶ୍ରୀ ଗିରି, ସଞ୍ଜନା ପାତ୍ର, ତନୁଜା ରାଉତ, ଅନ୍ନପୂର୍ଣ୍ଣା ମଲ୍ଲିକ, ଭିଭି ମାଝୀ,ସରିଫୁଦ୍ଦିନ୍ ମହମ୍ମଦ, ରୁନି ସିଂ, ସୁଲତା ଜେନା, ଭଗବାନ ବେହେରା ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ।

## ୟୁକୋ ବ୍ୟାଙ୍କ ଭୋଗରାଇ ଶାଖା ପୁରସ୍କୃତ

**ଭୋଗରାଇ,୮ ।୧(ସମିସ):** ସମଗ୍ର ରାଜ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ଲଗାଣ କ୍ଷେତ୍ରରେ ୟୁକୋ ବ୍ୟାଙ୍କ ଭୋଗରାଇ ଶାଖା ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିଛି । ୨୦୨୧-୨୨ ଆର୍ଥିକ ବର୍ଷରେ ଏସଏଚଜି ଗୋଷ୍ଠୀକୁ ଅନ୍ୟ ବ୍ୟାଙ୍କ ଶାଖା ତୁଳନାରେ ସର୍ବାଧିକ ପରିମାଣର ଋଣ ଯୋଗାଇ ଦେଇ ପ୍ରଥମ ସ୍ଥାନରେ ରହିଛି । ଏଥିପାଇଁ ୟୁକୋ ବ୍ୟାଙ୍କର ୮୨ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଲୋକସେବା ଭବନର କନଭେନସନ ସେଣ୍ଟରରେ ଅନୁଷ୍ଠିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୟୁକୋ ବ୍ୟାଙ୍କ ଭୋଗରାଇ ଶାଖାକୁ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଭୋଗରାଇ ଶାଖା ପରିଚାଳକ ଉମେଶ ଚନ୍ଦ୍ର ନାୟକ ମୁଖ୍ୟମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

## ନଈବାଲିରୁ ଟଙ୍କାଟିଏ ବି ରାଜସ୍ୱ ମିଳୁନି



**ରାଇବଣିଆ,୮ ।୧(ସମିସ):** ଜଳେଶ୍ୱର ଅଞ୍ଚଳ ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ବାଲି ଚାଲାଣ ହେଉଛି । ରାଜସ୍ୱ ବିଭାଗ କିନ୍ତୁ ଟଙ୍କାଟିଏ ପାଉନି । ଜଳେଶ୍ୱର ତହସିଲରେ ଅଧୀନରେ କୌଣସି ଗୋଟିଏ ହେଲେ ବି ସରକାରୀ ବାଲି ସୌରତ ନାହିଁ । ସୁବର୍ଣ୍ଣରେଖାରୁ କିନ୍ତୁ ବାଲି ମାଫିଆ ଲାଭ ଉଠାଉଛନ୍ତି । ହଜାର ହଜାର ଟ୍ରିପ୍ ବାଲି ବିକୁଛନ୍ତି । ଏହାଦ୍ୱାରା ଅନେକ ଅଞ୍ଚଳ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି । ସେହିଭଳି ଲୋକଙ୍କ ଚାଷ ଜମି ମଧ୍ୟ ନଷ୍ଟ ହେବାରେ ଲାଗିଛି । ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସବୁ ଜାଣି ମଧ୍ୟ ଚୁପ୍ ରହିବା ଅଧିକ ସନ୍ଦେହ ସୃଷ୍ଟି କରିଛି ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




**ଚନ୍ଦନେଶ୍ୱର,୮ ।୧(ସମିସ):** ଭୋଗରାଇ ବ୍ଲକ ଶଙ୍ଖାରୀ ପଞ୍ଚାୟତ ଅଧୀନ ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟ ୧୯୮୬ ମସିହା ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ତତ୍କାଳୀନ ପ୍ରଧାନ ଶିକ୍ଷକ ବ୍ରଜମୋହନ ଦାସ୍ ଅଧିକାରୀ, ଶିକ୍ଷକ ବିଜୟ ସିଂ , ସାଧନା ଦାସ ଅଧିକାରୀ ଓ ଛବି ରାଣୀ ସିଂ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖଗେନ୍ଦ୍ର ମଣ୍ଡଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥଲେ । ତ୍ରୈଲୋକ୍ୟ ନାଥ ଜେନା, ଦେବକୁମାର ପାତ୍ର, ଦିଲ୍ଲୀପ ଜେନା, କାର୍ତ୍ତିକ ଚନ୍ଦ୍ର ସାଁ, ସୁଧୀର କୁଣ୍ଡୁ, ସନ୍ତୋଷ ବାରିକ, ସୁଭାଷ ଚାନ୍ଦ, ସୁମନ୍ତ ନାୟକ, ହରିପଦ ନାୟକ, ଭୂଦର ସୁର, ହରିପଦ ନାୟକ, ତରୁଣ ଜେନା, ମୀନାରାଣୀ ଗିରି, ଅନୁପମା ସୁର ପ୍ରମୁଖ ବକ୍ତବ୍ୟ ରଖି ପୁରୁଣା ଦିନର ସ୍ମୃତି ରୋମନ୍ଥନ କରିଥିଲେ । ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ଦୀପକ ଦିଣ୍ଡା, କାହ୍ନୁ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ ।

## ଇମାମି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



**ବାଲେଶ୍ୱର,୮ ।୧(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟଠାରୁ ଇମାମି ନଗର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଇମାମି ପେପର ମିଲସ୍, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ବାଲେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହେଇଯାଇଛି । ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମୀ ରଞ୍ଜନ ଦଳବେହେରା ଶୁଭାରମ୍ଭ କରିଥିଲେ । ଏହି ଗଣଦୌଡ଼ ଇମାମି ନଗର ଜଗନ୍ନାଥ ମନ୍ଦିରରେ ପହଞ୍ଚିବାପରେ ସମାପନ ଅବସରରେ ଇମାମି ପେପର ମିଲ୍ସ ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ହୋତା, ରମେଶ ଖୁଣ୍ଟିଆ, ମନୋଜ ଦାଶ, ଆନୱାର ଅଲ୍ଲୀ, ଆଶିଷ ସେନ, ବୀରେନ୍ଦ୍ର ନାୟକ, ରାଜକୁମାର ବେହେରା, ଶଙ୍କର ଦେବ, ଜିତେନ୍ଦ୍ର ଉପାଧ୍ୟାୟ, ଜିତେନ୍ଦ୍ର ମହାପାତ୍ର, ଆଶିଷ ମୁଖାର୍ଜୀ, ଭବାନନ୍ଦ ଶତପଥୀ, ଜ୍ୟୋତିରଞ୍ଜନ ବେହେରା, ରିତେଶ ସିଂ, ସଞ୍ଜିତ ସାହୁ, ରଞ୍ଜିତ କୁମାର ଦାସ ଇମାମି ସିଏସ୍ଆର ଟିମ୍ ସମେତ ରେମୁଣା ପୁଲିସ, ଇମାମି ସ୍ୱାସ୍ଥ୍ୟସେବା ଗାଡ଼ି ଏବଂ ଜିଲ୍ଲା ଆଞ୍ଚଳିକ ପରିବହନ ସଚେତନା ରଥ ସାମିଲ ହେଇଥିଲା । ଇମାମି ଏଚ୍ଆର. ଏଜିଏମ୍ ତଥା ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ ।

## ଭୋଗରାଇ ଉତ୍ସବର ବନ୍ଧୁମିଳନ, କବିତା ପାଠୋତ୍ସବ

**ଭୋଗରାଇ,୮ ।୧(ସମିସ):** ଭୋଗରାଇ ଉତ୍ସବ କମିଟି ପକ୍ଷରୁ ଏକ ବନ୍ଧୁମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ କମିଟିର ସଭାପତି ପଙ୍କଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବକୁ ଯୁବ କବି ଶ୍ରୀକୁମାର ଘୋଷ ଓ ହରିପଦ ସାହୁ ସଂଯୋଜନା କରିଥିଲେ । ଏଥିରେ କବି ଗୌରହରି ଗିରି, ପ୍ରଫୁଲ୍ଲ ଗିରି, ନାରାୟଣ ସିଂହ, ଅଜୟ ଚାନ୍ଦ, ଚନ୍ଦନ ଦାସ, କୃଷ୍ଣପ୍ରସାଦ ମଣ୍ଡଳ, ଦିଲ୍ଲୀପ ମାହାନା, ପଣ୍ଡିତ ଭୃଗୁରାମ କରଶର୍ମା ଓ ବିପିନ ଦେହୁରୀ, ସାମ୍ବାଦିକ ଅମର ମହାନ୍ତି, ସାମ୍ବାଦିକ ସୌରଭ ରାଉଳ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ପ୍ରଫେସର ଡ. ନବକୃଷ୍ଣ ଦେ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ପରମାନନ୍ଦ ଜେନା ପ୍ରମୁଖ କବିତା ପାଠ କରିଥିଲେ । ବନ୍ଧୁମିଳନ ଉତ୍ସବରେ ଉପ ସଭାପତି ରମାକାନ୍ତ କରଣ ଓ ରଘୁନାଥ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଦୀପ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ଜେନା, କାର୍ଯ୍ୟାଳୟ ସମ୍ପାଦକ ପରିମଳ ମହାନ୍ତି, ସମ୍ପାଦକ ସୁନୀଲ କର, ଗୋପବନ୍ଧୁ ମହାପାତ୍ର, ଦୀପେଶ ଚନ୍ଦ୍ର ରାୟ, ପ୍ରମଥ ଗିରି, ସତ୍ୟଶିବ ଦାସ, ସାଂସଦ ପ୍ରତିନିଧି ଆଶିଷ ମହାନ୍ତି, ଆଶିଷ ଦାସ, ସଞ୍ଜୀବ ସାହୁ, ଗୌରହରି ମହାନ୍ତି, ହରେନ୍ଦ୍ର ନାଥ ଦାସ, ଅରବିନ୍ଦ ତୋଳା, ହରେନ୍ଦ୍ର ନାଥ ଭୋଳ, ସୁବ୍ରତ ଘରାଇ, ନଟରଞ୍ଜନ ଘରାଇ, ମମତା ସାହୁ, ପ୍ରଦୀପ ଦାସ, ନିଶେଷ ଦେବ, ରାଜେନ୍ଦ୍ର ନାରାୟଣ ଘୋଷ, ସୁଶାନ୍ତ ନାୟକ, ଅଧ୍ୟାପକ ସରୋଜ ଦାସ, ଶମ୍ଭୁନାଥ ଦାସ, ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଚକପଳାସିଆ ଗ୍ରାମର ସ୍ୱର୍ଗତ ରଘୁନାଥ କର ଏବଂ ସୁଆଶୁଣି ଗ୍ରାମର ପୁରୁଷୋତ୍ତମ ଜେନାଙ୍କ ଲାଗି ଶାନ୍ତି ପ୍ରାର୍ଥନା କରାଯାଇଥିଲା ।



ବାହାନଗାରେ କର୍ମୀ ଜିଲ୍ଲା ପରିଷଦ ସଭ୍ୟ ନୀଳାମ୍ବର ମହାଳିକଙ୍କ ଜନ୍ମଦିନ ପାଳନ କରୁଛନ୍ତି । (ଫଟୋ: 'ସକାଳ', ବାହାନଗା)




ସୋର ବ୍ଲକ୍ ପାଖରଛକସ୍ଥିତ ପଦ୍ମଲୋଚନ ପାଠାଗାରର ବାର୍ଷିକ ଉତ୍ସବରେ ଡାକ୍ତର ପ୍ରସନ୍ନ ବେହେରାଙ୍କୁ ସେବା-ପଦ୍ମ ସମ୍ମାନରେ ସମ୍ମାନିତ କରାଯାଉଛି । (ଫଟୋ: 'ସକାଳ', ସୋର)

# ବ୍ରାଉନସୁଗର ବେପାରୀଙ୍କୁ ବାଇକ୍ ଚଢ଼ାଇ ହତ୍ୟା ଉଦ୍ୟମ

**ଭୋଗରାଇ,୮ ।୧,(ସମିସ)**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ଜଳସୋହରିଆରେ କେତେକ ଯୁବକ ଜଣେ ବ୍ରାଉନସୁଗର ବେପାରିକୁ ବାଇକ୍ ଚଢାଇ ହତ୍ୟା ଉଦ୍ୟମ କରିଛନ୍ତି । ଭୋଗରାଇ ବ୍ଲକ୍ ତାଳସାରି ସାମୁଦ୍ରିକ ଥାନା ଅଧୀନ ସାହାବାଜିପୁର ଗ୍ରାମର ରାକେଶ ପଟ୍ଟାୟତ (୧୭) ବ୍ରାଉନ ସୁଗର କିଣିବା ପାଇଁ କମର୍ଦ୍ଦା ଅଭିମୁଖେ ଯାଉଥିଲା । ନେଗୁଆ ଛକରେ କେତେକ ଯୁବକ ତାକୁ ଅଟକାଇ ଅବକାରୀ ବିଭାଗର ଅଫିସର ବୋଲି ପରିଚୟ ଦେଇଥିଲେ । ଧମକ ଦେଇ ତା'ଠାରୁ ଟଙ୍କା, ମୋବାଇଲ ଓ ସ୍କୁଟି (ଓଡି-୦୧ଏ-ଏଚ୭୭୧୦) ଚାବି ଛଡ଼ାଇ ନେଇଥିଲେ । ରାକେଶ ଭୟଭୀତ ହୋଇ ସେମାନଙ୍କ ଗୋଡ଼ ଧରି ଭୁଲ୍ ମାଗିବା ପରେ ସେମାନେ ତାକୁ ବ୍ରାଉନ ସୁଗରର ବେପାରିକୁ ଡାକିବାକୁ କହିଥିଲେ । ସେମାନଙ୍କ କଥା ଅନୁସାରେ ରାକେଶ କମର୍ଦ୍ଦା ଥାନା ବାରମାଇଲ ଅଞ୍ଚଳର ଡିକେ ନାମକ ଜଣେ ବ୍ରାଉନ ସୁଗାର ବେପାରିକୁ ନେଗୁଆ ଛକକୁ ଡାକିଥିଲା । ଡିକେ ଆସୁଥିବା ଜାଣି ଯୁବକମାନେ ଦୁଇ ଭାଗ ହୋଇ ନେଗୁଆ ଛକ ଓ ଜଳସୋହରିଆ ପାନ ମାର୍କେଟର ଅନତି ଦୂରରେ ଛକି ରହିଥିଲେ । ଡିକେ ବ୍ରାଉନ ସୁଗର ନେଇ ପହଞ୍ଚିବା ମାତ୍ରେ ସେମାନେ ତାକୁ ଘେରିଯାଇ ଟଙ୍କା



ମାଗିଥିଲେ । ଡିକେ ଟଙ୍କା ନ ଦେଇ କୌଶଳ କ୍ରମେ ଏକ ୟାହାମା ଆର-୧୫ (ଓଡି-୦୧ଜେଡ-୬୯୩୩) ବାଇକ୍ ଯୋଗେ ଖସି ପଳାଇଥିଲା । ଯୁବକଙ୍କ ମଧ୍ୟରୁ ୨ ଜଣ ଏକ ବୁଲେଟରେ ତାକୁ ଗୋଡ଼ାଇଥିଲେ । ପୂର୍ବରୁ ଜଳସୋହରିଆ ପାନ ମାର୍କେଟର ଅନତି ଦୂରରେ ଛକି ରହିଥିବା ରତ୍ନାକର ବେହେରା ଓ ଦିବାକର ନାମକ ଦୁଇ ଯୁବକ ଦ୍ରୁତ ଗତିରେ ଆସୁଥିବା ଡିକେକୁ ଦେଖି ଏକ ବାଇକ୍‌ରେ ରାସ୍ତା ମଝିରେ ଡିକେକୁ ଧକ୍କା ଦେଇ ଥିଲେ । ଡିକେ ଗୁରୁତର ଆହତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲା । ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଯୁବକମାନଙ୍କୁ ଅଟକ ରଖିଥିଲେ । ରତ୍ନାକର ଓ ଦିବାକରେ ନିଜକୁ ଅବକାରୀ ବିଭାଗର କର୍ମଚାରୀ ବୋଲି ପରିଚୟ ଦେଇ ଖସି ଯିବାକୁ ଉଦ୍ୟମ କରିଥିଲେ; ମାତ୍ର ଦୁର୍ଘଟଣାର ପ୍ରତ୍ୟକ୍ଷଦର୍ଶୀ ସ୍ଥାନୀୟ ଲୋକେ ଅବକାରୀ ବିଭାଗର କର୍ମଚାରୀ କ'ଣ ଏମିତି ଦୁର୍ଘଟଣା ଘଟାଇ ଲୋକଙ୍କୁ ମୃତ୍ୟୁ ମୁଖରେ ଛାଡ଼ି ଚାଲି ଯାଆନ୍ତି ବୋଲି ପ୍ରଶ୍ନ କରିଥିଲେ । ସେହି ସମୟରେ ରତ୍ନାକର ଚେତାଶୂନ୍ୟ ହୋଇ ଯାଇଥିଲା । ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଓ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତ ଡିକେ ଓ ରତ୍ନାକରକୁ ଚିକିତ୍ସା ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଲେ । ଦିବାକର ଓ ରାକେଶକୁ ଅଟକ ରଖି ଚନ୍ଦନେଶ୍ୱର ପୁଲିସ ଫାଣ୍ଡି ଓ ଭୋଗରାଇ ଥାନାକୁ ଖବର ଦେଇଥିଲେ । ଚନ୍ଦନେଶ୍ୱର ପୁଲିସ ଫାଣ୍ଡି ଅଧିକାରୀ ଶଙ୍କର ମୁର୍ମୁ, ଭୋଗରାଇ ଥାନା ଏଏସ୍ଆଇ ହୃଷିକେଶ ବିଶ୍ୱାଳ, ହାବିଲଦାର ନଳିନୀ ପଣ୍ଡାଙ୍କ ସମେତ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଥିଲେ । ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ରାକେଶ ଓ ଦିବାକରକୁ ଥାନାରେ ଅଟକ ରଖିଛି । ଡିକେର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାକୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ସନ୍ଦେହଘେରରେ ହୋଟେଲ କର୍ମଚାରୀଙ୍କ ମୃତ୍ୟୁ

**ଖଇରା,୮ ।୧(ସମିସ):** ଖଇରା ଥାନା ଅଧୀନ କୁପାରୀ ବଜାରର ଏକ ହୋଟେଲରେ କାମ କରୁଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ଏହି ଯୁବକ ଜଣକ ହେଲେ ମାଖନପୁର ଗ୍ରାମର ହିମାଂଶୁ ବେହେରା । ହୋଟେଲ ପରିସରରେ ସେ ବେକରେ ରଶି ଲଗାଇ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ପୁଲିସ କହିଛି । ୨ମାସ ଧରି ସେ ଏଠାରେ କାମ କରୁଥିଲେ । ତେବେ ତାଙ୍କୁ ହତ୍ୟା କରାଯାଇଥିବରା ତାଙ୍କ ମା' ସବିତା ଅଭିଯୋଗ କରିଛନ୍ତି । ଏ ନେଇ ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଡଗରପଡ଼ା ଗ୍ରାମରୁ ଚୋରି

**ଖଇରା,୮ ।୧(ସମିସ):** ଖଇରା ଥାନା ଡଗରପଡା ଗ୍ରାମର ପ୍ରଭାତ ଦଳେଇଙ୍କ ଘରୁ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଡଗରପଡାରେ ଏକ ଯାତ୍ରା ପାର୍ଟି ଚାଲିଥିବା ବେଳେ ପ୍ରଭାତ ଓ ତାଙ୍କ ପରିବାର ଲେକେ ଯାତ୍ରା ଦେଖିବାକୁ ଯାଇଥିଲେ । ଏହି ସମୟରେ ଚୋରି ହୋଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି ।

# ବିଜେଡି ସମର୍ଥିତ ସରପଞ୍ଚ ସଂଘ ସଭାପତି ହେଲେ ଦେବ କୁମାର

**ବାଲିଆପାଳ,୮।୧(ସମିସ)**

ବାଲିଆପାଳ ବ୍ଲକ୍‌ର ବିଜେଡି ସମର୍ଥିତ ସରପଞ୍ଚ ସଂଘର ସଭାପତି ହେଲେ ବିଜେଡି ଜିଲ୍ଲା ଉପ ସଭାପତି ତଥା ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ । ବାଲିଆପାଳର ବରିଷ୍ଠ ନେତା ଶ୍ରୀ ଦେ ସରପଞ୍ଚ ସଂଘର ସଭାପତି ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଆଜି ବାଲିଆପାଳ ବ୍ଲକ ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳର ସରପଞ୍ଚ ଏବଂ ସଦସ୍ୟ ତଥା ନେତୃବୃନ୍ଦଙ୍କ ଉପସ୍ଥିତିରେ ଶ୍ରୀ ଦେଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦିନରେ ସରପଞ୍ଚମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବେ ବୋଲି ଶ୍ରୀ ଦେ ଗଣମାଧ୍ୟମକୁ କହିଛନ୍ତି । ବାଲିଆପାଳ ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା କୃଷକ ସଂଘର ସଭାପତି ଅଜୟ ସାମଲ, ବ୍ଲକ ମହିଳା ସଭାପତି ତଥା ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଜେନା, ୨୩ ନଂ ଜୋନ୍‌ର ଜିଲ୍ଲା ପରିଷଦ ବେଣୁଧର ଜେନା,୨୨ନଂ ଜୋନ୍‌ର ଜିଲ୍ଲା ପରିଷଦ ନିଶାକର ସେଠୀ, ଦେଭୋଗ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ବେତଗଡିଆ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଗିରି, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, କୁଣ୍ଡୁହୁଳି ସରପଞ୍ଚ ଜୟନ୍ତ ଦାସ, ଅସ୍ତି ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ବଳରାମପୁର ସରପଞ୍ଚ ଅରୁଣ ପାଣିଗ୍ରାହୀ, ସାଉଡି ସଦସ୍ୟ କମଳାକାନ୍ତ ମଲ୍ଲିକ, ବୋଙ୍ଗ ସଦସ୍ୟାଙ୍କ ପ୍ରତିନିଧି ତପନ ରାଉତ, ବଣିଆଡିହା ସଦସ୍ୟ କଟି ମାରାଣ୍ଡି, ବାଲିଆପାଳ ସଦସ୍ୟଙ୍କ ପ୍ରତିନିଧି ରତିକାନ୍ତ ପାତ୍ର, ପ୍ରତାପପୁର ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ନିଖିରା ସଦସ୍ୟାଙ୍କ ପ୍ରତିନିଧି ମନ୍ମଥ ମାଣିକ, କୁଣ୍ଡୁଳି ସଦସ୍ୟା ନମିତା ମଲ୍ଲିକ, ଜିଲ୍ଲା ସଂପାଦକ ମନ୍ମଥ ଗିରି, ଯୁଗ୍ମ ସଂପାଦକ କମଳ ଲୋଚନ କର, ଜାମକୁଣ୍ଡ ପଞ୍ଚାୟତ ସଭାପତି ବସନ୍ତ ମହାନ୍ତି, ମଧୁପୁରାର ପୂର୍ବତନ ସମିତି ସଦସ୍ୟ ମନ୍ମଥ ବାରିକ, ଜାମକୁଣ୍ଡାର ପୂର୍ବତନ ସମିତି ସଦସ୍ୟ ସୁଧାଂଶୁ ବାରିକ, ବାଲିଆପାଳ ସଭାପତି ରଘୁନାଥ ଜେନା ପ୍ରମୁଖ ତାଙ୍କୁ ଶୁଚ୍ଛୋ ଜଣାଇଥିଲେ ।

## ଡିଭାଇଡର୍‌କୁ ଧକ୍କାଦେଇ ୨ ବାଇକ୍ ଆରୋହୀ ଗୁରୁତର

**ସୋର,୮।୧(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ଛକ ନିକଟରେ ଡିଭାଇଡର୍‌କୁ ଧକ୍କାଦେଇ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ସୋର ମେଡିକାଲରେ ଭର୍ତ୍ତି କରାଯାଇଛି । ଭଦ୍ରକ ଜିଲ୍ଲା ବଙ୍କସାହି ଅଞ୍ଚଳର ପ୍ରୀତିରଞ୍ଜନ ନାୟକ ଓ ଅସିତ ସାହୁ କୌଣସି କାମରେ ଆସି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ନିକଟରେ ଭାରସାମ୍ୟ ହରାଇ ଡିଭାଇଡର୍‌କୁ ଧକ୍କା ଦେଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡିଛି ।

## ହୃଦ୍‌ଘାତରେ ବୃଦ୍ଧଙ୍କ ପରଲୋକ

**ଚୌକି,୮ ।୧(ସମିସ):** ଭୋଗରାଇ ବ୍ଲକ୍ କୁମ୍ଭୀରଗଡି ପଞ୍ଚାୟତର କଂଗ୍ରେସ ସଭାପତି ଶ୍ରୀକାନ୍ତ ପିଳାଙ୍କ ବାପା ଶଙ୍କର ପିଳାଙ୍କ ୬୭ ବର୍ଷ ବୟସରେ ହୃଦ୍‌ଘାତରେ ପରାଲୋକ



ହୋଇଛି । ସତ୍ୟଶିବ ଦାସ, ସରପଞ୍ଚ ପ୍ରତିନିଧି ରାକେଶ ପରିଡ଼ା, ଅଜୟ ସାହୁ, ସୁଶାନ୍ତ ନାୟକ, ପ୍ରଫୁଲ୍ଲ ପ୍ରଧାନ, ପ୍ରଶାନ୍ତ ମାଝୀ, ହିମାଂଶୁ ମାଝୀ, ମନୋରଞ୍ଜନ ପାତ୍ର, ଜୟନ୍ତ ନାୟକ ଗୌରାଙ୍ଗ ମାଝୀ ପ୍ରମୁଖ ତାଙ୍କ ଖଳାବାଡିଆସ୍ଥିତ ବାସଭବନରେ ଉପସ୍ଥିତ ଥିଲେ ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଜଳେଶ୍ୱର ବ୍ଲକ, ୮ ।୧(ସମିସ)**

ସମ୍ପତିଆ ତିଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ମହାଦେବ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇଥିଲେ । ସେଠାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାପତି ଦେ ସଭାପତିତ୍ୱ କରିଥଲେ । ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୀତାଞ୍ଜଳୀ କାମିଲା ଏବଂ ଡାକ୍ତର କାଳିଚରଣ ଶତପଥୀ




ମଞ୍ଚାସୀନ ଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ସବିତା ପାଠୀଙ୍କ ଦ୍ୱାରା ରଚିତ ଏବଂ ନିର୍ଦ୍ଦେଶିତ ଏକ ନାଟକ ମଞ୍ଚସ୍ଥ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ବୈଶାଖୀ ଆଚାର୍ଯ୍ୟ, ବନ୍ଦନା ଦାସ, ସୁରେଶ ଚନ୍ଦ୍ର ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ । ବିବେକାନନ୍ଦ ଦାସ, ବିନୟ ଆଚାର୍ଯ୍ୟ, ସାରଥୀ ବେହେରା, ରମାକାନ୍ତ କାମିଳା ପ୍ରମୁଖ ଉପସ୍ଥିତ ଥିଲେ । ସାର୍ଥକ ଆଚାର୍ଯ୍ୟ ସହଯୋଗ କରିଥିଲେ । ଶିକ୍ଷକ ରଣଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ଜିଜ୍ଞାସା ପାଠୀ, ପ୍ରତ୍ୟାଶା ଦେ, ଶୁଭଲକ୍ଷ୍ମୀ କାମିଳା, ସାଇଶ୍ରୀ ପରିଡ଼ା, ଶୁଭଲକ୍ଷ୍ମୀ ସିଂହ, ପବିତ୍ର ପ୍ରଧାନ, ସାଇ ଶଙ୍କର ମୁଖୀ ଦିବ୍ୟାସା ପାଠୀ, ତାନିଶା ପଣ୍ଡା, ନିରୋପମ ପରିଡ଼ା ପ୍ରମୁଖ ପ୍ରମୁଖ ନାଟକରେ ଅଭିନୟ କରିଥିଲେ । ହେଲମେଟ ପିନ୍ଧିବା, ସିଟ ବେଲ୍ଟ ଲଗାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ିର କାଗଜ ପତ୍ର ଠିକ୍ ରଖିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା ଇତ୍ୟାଦି ପଥପ୍ରାନ୍ତ ନାଟକରେ ପ୍ରଦର୍ଶିତ ହୋଇଥିଲା ।

# ଔପଦା ଆଞ୍ଚଳିକ ମହୋତ୍ସବର ଅଡିସନ

**ଔପଦା,୮ ।୧(ସମିସ):** ଜାନୁୟାରୀ ୩୦ରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଷଷ୍ଠ ଔପଦା ଆଞ୍ଚଳିକ ମହୋତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ଔପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଡ଼ିସନ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ଅଶୋକ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ବ୍ଲକ୍ ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର, ମୁନି ସିଂ, ଔପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ପାଲ, କମିଟି ପ୍ରତିଷ୍ଠାତା ଦୀପକ ପ୍ରଧାନ, ସମ୍ପାଦକ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୪୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଜୟଶ୍ରୀ ବେହେରା ସଂଯୋଜନା କରିଥିବା ବେଳେ ଶ୍ରୀମନ୍ତ ବିଶ୍ୱାଳ ଓ ପ୍ରଫୁଲ୍ଲ ମଲ୍ଲିକ ବିଚାରକ ଭାବେ ଯୋଗ ଦେଇଥିଲେ । ବିଶ୍ୱରଂଜନ ବେହେରା, ଶୁଭମ୍ ମଲ୍ଲିକ, ବିସ୍ମୟ ପ୍ରଧାନ, ମାୟାଧର ସାମଲ, ସୁଦର୍ଶନ ଜେନା, ରମେଶ ମହାକୁଡ, ଦୈତାରି ପରିଡ଼ା, ଶଶିକାନ୍ତ ବେହେରା ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।





## ଆଜିର ଦିନରେ

- ୧୭୯୩- ବିଶ୍ୱର ପ୍ରଥମ ହଟ୍ ଏୟାର୍ ବେଲୁନ୍ ଆମେରିକାର ଫିଲାଡେଲଫିଆରୁ ଉଡ଼ାଣ ଆରମ୍ଭ କଲା।
- ୧୯୮୨- ପ୍ରଥମ ଭାରତୀୟ ବୈଜ୍ଞାନିକ ଦଳ ଆଣ୍ଟାର୍କଟିକାରେ ପହଞ୍ଚିଲେ।
- ୨୦୦୨- ମାଇକେଲ ଜ୍ୟାକସନ୍‌ଙ୍କୁ ଆମେରିକାନ୍ ମ୍ୟୁଜିକ୍ ଆୱାର୍ଡରେ 'ଆର୍ଟିଷ୍ଟ ଅଫ୍ ଦ ସେଞ୍ଚୁରି' ପୁରସ୍କାର ପ୍ରଦାନ କରାଗଲା।
- ୨୦୧୧- ଇରାନ୍‌ର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୭୭ ଜଣଙ୍କ ପ୍ରାଣହାନି।

## ଆଜିର ରାଶିଫଳ

**ମେଷ:** ପରୋପକାରରେ ଦିନ ବିତିବ। ଅନ୍ୟମାନଙ୍କ ପାଇଁ ଅଧିକ ଚିନ୍ତା କରିବେ। ପିଲାମାନଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ବୃଷ:** ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅଟକିଥିବା କାର୍ଯ୍ୟ ପୂରା ହେବ। ମହିଳାମାନେ ଅର୍ଥ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବା ଅନୁଚିତ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଜୀବନସାଥୀଙ୍କ ସହ ଦୂରସ୍ଥାନ ଯାତ୍ରା କରିପାରନ୍ତି। କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କର୍କଟ:** ଧନଧାନ୍ୟ ବଢ଼ିବ। ବନ୍ଧୁଙ୍କ ସହଯୋଗରେ କାର୍ଯ୍ୟରେ ସଫଳତା ପାଇବେ। ନୂତନ ବ୍ୟବସାୟରେ ନିବେଶ କରିବେ। ସାଥୀଙ୍କ ସହ ମଜାମସ୍ତି କରିବେ। ପିଲାମାନେ ଭ୍ରମଣପ୍ରିୟ ହେବେ।

**ସିଂହ:** କୌଣସି କଥାକୁ ନେଇ ବିଚଳିତ ହୋଇପାରନ୍ତି। ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ନୂତନ ଜମି କିଣା ପାଇଁ ଯୋଜନା କରିବେ। ମହିଳାମାନେ ଧାର୍ମିକ ସମାବେଶରେ ସମୟ ବିତାଇବେ।

**କନ୍ୟା:** କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବ୍ୟବସାୟରେ କ୍ଷତି ସହିବେ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ନ ପଡ଼ି ଆଗକୁ ବଢ଼ିବା ପାଇଁ ଯୋଜନା ପ୍ରସ୍ତୁତ କରିବେ। ନିୟମିତ ଯୋଗ ଏବଂ ବ୍ୟାୟାମ ଅଭ୍ୟାସ କରନ୍ତୁ।

**ତୁଳା:** ପରିବାରର ହସଖୁସି ପାଇଁ ଆପଣଙ୍କ ପ୍ରୟାସ ପ୍ରଶଂସନୀୟ ହେବ। ଅଚିହ୍ନା ବ୍ୟକ୍ତିଙ୍କ ସହାୟତାରେ ସମସ୍ୟାର ସମାଧାନ ହେବ। ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସନ୍ତାନଙ୍କ ଉନ୍ନତି ହେବ।

**ବିଛା:** ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ମହିଳାମାନଙ୍କୁ ଘରର ମୁଖ୍ୟ ଦାୟିତ୍ୱ ମିଳିବ। ଭବିଷ୍ୟତକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଅନୁକୂଳ ସମୟ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଗୁରୁଜନଙ୍କ ପରାମର୍ଶରେ କାର୍ଯ୍ୟରେ ସଫଳ ହେବେ। ଧାର ଦେଇଥିବା ଟଙ୍କା ଫେରିପାଇବେ।

**ମକର:** ଧୈର୍ଯ୍ୟ ନ ହରାଇ ସାହସର ସହିତ ସମସ୍ୟାର ସମାଧାନ କରନ୍ତୁ। ଅଫିସରେ ସମସ୍ତଙ୍କ ସହ ସମାନ ଆଚରଣ ଦେଖାନ୍ତୁ। ପରିବାର ସଦସ୍ୟଙ୍କ ସହ ସମୟ ବିତାନ୍ତୁ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ।

**କୁମ୍ଭ:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ଅଫିସରେ କାର୍ଯ୍ୟ କରିପାରନ୍ତି। ଆର୍ଥିକ ଅବସ୍ଥା କମ୍‌ଜୋର ରହିବ। ପ୍ରେମ ବ୍ୟାପାରରେ ଅଧିକ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟାକୁ ଅଣଦେଖା କରନ୍ତୁନି।

**ମୀନ:** ଜମିଜମା ମାମଲାରୁ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ଅଧିକ ଦାୟିତ୍ୱ ବଢ଼ିଯିବ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବେ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

# ପ୍ରବାସୀ ଭାରତୀୟ ଦିବସ

ପ୍ରତିବର୍ଷ ଜାନୁଆରୀ ୯ ତାରିଖରେ ପାଳନ କରାଯାଏ 'ପ୍ରବାସୀ ଭାରତୀୟ ଦିବସ'। ୧୯୧୫ ଜାନୁଆରୀ ମାସର ଆଜିର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଆଫ୍ରିକାରୁ ସ୍ୱଦେଶ ଫେରିଥିଲେ। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ୨୦୦୩ ମସିହାରୁ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ଚିନ୍ତାଧାରା ସ୍ୱର୍ଗୀୟ ଲକ୍ଷ୍ମୀମଲ ସିଙ୍ଘଭିଙ୍କ ପରିକଳ୍ପନା ଥିଲା। ୨୦୦୩ ପରଠାରୁ ପ୍ରତିବର୍ଷ ଏହା ପାଳନ କରାଯାଉଥିଲା। ୨୦୧୫ରେ କିନ୍ତୁ ଏହି ଦିବସ ଦୁଇ ବର୍ଷରେ ଥରେ ପାଳନର ପ୍ରସ୍ତାବ ରଖାଯାଇଥିଲା। ଏହି ଉପଲକ୍ଷେ 'ପ୍ରବାସୀ ଭାରତୀୟ ସମ୍ମାନ' ପ୍ରଦାନ କରାଯାଏ। ଦେଶ ଉନ୍ନତିରେ ପ୍ରବାସୀଙ୍କ ଯୋଗଦାନ ଥାଏ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ଦେଶର ନାଗରିକ କାମର ସନ୍ଧାନରେ ନିଜ ଦେଶ ଛାଡ଼ି ଯେତେବେଳେ ଅନ୍ୟ ଦେଶକୁ ଯାଆନ୍ତି ସେମାନଙ୍କୁ 'ପ୍ରବାସୀ' ବୋଲି କୁହାଯାଏ। ଅନ୍ୟପଟେ ଦେଶ ବାହାରୁ ଯାଇ କାମ କରୁଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା, ଅଧିକାର ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ଜାତିସଂଘର ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ସବୁଠୁ ଅଧିକ ପ୍ରବାସୀ ଭାରତୀୟ ଅଛନ୍ତି। ଏହି ଦିନ ପ୍ରବାସୀ ଭାରତୀୟଙ୍କ ସଫଳତା ବାବଦରେ ଭାରତବାସୀଙ୍କୁ ଅବଗତ କରାଯାଏ। ସେହିପରି ଭାରତର ଯୁବପିଢ଼ିଙ୍କୁ ପ୍ରବାସୀଙ୍କ ସହ ଯୋଡ଼ିବା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ। ଏହାବାଦ୍ ବିଦେଶରେ ରହୁଥିବା ଭାରତୀୟ ଶ୍ରମିକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଏ। ଏହି ଅବସରରେ ତିନିଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟଙ୍କୁ ଏହି ଅବସରରେ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଏ।



# ବିକ୍ରାନ୍ତଙ୍କ ପ୍ରଶଂସାରେ ଶତମୁଖ କଙ୍ଗନା

ବଲିଉଡ୍ ଅଭିନେତା ବିକ୍ରାନ୍ତ ମେସି ନିଜର ଦମ୍‌ଦାର ଅଭିନୟ ପାଇଁ ଖୁବ୍ କମ୍ ସମୟରେ ଲୋକପ୍ରିୟ ହୋଇପାରିଛନ୍ତି। ସେ ବଲିଉଡ୍ ହେଉ କିମ୍ବା ଓଟିଟି ପ୍ଲାଟଫର୍ମରେ, ଚମତ୍କାର ଅଭିନୟ ପାଇଁ ବେଶ୍ ଜଣାଶୁଣା। ଛୋଟ ପରଦାରୁ ଆରମ୍ଭ କରି ବଡ଼ ପରଦାରେ ସେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଚଳଚ୍ଚିତ୍ର 'ଟ୍ୱେଲଥ୍ ଫେଲ୍'କୁ ନେଇ ସେ ଏବେ ଚର୍ଚ୍ଚାରେ। ଏଥିରେ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଅନେକ ସେଲିବ୍ରିଟି ମଧ୍ୟ ଏଥିରେ ତାଙ୍କ ଅଭିନୟର ପ୍ରଶଂସା କରିଛନ୍ତି। ଏବେ ଏହି ତାଲିକାରେ ଅଭିନେତ୍ରୀ କଙ୍ଗନା ରାନାୱତ୍‌ଙ୍କ ନାମ ସାମିଲ ହୋଇଛି। ଇନ୍‌ଷ୍ଟାଗ୍ରାମ୍‌ରେ କଙ୍ଗନା ବିକ୍ରାନ୍ତଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ସେ ବିକ୍ରାନ୍ତଙ୍କୁ ପ୍ରଶଂସା କରି ଲେଖିଛନ୍ତି, 'ବହୁତ ଶାନଦାର୍ ଫିଲ୍ମ... ମୁଁ ହିନ୍ଦୀ ମିଡିୟମ୍‌ରେ ପାଠ ପଢ଼ିଛି, ଏବଂ ଗ୍ରାମାଞ୍ଚଳରୁ ଆସିଛି। ଫିଲ୍ମଟି ଦେଖି ମୁଁ ବହୁତ କାନ୍ଦିଛି, କେବେ ମୁଁ ଏତେ କାନ୍ଦିନି। ଫ୍ଲାଇଟ୍‌ରେ ମୋର ଜଣେ ସହଯାତ୍ରୀ ମୋତେ ଦେଖି ଚିନ୍ତାରେ ପଡ଼ିଯାଇଥିଲେ।' ସେ ଆହୁରି ମଧ୍ୟ ଲେଖିଛନ୍ତି 'ବିଦୁ ସାର(‘ଟ୍ୱେଲଥ୍ ଫେଲ୍’ର ନିର୍ଦ୍ଦେଶକ ବିଦୁ ବିନୋଦ ଚୋପ୍ରା) ପୁଣି ଥରେ ମୋର ହୃଦୟ ଜିତି ନେଇଛନ୍ତି। ବିକ୍ରାନ୍ତ ଏଥିରେ ଜବରଦସ୍ତ ଅଭିନୟ କରିଛନ୍ତି। ଆଗାମୀ ଦିନଗୁଡ଼ିକରେ ସେ ଦିବଂଗତ ଅଭିନେତା ଇରଫାନ୍ ଖାନ୍‌ଙ୍କ ଶୂନ୍ୟସ୍ଥାନ ପୂର୍ଣ୍ଣ କରିପାରନ୍ତି। ଆପଣଙ୍କ ପ୍ରତିଭାକୁ ସଲାମ୍'।

ଏଠାରେ ପ୍ରକାଶ ଥାଉ କି, 'ଟ୍ୱେଲଥ୍ ଫେଲ୍' ଆଇପିଏସ୍ ଅଧିକାରୀ ମନୋଜ କୁମାର ଶର୍ମାଙ୍କ ଜୀବନ ଉପରେ ଆଧାରିତ। ୨୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମ ସାରା ବିଶ୍ୱରେ ୬୬ କୋଟି ଆୟ କରିଛି।



# ବୁକ୍ ଟାୱାର



ଦୁନିଆରେ ବିଭିନ୍ନ ପ୍ରକାର ଟାୱାର ଥିବା ବେଳେ ସେଥିରୁ ଅନ୍ୟତମ ଚେକ୍ ରିପ୍ଲବିକ୍‌ର ପ୍ରାଗ୍ ସ୍ଥିତ 'ବୁକ୍ ଟାୱାର।' ଏହି ବିଶାଳକାୟ ଟାୱାର ପ୍ରାଗ୍‌ର ମ୍ୟୁନିସପାଲ ଲାଇବ୍ରେରି ଲବିରେ ଶୋଭା ପାଉଛି। ଏହା 'ଦ ଟାୱର ଅଫ୍ ନଲେଜ୍' ବା 'ଦ ଇନ୍‌ଫିନିଟି ବୁକ୍ ଟାୱାର' ନାଁରେ ପରିଚିତ। ୧୯୯୮ ମସିହାରୁ ଏହି ଟାୱାର ଏଠାରେ ଆଜି ଯାଏଁ ସେମିତି ପର୍ଯ୍ୟଟକଙ୍କ ଦୃଷ୍ଟିଆକର୍ଷଣ କରି ଆସୁଛି। ଏହାକୁ ତିଆରି କରିଛନ୍ତି ସ୍ଲୋଭାକିଆର କଳାକାର ମାଟେଜ୍ କ୍ରେନ୍। ସେ ୮ ହଜାର ବହିକୁ ଉପଯୋଗ କରି ଏଭଳି ଏକ ଭିନ୍ନ ଧରଣର ଟାୱାର କରିଛନ୍ତି। ଯାହାକି ଲୋକଙ୍କ ଦୃଷ୍ଟିଆକର୍ଷଣ କରିଥାଏ। କେବଳ ବହି ନୁହେଁ, ଏହା ଭିତରେ ଦର୍ପଣକୁ ମଧ୍ୟ ଖଞ୍ଜାଯାଇଛି। ଏହି ଦର୍ପଣ ପାଇଁ ଏହାକୁ ଦେଖିଲେ ବହିଗୁଡ଼ିକ ଉପରୁ ତଳୁ ଏବଂ ତଳୁ ଉପର ଅନିୟମିତ ଭାବେ ଗତି କରୁଥିବା ଜଣାପଡ଼େ। ସେହିପରି ବାହାରୁ ଏହି ବହିଗୁଡ଼ିକ ଇଟା ସଦୃଶ ଦେଖାଯାଏ। ତେବେ ଏହାକୁ ଏକ ଚମତ୍କାର ବାସ୍ତୁକଳା ବୋଲି ଅନେକ କହିଛନ୍ତି। କାରଣ ବୁକ୍ ଟାୱାର ଭିତରକୁ ଦେଖିଲେ ଲାଗେ ଯେ, ବହିର ଏହି ସୁଡ଼ଙ୍ଗ ଅନନ୍ତ ବା ଅସୀମ ପର୍ଯ୍ୟନ୍ତ ଲମ୍ବିଛି। ସେହିପରି ଟାୱାରର ବିଶାଳ ଆକାର ଓ ଡିଜାଇନ୍ ପର୍ଯ୍ୟଟକଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ଏହି ଟାୱାରକୁ ଦେଖିବା ପାଇଁ ଲୋକଙ୍କୁ କୌଣସି ଦେୟ ଦେବାକୁ ପଡ଼ି ନ ଥାଏ। ତେବେ ଏବେ ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଯାହାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

# ନିଷ୍ଠୁର ନାରୀ କିମ୍ ୟୋ ଜୋଙ୍ଗ୍!



ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍ ତାଙ୍କ ଅଜବ ନିଷ୍ପତ୍ତି ପାଇଁ ଚର୍ଚ୍ଚାରେ ରହିଥାନ୍ତି। କିମ୍‌ଙ୍କ ସହିତ ସବୁବେଳେ ଜଣେ ମହିଳାଙ୍କୁ ଦେଖାଯାଏ। ସେ ଆଉ କେହି ନୁହଁନ୍ତି, ସେ ତାଙ୍କ ସାନ ଭଉଣୀ କିମ୍ ୟୋ ଜୋଙ୍ଗ୍। ଦେଶର ସମସ୍ତ ନିଷ୍ପତ୍ତି ନେବାର ଅଧିକାର କିମ୍ ଜୋଙ୍ଗ୍ ତାଙ୍କୁ ଦେଇଛନ୍ତି। ପରମାଣୁ ବମ୍‌ର ବଟନ୍ ମଧ୍ୟ ତାଙ୍କ ହାତରେ ରହିଛି। ସେଥିପାଇଁ କିମ୍ ୟୋ ଜୋଙ୍ଗ୍ ଯେତେବେଳେ ପରମାଣୁ ଆକ୍ରମଣର ଧମକ ଦିଅନ୍ତି ସେତେବେଳେ ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟ ବିଚଳିତ ହୋଇଉଠେ। ନିକଟରେ ପ୍ରକାଶ ପାଇଥିବା ଏକ ପୁସ୍ତକ 'ଦ ସିଷ୍ଟର'ରେ ତାଙ୍କୁ ବିଶ୍ୱର ସବୁଠୁ କ୍ରୂର ମହିଳା ଭାବେ ଦର୍ଶାଯାଇଛି। ଏହି ପୁସ୍ତକର ଲେଖକ ସଙ୍ଗ୍ ୟୁନ୍ ତାଙ୍କୁ ଜଣେ ରକ୍ତ ପିପାସୁ ମହିଳାର ଆଖ୍ୟା ଦେଇଛନ୍ତି। ଉପରକୁ ସରଳ ଦେଖାଯାଉଥିବା ଏହି ମହିଳା ଜଣକ ତାଙ୍କ ଭାଇଠାରୁ ଅଧିକ ନିଷ୍ଠୁର ବୋଲି ଏହି ପୁସ୍ତକରେ କୁହାଯାଇଛି।

କିମ୍ ଜୋଙ୍ଗ୍ ଉନ୍‌ଙ୍କଠାରୁ ତାଙ୍କ ଭଉଣୀ ୪ ବର୍ଷ ଛୋଟ ହୋଇଥିଲେ ମଧ୍ୟ ଜିଦ୍‌ରେ ତାଙ୍କଠାରୁ ବହୁ ଆଗରେ। ଉଭୟ ଭାଇ ଭଉଣୀ ସ୍ୱିଜରଲ୍ୟାଣ୍ଡର ବର୍ଣ୍ଣରେ ପାଠ ପଢୁଥିଲେ। କୋଭିଡ୍ ମହାମାରୀ ସମୟରେ ଯେତେବେଳେ କିମ୍ ଜୋଙ୍ଗ୍ ଦେଖାଯାଉ ନ ଥିଲେ ତାଙ୍କ ଭଉଣୀ ହିଁ ଶାସନଭାର ସମ୍ଭାଳୁଥିଲେ। କିମ୍ ୟୋ ଜୋଙ୍ଗ୍ ଛୋଟବେଳୁ ଏତେ ମାତ୍ରାରେ ଜିଦିଆ ଥିଲେ ଯେ, ସେ ନିଜ ବାପାଙ୍କ ପାଖରେ ବସି ଭୋଜନ କଲାବେଳେ ପରିବାରର ଅନ୍ୟମାନଙ୍କୁ ପାଖରେ ବସାଇ ଦେଉନଥିଲେ।




# ଡାଲୁଅ ଧାନ ତଳିଘରା ପ୍ରସ୍ତୁତି

**ବର୍ତ୍ତମାନ ଡାଲୁଅ ଧାନର ତଳିଘରା ପ୍ରସ୍ତୁତି ପାଇଁ ଉପଯୁକ୍ତ ସମୟ। ଏକ ଏକର ଧାନ ଚାଷ ପାଇଁ ୧୦୦ ଡେସିମାଲ ତଳିଘରା ଆବଶ୍ୟକ ହୋଇଥାଏ। ତଳିଘରା ଜମିରେ ୩ରୁ ୪ ଓଡ଼ ଚାଷ ସହ ୨ରୁ ୩ ଦିନ ପର୍ଯ୍ୟନ୍ତ ପାଣି ଭର୍ତ୍ତି କରି ରଖନ୍ତୁ। ତଳିଘରାକୁ ଭଲଭାବେ କାଦୁଅ କରି ମଇ ଦେଇ ସମତୁଲ କରିଦିଅନ୍ତୁ। ଶେଷ ଓଡ଼ ଚାଷ ବେଳକୁ ୨୦୦ କିଗ୍ରା କମ୍ପୋଷ୍ଟ କିମ୍ବା ଶଢ଼ା ଗୋବର ଖତ ୪ କିଗ୍ରା ଡିଏପି, ୪ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ ସାର ପ୍ରୟୋଗ କରିବା ଦ୍ୱାରା ଚାଷୀ ଅଧିକ ଲାଭାନ୍ୱିତ ହୋଇପାରିବେ। ଯେଉଁମାନେ ଆଗୁଆ ଡାଲୁଅ ଧାନଚାଷ କରିଛନ୍ତି, ସେମାନେ ତଳିରୁଆ କାର୍ଯ୍ୟ ଆରମ୍ଭ କରିପାରିବେ।**



**ଅମଳକ୍ଷମ ଧାନ କିସମ:** ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା - ସିଆର ଧାନ -୬୦୧, ଆଇ.ଆର ୬୪, ଚନ୍ଦନ, ଲଲାଟ, ଉନ୍ନତ ଲଲାଟ, ନବୀନ, ସିଆରଧାନ ୩୧୧, ସିଆରଧାନ ୩୧୦, ଖଣ୍ଡଗିରି, ବୀଣା -୧୧, ସିଆରଧାନ ୨୦୫, ସିଆରଧାନ ୨୦୬, ଏମ୍ଟିୟୁ ୧୦୧୦ ଇତ୍ୟାଦି ବ୍ୟବହାରଯୋଗ୍ୟ।

**କାଦୁଅବୁଣା ଧାନ:** ଏହି ଚାଷ ପାଇଁ ନବୀନ, ଶତାବ୍ଦୀ, ଉନ୍ନତ ଲଲାଟ, ସିଆର ଧାନ ୨୦୩ ଇତ୍ୟାଦି କିସମ ବ୍ୟବହାର ଯୋଗ୍ୟ। ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଗ୍ରା ଡିଏପି, ୩୦ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଶେଷଓଡ଼ ଚାଷ ସମୟରେ ୩୦ରୁ ୪୦ ଝୁଡ଼ି ଶଢ଼ା ଗୋବର ଖତ ଦେବା ଜରୁରି।

ତଳିଘେରାକୁ ଲମ୍ବା ରଖି ଛୋଟ ଛୋଟ ପଟାଳି କରି ଏହା ମଝିରେ ଜଳସେଚନ ପାଇଁ ୩୦ ସେମି ଚଉଡ଼ା ନାଳି ରଖନ୍ତୁ। ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦ରୁ ୫୦ ଗ୍ରାମ୍ ବିଶୋଧିତ ଗଜା ଧାନକୁ ଧାଡ଼ିରେ ପ୍ରତି ୫ ସେମି ବ୍ୟବଧାନରେ ବୁଣନ୍ତୁ। ଶୁଖିଲା ଚାଷ ଜମିରେ ପାଣି ଭରି ରୋଟାଭେଟର, ପାୱାରଟିଲର କିମ୍ବା ହଳ ସାହାଯ୍ୟରେ କାଦୁଅ କରି ମହି ଦେଇ ସମତୁଲ କରି ସମାନ ଭାଗରେ ଏକ ମିଟର ବ୍ୟବଧାନରେ ପଟାଳିମାନ ପ୍ରସ୍ତୁତ କରାଯାଏ। ୨ଗ୍ରାମ୍ କାର୍ବେଡାଇଜିମ୍, ୩ଗ୍ରାମ ଥିରାମ୍ ମିଶ୍ରଣରେ ବିହନ ବିଶୋଧନ ୨୪ ଘଣ୍ଟା ପରେ ବିଶୋଧନ ବିହନକୁ ଏକ ଛିଦ୍ର ପାତ୍ରକୁ ଛାଣିଦିଆଯାଏ। ପାଣି ନିଗିଡ଼ିଲା ପରେ ଖେଳେଇ ଦିଆଯାଏ। ଏହିଦିନେ ଅଙ୍କୁରଣ ହେବାକୁ ସମୟ ଲାଗୁଥିବାରୁ ବିହନ ଉପରେ ପାଳ କିମ୍ବା ଅଖାବସ୍ତା ଘୋଡ଼ାଇ ପାରିବେ। ସାମାନ୍ୟ ଗଜା ହୋଇଥିବା ବିହନକୁ ଉକ୍ତ ପଟାଳି ଉପରେ ବୁଣା ଯାଏ।

ଥଣ୍ଡା ପଡୁଥିବା ସ୍ଥାନରେ ତଳି ପଟାଳିକୁ ନଡ଼ାରେ ୨ରୁ ୩ ଦିନ ଘୋଡ଼ାଇ ଦେଲେ ଭଲ ଗଜା ହୋଇଥାଏ। ୩ରୁ ୪ଦିନ ବ୍ୟବଧାନରେ ପାଣି ଦେବା ପରେ ୨୦ରୁ ୨୫ ଦିନ ମଧ୍ୟରେ ତଳି ରୋପଣ ପାଇଁ ପ୍ରସ୍ତୁତ ହୋଇଯାଇଥାଏ। ୧୫ଦିନ ପରେ ତଳିଘରାରେ ୨ରୁ ୩ କେଜି ୟୁରିଆ ସାର ଓ ଏକ କେଜି ଦାନାଦାର ପ୍ରୟୋଗ କରିବା ଫଳପ୍ରଦ।

# କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ମହୁମାଛିକୁ ସୁରକ୍ଷା ଦେବା ପାଇଁ ଅପରାହ୍ନ ୩ଟା ପରେ କୀଟନାଶକ ସିଞ୍ଚନ କରିବା ଉପଯୁକ୍ତ ସମୟ।
- କୋବି ଜାତୀୟ ପନିପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡ଼ାଇ ରଖନ୍ତୁ।
- ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି। ପ୍ରାଥମିକ ଅବସ୍ଥାରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୮ ଟି ଅଠାଯୁକ୍ତ ଯନ୍ତା ରଖନ୍ତୁ।
- ଲଙ୍କାମରିଚ ଫସଲରେ ଅଷ୍ଟପଦୀର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ଇଥିଅନ୍ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ଗୃହପାଳିତ ପ୍ରାଣୀଙ୍କୁ ଥଣ୍ଡାରୋଧକ ଖାଦ୍ୟ

**ଶୀତଦିନେ ଗୃହପାଳିତ ପଶୁପକ୍ଷୀମାନଙ୍କର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। ତେଣୁ ଏହିଦିନେ ଥଣ୍ଡା, ଜ୍ୱର, କାଶ ଆଦି ଦାଉରୁ ରକ୍ଷା କରିବା ପାଇଁ ନିମ୍ନପ୍ରଦତ୍ତ ଖାଦ୍ୟ ଦେବା ଉଚିତ।**



- ସେମାନଙ୍କର ବାସସ୍ଥାନ, ଟିକାକରଣ ଏବଂ କୃମି ନାଶକ ଔଷଧ ସହ ସେମାନଙ୍କ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରି। ନିୟମିତ ଖାଦ୍ୟ ସହିତ ଅଧିକ ପରିମାଣର ଚର୍ବିଜାତୀୟ ଖାଦ୍ୟ ଯଥା- ବାଦାମପିଡ଼ିଆ, ସୋରିଷ ପିଡ଼ିଆକୁ ଦ୍ୱିଗୁଣିତ କରିବାର ଆବଶ୍ୟକତା ରହିଛି। ସେହିପରି ଶରୀର ପାଇଁ ଆବଶ୍ୟକୀୟ ଭିଟାମିନ୍ ଏ, ଡି, ଇ, କେ, ବି-କମ୍ପ୍ଲେକ୍ସ ଥିବା ଖାଦ୍ୟ କିମ୍ବା ଟନିକ୍ ଉଚିତ ପରିମାଣରେ ଖାଇବାକୁ ଦେବା ଦରକାର।
- ଶରୀର ପାଇଁ ଆବଶ୍ୟକ ହେଉଥିବା କ୍ୟାଲସିୟମ୍ ଫସ୍‌ଫରସ୍, ସେଲେନିୟମ ଆଦି ମିନେରାଲ ମଧ୍ୟ ଦାନାରେ ମିଶାଇ ଖାଇବାକୁ ଦେଇପାରିବେ।
- ଥଣ୍ଡାଦିନେ ବଡ଼ ପ୍ରାଣୀଙ୍କୁ ୫ପାଖୁଡ଼ା ରସୁଣ, ୩ଗୋଟି ଗୋଲମରିଚ, ୧୦ ଗ୍ରାମ୍ ସୁଣ୍ଠି, ୫୦ ଗ୍ରାମ୍ ଗୁଡ଼ ଆଦିକୁ ଏକତ୍ର ଗୁଣ୍ଡ କରି ପ୍ରତ୍ୟହ ଦେଲେ ସେମାନଙ୍କର ଥଣ୍ଡା, କାଶ, ଜ୍ୱର ଆଦି ଶୀତଦିନିଆ ସ୍ୱାସ୍ଥ୍ୟ ସମସ୍ୟା ହୋଇନଥାଏ। ସେହିପରି ଛୋଟ ପ୍ରାଣୀଙ୍କୁ ୨ ପାଖୁଡ଼ା ରସୁଣ, ୨ଟି ଗୋଲମରିଚ, ୩ଗ୍ରାମ୍ ସୁଣ୍ଠି, ଏବଂ ୨୫ ଗ୍ରାମ୍ ଗୁଡ଼ ଦେଲେ ସେମାନଙ୍କୁ ଥଣ୍ଡା ରୋଗ ହୋଇନଥାଏ।

# କୁହୁଡ଼ିରୁ ଫସଲକୁ ରକ୍ଷା



**ବର୍ତ୍ତମାନ ଅତ୍ୟଧିକ ଥଣ୍ଡା ସାଙ୍ଗକୁ କୁହୁଡ଼ି ବର୍ଷୁଛି। ଫସଲ ଉପରେ ଏହାର ପ୍ରଭାବ ପଡ଼ିବା ଯୋଗୁଁ ଗଛ ଶୁଖି ଯିବାର ଆଶଙ୍କା ଅଧିକ ରହିଛି। ଶୀତଦିନେ କୁହୁଡ଼ିରୁ ଫସଲକୁ ସୁରକ୍ଷା ଦେବା ପାଇଁ ଅଧିକ ଥଣ୍ଡା ସହଣୀ କିସମ ବିହନ ବାଛିବେ। ଏହି ପରିପ୍ରେକ୍ଷୀରେ କୁହୁଡ଼ିଆ ପାଗରୁ ଟମାଟୋ, ଲଙ୍କା, ବାଇଗଣ ଆଦି ଫସଲକୁ କିପରି ସୁରକ୍ଷିତ ରଖିପାରିବେ, ଜାଣି ରଖନ୍ତୁ।**

- ଚାଷ କାର୍ଯ୍ୟ ପାଇଁ ବ୍ୟବହୃତ ମଞ୍ଜି ବା ବିହନକୁ ଶୁଖାଇ ବ୍ୟବହାର କରିପାରିବେ। ଉଚିତ ମାତ୍ରାରେ ଖତ ଓ ପାଣି ଦେବା ସହିତ ରୋଗପୋକକୁ ଚିହ୍ନଟ କରିବା ଆବଶ୍ୟକ।
- ଟମାଟୋରେ ପତ୍ରପୋଡ଼ା ରୋଗ ଲାଗିବାର ସମ୍ଭାବନା ଅଧିକ ଥିବାରୁ ନିୟନ୍ତ୍ରଣ ପାଇଁ ମିଥାଇଲ୍ +ମାଙ୍କୋଜେବ୍ ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବ ଶୀତଦିନିଆ କୋବି ଫସଲ ପାଇଁ ତଳି ପକାଉଥିଲେ, ତଳିଘେରାର ତାପମାତ୍ରା ଅଧିକ ରଖିବା ପାଇଁ ବିହନ ଲଗାଇ ନଡ଼ା ଦ୍ୱାରା ଆଚ୍ଛାଦନ କରନ୍ତୁ। ରାତିରେ ନର୍ସରୀର ତଳିଘରାକୁ ପଲିଥିନ୍ ବା ପ୍ଲାଷ୍ଟିକ୍ ଆବରଣ କରିବା ଉଚିତ।
- କୁହୁଡ଼ି ଯୋଗୁଁ ଲଙ୍କା, ବାଇଗଣ, ମଟର, ସୋରିଷ ଫସଲରେ ଫଳରେ କଳା ଦାଗ ପଡ଼ିଯାଏ। କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ସିଞ୍ଚନ କରନ୍ତୁ। ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଥିବାରୁ ନିରାକରଣ ବ୍ୟବସ୍ଥା କରନ୍ତୁ।
- ଶଯ୍ୟା ପ୍ରଣାଳୀରେ ଚାଷ କରନ୍ତୁ। ଏହି ସମୟରେ ଅଧିକ ଗଭୀର ହଳ କରିବା ଦ୍ୱାରା ମାଟିର ଆର୍ଦ୍ରତା ନରମ ରହିଥାଏ। ଶୁଖିଲା ଗୋବର ଖତ ବ୍ୟବହାର କରିପାରିବେ।

# ପରିଚୟ ଦେଇଛି ମାଣ୍ଡିଆ ଚାଷ

**ରାଜ୍ୟ ସରକାରଙ୍କ ମିଲେଟ୍ ମିଶନ ଫଳରେ ମାଣ୍ଡିଆ କ୍ଷୁଦ୍ର ଶସ୍ୟ ଏବେ ଓଡ଼ିଶାର ଚାଷୀଙ୍କୁ ବିଶ୍ୱରେ ପ୍ରସିଦ୍ଧି କରାଇଛି। ମାଣ୍ଡିଆରେ ତିଆରି ସୁପ୍, ଛତୁଆ, ପିଠା ଓ ଖିରି ଏବେ ଅନେକ ଲୋକଙ୍କ ଖାଦ୍ୟ ତାଲିକାରେ ସାମିଲ ହୋଇଛି। ଏହି ଚାଷ ପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଥିବାରୁ ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ଗ୍ରାମର ସୁଧୀର କୁମାର ମହାନ୍ତି ମାଣ୍ଡିଆ ଚାଷ କରି ଏବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।**

ସଫଳ ଚାଷୀ



ତାଙ୍କ ପୈତୃକ ଜମିରେ ଧାନ, ମୁଗ, ବିରି, କୋଳଥ, ପୋଟଳ, ବାଇଗଣ, ଲଙ୍କା, କଖାରୁ ସହ ମାଣ୍ଡିଆ ଚାଷ କରି ଆସୁଛନ୍ତି। ପ୍ରତିବର୍ଷ ସେ ୨ ଏକର ଜମିରେ ମାଣ୍ଡିଆ ଚାଷ କରିଥାନ୍ତି। ଅମଳ ମାଣ୍ଡିଆ ବିକ୍ରିରୁ ଦି' ପଇସା ଲାଭ ମିଳେ। ଏହି ଚାଷ ପାଇଁ ଏତେଟା ଖର୍ଚ୍ଚାନ୍ତ ହେବାକୁ ପଡ଼େନାହିଁ। ଉତ୍ପାଦିତ ଫସଲକୁ ନିକଟସ୍ଥ ବଜାର, ଚାନ୍ଦୋଳ ହାଟ, ତରତ ହଟ, ବିଲ ହାଟ, ଭୋଳ ହାଟ ଆଦି ସ୍ଥାନରେ ସେ ବିକ୍ରିକରି କରିଥାନ୍ତି। ସୁଧୀର କୁହନ୍ତି, ପନି ପରିବା ବିକ୍ରି ନିମନ୍ତେ ହାଟକୁ ଯିବାକୁ ପଡୁଥିବା ବେଳେ କିଛିବର୍ଷ ହେବ ମାଣ୍ଡିଆର ଚାହିଦା ବୃଦ୍ଧି ପାଇଥିବାରୁ ଲୋକମାନେ ଅମଳ ପୂର୍ବରୁ ବରାଦ ଦେଇଯାଉଛନ୍ତି। ଅମଳ ହେଉ ହେଉ ଖଳାରୁ ଏହା ବିକ୍ରି ହୋଇ ଯାଉଛି। ତେବେ ଚଳିତ ବର୍ଷ ସରକାରଙ୍କ ମିଲେଟ୍ ମିଶନ ପକ୍ଷରୁ ସଫଳ ମାଣ୍ଡିଆ ଚାଷୀଭାବେ ମୋତେ ଚିହ୍ନଟ କରାଯାଇ ପୁରସ୍କୃତ କରାଯାଇଥିବାରୁ ମୁଁ ବହୁତ ଉତ୍ସାହିତ ଅଛି। ସେଥିପାଇଁ ଆସନ୍ତା ବର୍ଷ ଅଧିକ ଜମିରେ ମାଣ୍ଡିଆ ଚାଷ କରିବି ବୋଲି ସ୍ଥିର କରିଛି। ଚାଷରେ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ଜେନା ସାହାଯ୍ୟ କରିଥାନ୍ତି। ଅନ୍ୟାନ୍ୟ ଚାଷ ତୁଳନାରେ ମାଣ୍ଡିଆ ଚାଷରେ ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ହେଉଥିବା ବେଳେ ଏହାର ବିକ୍ରିର ଚାହିଦା ବଢ଼ିଥିବାରୁ ଚାଷୀମାନେ ମାଣ୍ଡିଆ ଚାଷକୁ ଅପଣାଇ ନେବା ପାଇଁ ପରାମର୍ଶ ଦେଇଛନ୍ତି ସୁଧୀର।

ପ୍ରମୋଦ କୁମାର ପ୍ରଧାନ, ଡେରାବିଶ

■ ୨ ଦିନରେ ୨ଟି ମୃତ୍ୟୁ

# ସୁବର୍ଣ୍ଣରେଖାରେ ବୁଡ଼ି ପୁଣି ଜଣେ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

**ରାଜଘାଟ,୮ ।୧(ସମିସ):** ବସ୍ତା ଥାନା ରାଜଘାଟ ବାରୁଣୀପଡିଆ ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀକୁ ଗାଧେଇବାକୁ ଯାଇ ରବିବାର ଜଣେ ଯୁବକ ମୃତ୍ୟୁ ଘଟିଥିବା ବେଳେ ସୋମବାର ଅନ୍ୟ ଜଣେ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ଉତ୍ତରପ୍ରଦେଶ ଆଗ୍ରା ଡିଙ୍ଗର ଗ୍ରାମର ସୁମିତ। ଉତ୍ତରପ୍ରଦେଶ ଆଗ୍ରା ଡିଙ୍ଗର ଅଞ୍ଚଳର ୫୫ରୁ ଅଧିକ ପର୍ଯ୍ୟଟକ ଅନୁଷ୍କା ନାମକ ଏକ ବସ୍‌ଯୋଗେ ବୈଦ୍ୟନାଥରୁ ପୁରୀକୁ ତୀର୍ଥ ଭ୍ରମଣ କରିବାକୁ ଯାଉଛନ୍ତି। ବସ୍ତା ଥାନା ରାଜଘାଟ ବାରୁଣୀ ପଡ଼ିଆରେ ବସ୍ ରଖି ସମସ୍ତ ଯାତ୍ରୀ ସୁବର୍ଣ୍ଣରେଖା ନଦୀର ପୁରୁଣା ଘାଟକୁ ଗାଧେଇବାକୁ ଯାଇଥିଲେ; ମାତ୍ର ସେମାନଙ୍କ ମଧ୍ୟରୁ ସୁମିତ ଗଭୀର ନଦୀ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏବଂ ସାଥି ପର୍ଯ୍ୟଟକ ସୁମିତଙ୍କୁ ତୁରନ୍ତ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ନୀଳଗିରି,୮ ।୧(ସମିସ):** ନରଣପୁର ପଞ୍ଚାୟତ ସାତଖାଲିଆ ଗ୍ରାମ ନକୁଳକର ହାଟ ପାଖରେ ଭାରସାମ୍ୟ ହରାଇ ଏକ ବାଇକ୍ ଗୋଟିଏ ଗଛକୁ ପିଟିଛି। ବରହମପୁର ଥାନା ଗରଡିହି ପଞ୍ଚାୟତ କୁଞ୍ଜିବାଣିଆ ଗ୍ରାମର ଫାଦୁ ସିଂଙ୍କ ପୁଅ କନ୍ଦା ସିଂ (୨୧) ଗୁରୁତର ହୋଇଛନ୍ତି। ନୀଳଗିରି ଡାକ୍ତରଖାନା ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ



**ବାଲିଆପାଳ,୮ ।୧(ସମିସ):** ବାଲିଆପାଳ ଗ୍ରାମ୍ୟ ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ ନାୟକଙ୍କ ମୃତ୍ୟୁ ଘଟିଛି। ସୋମବାର ସକାଳେ ସିମୁଳିଆ ରାବଣପୋଡି ପଡିଆସ୍ଥିତ ସରକାରୀ ବାସଭବନରେ ଚେତାଶୂନ୍ୟ ଅବସ୍ଥାରେ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ତେବେ ଯନ୍ତ୍ରୀ ଶ୍ରୀ ନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ଦୀର୍ଘଦିନ ଧରି ଖରାପ ଥିଲା। ସେ ଛୁଟିରେ ରହି ଚିକିତ୍ସିତ ହେବା ପରେ କିଛିଦିନ ପୂର୍ବରୁ କାର୍ଯ୍ୟରେ ଯୋଗ ଦେଇଥିଲେ।

# ପଞ୍ଚାୟତସ୍ତରୀୟ ବୈଠକ




**ରାଜଘାଟ,୮ ।୧(ସମିସ):** ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ତଥା ବସ୍ତା ବ୍ଲକ୍ ଭେଲୋରା ପଞ୍ଚାୟତର ବିଜେପି କର୍ମୀଙ୍କୁ ନେଇ ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଜୁଣବଳଦାସ୍ଥିତ ହୋଟେଲ ବୁଲବୁଲ ସମ୍ମିଳନୀର କକ୍ଷରେ ଭାରତୀୟ ଜନତା ଯୁବମୋର୍ଚ୍ଚାର ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜତ ରଞ୍ଜନ ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ଭୂପେନ ସାହୁ, ସିପ୍ରା ବାଜପେୟୀ, ପ୍ରବୀର ପ୍ରଧାନ, ଧ୍ରୁବ ଚରଣ ନାୟକ, ବଳରାମ କର, ସରୋଜ ପ୍ରଧାନ, ସଂଗ୍ରାମ ପରିଡା, କୃତିବାସ ଚନ୍ଦ, ଜୀବନ ଦାସମହାପାତ୍ର, ପ୍ରହ୍ଲାଦ ବେହେରା, ତାପସ ଚନ୍ଦ, ନିରଞ୍ଜନ ପାତ୍ର, ଅବନୀ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ମାଖନପୁର ପଞ୍ଚାୟତରେ ବନ୍ଧୁମିଳନ



**ଖଇରା,୮ ।୧(ସମିସ):** ଖଇରା ବ୍ଲକ ଅଧୀନ ମାଖନପୁର ପଞ୍ଚାୟତରେ କଂଗ୍ରେସର ସମସ୍ତ କର୍ମୀଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ହିମାଂଶୁ ଶେଖର ବେହେରା, ନିରଞ୍ଜନ ପରିଡା, ପ୍ରଫୁଲ୍ଲ ସାହୁ, ଦୟାନିଧି ଦାସ, ପ୍ରଶାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଗୌରାଙ୍ଗ ବେହେରା ସଭାପତିତ୍ୱ କରିଥିଲେ। ରାଜେଶ ବେହେରା, ଦାମୋଦର ବେହେରା, ଗଣେଶ୍ୱର ବେହେରା, ଲକ୍ଷ୍ମଣ ରାଉଳ, ସୁବୋଧ ବେହେରା, ଆହ୍ଲାଦିନ ଶେଖ, ଦିଲଜାନ ଖାଁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଜୟ ଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ବସ୍ତା ବ୍ଲକ,୮ ।୧(ସମିସ)**



ବସ୍ତା ବ୍ଲକ୍

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପାଇଁ ଜଗନ୍ନାଥ ପରିକ୍ରମା ରଥ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ଶୁଭାରମ୍ଭ ହେଇଛି। ବ୍ଲକ କାର୍ଯ୍ୟାଳୟରେ ରଥର ସ୍ୱତନ୍ତ୍ର ପୂଜା ପାଠ କରି ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ ଶୁଭାରମ୍ଭ କରିଥଲେ। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ମୋହିନୀ ନାୟକ, ବ୍ଲକ ବିଜେଡି ସଭାପତି ଅନିଲ ମହାନ୍ତି, ଜିପିଇଓ ଅଞ୍ଜନ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ସମିତି ସଭ୍ୟ ସୁବ୍ରତ ପଣ୍ଡା ଓ ଏମ୍‌ବିକେମାନେ ଉପସ୍ଥିତ ଥିଲେ। ୧୫ ତାରିଖ ପର୍ଯ୍ୟନ୍ତ ଏହି ରଥ ଗାଁ ଗାଁ ବୁଲିବ। ୩୧ଟି ପଞ୍ଚାୟତ ପାଇଁ ୩୧ଟି ରଥର ବ୍ୟବସ୍ଥା ହୋଇଛି। ପଞ୍ଚାୟତର ଘରକୁ ଘର ବୁଲି ଅରୁଆ ଚଉଳ ଓ ଗୁଆ ସଂଗ୍ରହ କରି ପୁରୀ ପଠାଯିବ।

**ବାଲିଆପାଳ:** ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ରେ ଲୋକାର୍ପିତ ହେବ। ସେଥି ପାଇଁ ରାଜ୍ୟ ସରକାର ସମସ୍ତ କାର୍ଯ୍ୟକୁ ସୁବ୍ୟବସ୍ଥିତ ଢଙ୍ଗରେ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ଏପରିକି ରାଜ୍ୟବାସୀଙ୍କ ନିକଟରେ ଏହି ପରିକ୍ରମା ପ୍ରକଳ୍ପର ବାର୍ତ୍ତା ପହଞ୍ଚାଇବା ସହ ଲୋକନଙ୍କୁ ଏହି ପୁଣ୍ୟକାର୍ଯ୍ୟରେ ସାମିଲ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଜିଲାର ବ୍ଲକ ଏବଂ ପଞ୍ଚାୟତରେ ଶନିବାରଠାରୁ ଜୟ ଜଗନ୍ନାଥ ଅର୍ପଣ ରଥ ଗଡ଼ିବା ଆରମ୍ଭ ହୋଇଛି। ବାଲିଆପାଳ ବ୍ଲକର ଖଗଡାପାଳ ଶ୍ରଦ୍ଧାପତି ଜଗନ୍ନାଥ ମନ୍ଦିରରୁ ଏହି ରଥ ଏକ ଭବ୍ୟ ପରିବେଶ ମଧ୍ୟରେ ବାହାରିଛି। ୨୮ ପଞ୍ଚାୟତକୁ ଏହି ରଥ ଗଡ଼ିବ। ପଞ୍ଚାୟତର ସମସ୍ତ ଗାଁକୁ ଏହି ରଥ ବୁଲିବ। ପ୍ରତି ଘରକୁ ଯାଇ ଅରୁଆ ଚାଉଳ ସଂଗ୍ରହ କରିବ। ଚଳିତ ମାସ ୧୭ ତାରିଖରେ ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାର ବାର୍ତ୍ତା ଦେବ। ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବା ସହିତ ଲୋକମାନଙ୍କୁ ସିଧା ସଳଖ ଶ୍ରୀମନ୍ଦିର ସହିତ ଯୋଡ଼ିବାର ପ୍ରୟାସ କରିବ। ପୂର୍ବତନ ସାଂସଦ ରବୀନ୍ଦ୍ର ଜେନ, ମହିଳା ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକରୀ ସଭାପତି ସୁବାସିନୀ ଜେନା, ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା, ବିଜେଡି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ବିଜେଡି ଜିଲ୍ଲା ଉପସଭାପତି ଦେବ କୁମାର ଦେ, ବିଜେଡି ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସହିତ ବହୁ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

**ବସ୍ତା:** କୁଡ଼ିଆ ପଞ୍ଚାୟତରେ ସୋମବାର ଜୟ ଜଗନ୍ନାଥ ଅର୍ପଣ ରଥକୁ ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଛନ୍ତି। ସମିତି ସଭ୍ୟ ଜୟପ୍ରକାଶ ନାରାୟଣ ବେହେରା, ଯୁବ ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସମ୍ପାଦକ ରାଜେଶ ଗିରି, ସନ୍ତୁଷ ଜେନା, ଗୌତମ ପାଣିଭ୍‌କ ସମେତ ଏସଏଚଜି ମହିଳା ଏବଂ ପଞ୍ଚାୟତବାସୀ ପ୍ରମୁଖ ଉପସ୍ଥିତ ଥିଲେ।


ବାଲିଆପାଳ




ବସ୍ତା

## ନଟାକଟା ପଞ୍ଚାୟତରେ ଗଡ଼ିଲା ଅର୍ପଣ ରଥ

**ରାଜଘାଟ:** ବସ୍ତା ବ୍ଲକ୍ ନଟାକଟା ପଞ୍ଚାୟତର ପ୍ରତିଟି ଗାଁରେ ୪ଦିନ ବ୍ୟାପୀ ଗଡ଼ିବାକୁ ଥିବା ଅର୍ପଣ ରଥ ବସନ୍ତପୁର ଗ୍ରାମର ଜଗନ୍ନାଥ ମନ୍ଦିରରୁ ଗଡ଼ିଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜନ୍ମେଜୟ ଦଲାଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ, ନାଏବ ସରପଞ୍ଚ ରମେଶ ଚନ୍ଦ୍ର ଚୌଧୁରୀ, ଗଣେଶ ଚାନ୍ଦ, ସମବାୟ ସମିତି ସଭାପତି ଦୀପକ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ, ପ୍ରଦୀପ ବେହେରା, ଭୁବନ ଚନ୍ଦ୍ର ରଣା ପ୍ରମୁଖ ପୂଜାର୍ଚ୍ଚନା ଓ ବନ୍ଦାପନା କରି ରଥକୁ ଭବ୍ୟ ସ୍ୱାଗତ କରିଥିଲେ। ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ନାମ ସଂକୀର୍ତ୍ତନ ମାଧ୍ୟମରେ ଗାଁରୁ ଗାଁକୁ ପରିକ୍ରମା କରିଥିଲେ।



# ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସଫ୍ଟବଲ୍ ଦଳର ରାଜସ୍ଥାନ ଯାତ୍ରା

**ସିମୁଳିଆ,୮ ।୧(ସମିସ):** ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସଫ୍ଟବଲ ଦଳ ରାଜସ୍ଥାନ ଯାତ୍ରା କରିଛି। ମାର୍କୋଣାସ୍ଥିତ ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପ୍ରାଙ୍ଗଣରେ ଚଳିତ ମାସ ୪ତାରିଖରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ସୋମବାର ଏହା ସମାପ୍ତ ପରେ ଦଳ ରାଜସ୍ଥାନ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ରାଜସ୍ଥାନ ବିକେନରଠାରେ ଏହି ପ୍ରତିଯୋଗିତା ରହିଛି। ୧୦ତାରିଖରୁ ଆରମ୍ଭ ହୋଇ ୧୫ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି ପ୍ରତିଯୋଗିତା ପାଇଁ ପ୍ରାୟ ୧୧ଟି ଜିଲ୍ଲାରୁ ସ୍କୁଲ ପିଲାମାନେ ରାଜ୍ୟ ସଫ୍ଟବଲ ପ୍ରତିଯୋଗିତା ନିମନ୍ତେ ଚୟନ ହୋଇଛନ୍ତି। ୩୬ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭଦ୍ରକ ରେଳଷ୍ଟେସନରୁ ଏମାନେ ଯାତ୍ରା ଆରମ୍ଭ କରିଛନ୍ତି।

ତେବେ ଏଥିଲାଗି ଶିବିର ଉଦ୍‌ଘାଟନୀ ପର୍ବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଶାରୀରିକ ଶିକ୍ଷା ନିରିକ୍ଷକ ଅଶୋକ ନାୟକ, ସମ୍ମାନୀତ ଅତିଥି ଭାବେ ମାର୍କୋଣା ଆଥିଲେଟିକ ଆସୋସିଏସନର ସମ୍ପାଦକ ରମାକାନ୍ତ ପଣ୍ଡା ଓ ପ୍ରଧାନ ଶିକ୍ଷୟତ୍ରୀ ପ୍ରଣତୀ ମହାନ୍ତି ଉପସ୍ଥିତ ଥିଲେ। ଓଡିଶା ଦଳର ପ୍ରବନ୍ଧକ ଭାବେ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡାଶିକ୍ଷକ ବିଭୁଦତ୍ତ ରଥ, ଅଡା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଶାନ୍ତ ନାୟକ ବାଳକ ପ୍ରଶିକ୍ଷକ ଓ ଖୋର୍ଦ୍ଧା ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ମିତା ଦାସ ବାଳିକା ପ୍ରଶିକ୍ଷିକା ଭାବେ ଯାତ୍ରା କରିଛନ୍ତି। ଏହି ଦଳକୁ ଶାରୀରିକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ଓ ରାଜ୍ୟ ବିଦ୍ୟାଳୟ ସମୂହର ସଂପାଦକ ସପନ ଜେନା ଶୁଭେଚ୍ଛା ଜଣାଇଛନ୍ତି।



# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



**ବାଲିଆପାଳ,୮ ।୧(ସମିସ)**

ବାଲିଆପାଳ ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ୭୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଚୁଆପଡାସ୍ଥିତ ଗୁରୁକୁଳ ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ସଂଘର ସଭାପତି ପ୍ରଭାତରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଆଦର୍ଶ, ନୀତିବାନ ତଥା କର୍ତ୍ତବ୍ୟ ପରାୟଣ ହେବାକୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ବିଇଓ ତଥା ବିଆରସିସି ଆରତୀ ଭୁୟାଁ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ଜେନା, ରାଖାଲ ଚନ୍ଦ୍ର ଦାସ, ମନ୍ମଥ ବିଶ୍ୱାଳ, ବିଶ୍ୱମ୍ଭର ପାତ୍ର, ପୂର୍ଣ୍ଣେନ୍ଦୁ ଦାସ, ନିତାଇ ଚରଣ ରାଉଳ, ଧନଞ୍ଜୟ ଚରଣ ଦେ, ସୁଶାନ୍ତ କର, ସୁଶାନ୍ତ ଗିରି ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଉପସ୍ଥାପନ କରିଥିଲେ। ଆଦିତ୍ୟ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ମାୟାଧର ପରିଡା ଅତିଥି ପରିଚୟ ଦେଇଥିବାବେଳେ ତପନ ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନିତ୍ୟାନନ୍ଦ ମହାପାତ୍ର, ଅରବିନ୍ଦ ସାମଲ, ପଙ୍କଜ ସାହୁ, ମଞ୍ଜୁଲତା ରାଉତ, କଳ୍ପନା ବେହେରା, ପଦ୍ମାଳୟା ବେହେରା, ଜୟଶ୍ରୀ ସାହୁ, ସୁରେଶ ଚନ୍ଦ୍ର ପାତ୍ର, ସଞ୍ଜୀବ ପାତ୍ର ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ମା' ବାମକାଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସୋର ଚାମ୍ପିଅନ



**ଖଇରା,୮ ।୧(ସମିସ)**

ଖଇରା ବ୍ଲକ ଅଧୀନ କାକୁଡିଆ ମିନି ଷ୍ଟାଡିୟମରେ ଚାଲିଥିବା ମା' ବାମକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୋର ଏକାଦେଶ କୁପାରୀ ଏକାଦଶକୁ ୩ଉଇକେଟରେ ପରାସ୍ତ କରିଛି। ତାପସ ସାହୁ, ଶିଶିର ନାୟକ ମ୍ୟାଚ ପରିଚାଳନା କରିଥିଲେ। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଛାତ୍ର ଜନତା ସଭାପତି ଗୌତମ ରାଉତ, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର ବେହେରା, ପ୍ରାକ୍ତନ ଶିକ୍ଷକ ନରେନ୍ଦ୍ର ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ବାମକାଳୀ କ୍ଲବର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

**ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଉଦ୍‌ଘାଟନୀ ମ୍ୟାଚରେ ଉତ୍କଳିକା ସ୍ପୋର୍ଟିଂ ବିଜୟୀ

**ଖଇରା,୮ ।୧(ସମିସ):** ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃ ଜିଲ୍ଲା କ୍ରିକେଟ ସୋମବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ବାସୁଦେବପୁରର ଉତ୍କଳିକା ସ୍ପୋର୍ଟିଂ ବାଲେଶ୍ୱରର ୟୁଏଣ୍ଡମିକୁ ୭ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବାସୁଦେବପୁର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁ ଏଣ୍ଡ ମିର କ୍ରମାଗତ ଉଇକେଟ ପତନ କାରଣରୁ ୧୮.୨ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୪ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ପ୍ରିୟବ୍ରତ ଦାସଙ୍କୁ ମ୍ୟାନ ଅଫ୍‌ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ଅଶୋକ ଜେନା ଓ ଶାରଦା ପ୍ରସନ୍ନ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ଗଣ୍ଡିବେଡ ହାଇସ୍କୁଲର ଶିକ୍ଷକ ଗୌତମ ବେହେରା, ନାରାୟଣ ପଣ୍ଡା ଓ ତାପସ ଦାସ ଉଦ୍‌ଘାଟନ କରିଥିଲେ। ଲଙ୍କେଶ୍ୱର କ୍ରିକେଟ କମିଟିର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।



# ଆଶ୍ରୀଫ୍ ଟାଇଗର ଚାମ୍ପିଅନ



**ସିମୁଳିଆ,୮ ।୧(ସମିସ):** ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତର ଝାଟିଆ ପଡିଆରେ ବିଶ୍ୱଶାନ୍ତି କ୍ଲବ ପକ୍ଷରୁ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁରର ଆଶ୍ରୀଫ ଟାଇଗର ଓ ସାହୁପଡାର ମା' କଳାପାହାଡ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚରେ ଅନୁଷ୍ଠିତ ହୋଇଥିଲା। ଆଶ୍ରୀଫ ଟାଇଗର ଟିମ୍ ଟସ୍ ଜିତି ପ୍ରଥମେ ଫିଲ୍ଡ୍ କରିଥିଲା। ନିର୍ଦ୍ଦିଷ୍ଟ ଓଭରରେ ୭ ଉଇକେଟ ବିନିମୟରେ ସାହୁପଡା ଟିମ୍‌କୁ ପରାସ୍ତ କରି ଆଶ୍ରୀଫ ଟାଇଗର ଚାମ୍ପିଅନ ହୋଇଛି। ଗୋବିନ୍ଦ ଚନ୍ଦ୍ର ଦାସ ଓ ରାକେଶ ବେହେରା ପରିଚାଳନା କରିଥିବାବେଳେ ଉପେନ୍ଦ୍ର ମଲ୍ଲିକ ଭାଷ୍ୟକାର ଭାବେ କାର୍ଯ୍ୟ ତୁଲାଇଥିଲେ। ୧୦ ଦିନ ଧରି ଅନୁଷ୍ଠିତ ଏହି ମ୍ୟାଚରେ ବିଭିନ୍ନ ଅଞ୍ଚଳରୁ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ବିଜେତା ଆଶ୍ରୀଫ ଟାଇଗର ଟିମ୍‌କୁ ୨୦ହଜାର ଟଙ୍କା ଅର୍ଥରାଶି ଓ କପ୍ ଏବଂ ଉପବିଜେତା ଦଳ ମା' କଳାପାହାଡ ଦଳକୁ ୧୦ହଜାର ଟଙ୍କା ଅର୍ଥରାଶି ଓ କପ୍ ପ୍ରଦାନ କରାଯାଇଛି। ପୂର୍ବତନ ଜିଲ୍ଲା ପରିଷଦ କ୍ଷିତୀଶ ମହାନ୍ତି ଓ ସରପଞ୍ଚ ଅମର ପତି ପ୍ରମୁଖ ଉପସ୍ଥିତ ଥିଲେ।

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଓ ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର

# ବ୍ରହ୍ମପୁରରେ ଉତ୍ପାଦନ ହେବ ଆନ୍ଥ୍ରାକ୍ସ ଓ ଇଏନ୍‌ଟିଭି ଟିକା

**ଭୁବନେଶ୍ୱର, ୮।୧(ସମିସ):** ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମରେ ବ୍ରହ୍ମପୁରଠାରେ ଆନ୍ଥ୍ରାକ୍ସ ଓ ଇଏନ୍‌ଟିଭି ଟିକାର ଉତ୍ପାଦନ ପାଇଁ ଏକ ଅତ୍ୟାଧୁନିକ ଜିଏମ୍‌ପି (ଗୁଡ୍ ମାନୁଫାକ୍‌ଚରିଂ ପ୍ରାକ୍ଟିସେସ୍) ଲାବରୋଟୋରୀ ପ୍ରତିଷ୍ଠା ହେବ। ୩୬ ମାସ ମଧ୍ୟରେ ୫୨.୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ଏହି ଅତ୍ୟାଧୁନିକ ଲାବୋରେଟୋରୀରେ ବାର୍ଷିକ ୫୦ ଲକ୍ଷ ଆନ୍ଥ୍ରାକ୍ସ ଓ ୨ କୋଟି ଇଏନ୍‌ଟିଭି ବୀଜାଣୁ ଟିକା ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଲାବୋରେଟୋରୀ ପ୍ରତିଷ୍ଠା ଫଳରେ ଉପରୋକ୍ତ ଦୁଇଟି ଟିକା ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଭବିଷ୍ୟତରେ ପୂର୍ଣ୍ଣତଃ ଆତ୍ମନିର୍ଭରଶୀଳ ରାଜ୍ୟ ରୂପେ ଉଭା ହୋଇପାରିବ। ଏହାଦ୍ୱାରା ପ୍ରାଣୀସମ୍ପଦର ଉତ୍ତମ ରୋଗ ପ୍ରତିଷେଧକ ବ୍ୟବସ୍ଥା ତଥା ପ୍ରାଣୀ ପାଳକଙ୍କର ଆର୍ଥିକ ମାନଦଣ୍ଡରେ ଉନ୍ନତି ହୋଇପାରିବ ବୋଲି ଆଶା କରାଯାଉଛି। ଏନେଇ ଆଜି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଓ ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡ(ଏନ୍‌ଡିଡିବି) ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡ ମଧ୍ୟରେ ଏହି ଚୁକ୍ତିନାମା ସମ୍ବଳିତ ନଥିପତ୍ର ବିନିମୟ ହୋଇଛି।



- ବାର୍ଷିକ ୫୦ ଲକ୍ଷ ଆନ୍ଥ୍ରାକ୍ସ ଓ ୨ କୋଟି ଇଏନ୍‌ଟିଭି ବିଜାଣୁ ଟିକା ଉତ୍ପାଦନ ଲକ୍ଷ୍ୟ
- ଓଡ଼ିଶା ନିଜର ଚାହିଦା ମେଣ୍ଟାଇବା ସହ ଅନ୍ୟ ରାଜ୍ୟକୁ ଟୀକା ଯୋଗାଣ କରିବ: ମନ୍ତ୍ରୀ

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ପ୍ରାଣୀପାଳନ ରାଜ୍ୟର ଚାଷୀମାନଙ୍କ ରୋଜଗାର ଓ ଆୟବୃଦ୍ଧି ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଅତଏବ୍ ସେମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ଦିଗରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରାଣଘାତୀ ରୋଗର ପ୍ରତିଷେଧକ ଟିକା ଉତ୍ପାଦନ ରାଜ୍ୟର ପ୍ରାଣୀସମ୍ପଦ କଲ୍ୟାଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସେହିପରି ଏହି ଅତ୍ୟାଧୁନିକ ଟିକା ଉତ୍ପାଦନ କେନ୍ଦ୍ର ସ୍ଥାପନ ପରେ ଓଡ଼ିଶା ଟିକା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟ ରାଜ୍ୟକୁ ଟିକା ଯୋଗାଣ କରିବାରେ ସମର୍ଥ ହୋଇପାରିବ। ଏହି ଜିଏମ୍‌ପି କେନ୍ଦ୍ର ନିର୍ମାଣ କରିବାରେ ଏନ୍‌ଡିଡିବି ପରାମର୍ଶଦାତା ତଥା ପରିଚାଳନାଗତ ସେବା ପ୍ରଦାନକାରୀ ସଂସ୍ଥା ରୂପେ ସହଯୋଗ କରିବା ସହ ଏହି ଲାବରୋଟୋରୀକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପର୍ଯ୍ୟନ୍ତ ସାହାଯ୍ୟ ଯୋଗାଇଦେବ।

ଉଲ୍ଲେଖଯୋଗ୍ୟ ଯେ ଆନ୍ଥ୍ରାକ୍ସ ଓ ଇଏନ୍‌ଟିଭି ବୀଜାଣୁ ରୋଗର ନିରାକରଣ ନିମନ୍ତେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ଅତ୍ୟାଧୁନିକ ପ୍ରତିଷେଧକ ଟିକା ଉତ୍ପାଦନ ଲାବରୋଟାରୀ ଦେଶର ଏକ ଅନନ୍ୟ ଲାବରୋଟାରୀ ଭାବେ ପରିଗଣିତ ହେବ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର୍ ଅନୁ ଗର୍ଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଦିଲୀପ ରାୟଙ୍କୁ ମୁଁ ଯେମିତି ଜାଣେ...

ବିଶିଷ୍ଟ ରାଜନେତା ତଥା ସଫଳ ଶିଳ୍ପଦ୍ୟୋଗୀ ଦିଲୀପ ରାୟଙ୍କର ଆଜି ଜନ୍ମଦିନ। ଏକାଗ୍ରତା ଏବଂ ସମୟାନୁବର୍ତ୍ତିତା ମଣିଷକୁ କିପରି ସଫଳତାର ଶୀର୍ଷ ସୋପାନରେ ପହଞ୍ଚାଏ, ଦିଲୀପ ତା'ର ଜ୍ୱଳନ୍ତ ଉଦାହରଣ। ଭାରତବର୍ଷର ଅନେକ ରାଜ୍ୟ ଭିତରୁ ଓଡ଼ିଶା ଗୋଟିଏ, ଯେଉଁଠାରେ ଯୁବକମାନେ ବ୍ୟବସାୟ ଅପେକ୍ଷା ଚାକିରି କାରିବା ପାଇଁ ପ୍ରାଥମିକତା ଦିଅନ୍ତି। କିନ୍ତୁ ଦିଲ୍ଲୀପ ସେଥିରେ ଗୋଟିଏ ବ୍ୟତିକ୍ରମ। ସେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ଭାରତ ବର୍ଷର ୪ଟି ରାଜ୍ୟରେ ପାଞ୍ଚଟି ତାରକା ହୋଟେଲ ପତ୍ରିଷ୍ଠା କରିବାରେ ସଫଳ ହୋଇଛନ୍ତି।



ଗତ ଏପ୍ରିଲ ୧୬ରେ ଆସାମର ନୂଆବର୍ଷ "ବିହୁ" ଉତ୍ସବ ଦିନ ଆସାମର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ମେ-ଫେୟାର୍ ସ୍ପ୍ରିଙ୍ଗ ଭ୍ୟାଲି ରିସର୍ଟ। ଏହା ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ସବୁଠାରୁ ବଡ଼ ହୋଟେଲ। ବିହାରର ପୂର୍ଣ୍ଣିଆଠାରେ ମେ-ଫେୟାର୍ ରିଭର୍‌ଭ୍ୟୁ ରିସର୍ଟ, ପଶ୍ଚିମବଙ୍ଗ ସିଲିଗୁଡ଼ି-ଦାର୍ଜିଲିଙ୍ଗ ମେ-ଫେୟାର୍ ମୋନାର ଟି ରିସର୍ଟ। ଓଡ଼ିଶାର ଶିଳ୍ପ ସହର ଝାରସୁଗୁଡ଼ାଠାରେ ଉଦ୍‌ଘାଟିତ ହୋଇଯାଇଛି ୧୧୭ ଶଯ୍ୟା ବିଶିଷ୍ଟ ୪ ତାରି ତାରକା ହୋଟେଲ, ଯାହା ପଶ୍ଚିମ ଓଡ଼ିଶାର ସବୁଠାରୁ ବଡ଼ ହୋଟେଲ। ଏତଦ୍‌ବ୍ୟତୀତ ଗୋପାଳପୁରର ମେ-ଫେୟାର୍ ପାମ୍ ବିଚ୍ ରିସର୍ଟକୁ ପରିବର୍ଦ୍ଧିତ କରାଯାଇ ୧୪୦ କୋଠରିରେ ପରିଣତ କରାଯାଇଛି।

ଏହାବ୍ୟତୀତ ବିଶାଖାପାଟଣାରେ ବଙ୍ଗୋପସାଗର ତୀରରେ ମେ-ଫେୟାର୍ ଆଉ ଏକ ହୋଟେଲ ସ୍ଥାପନ କରିବାକୁ ଯାଉଛି। ଏଥିପାଇଁ ଆନ୍ଧ୍ର ସରକାର ୪୦ ଏକର ଜମି ଯୋଗାଇ ଦେଇଛନ୍ତି। ସେହିପରି ମହାରାଷ୍ଟ୍ରର ଶିରିଡ଼ିରେ ମଧ୍ୟ ଆଉ ଏକ ହୋଟେଲ ନିର୍ମାଣ ଚାଲିଛି। ଭୁବନେଶ୍ୱର ପଟିଆ-ଚନ୍ଦକା ରାସ୍ତାରେ ମେ-ଫେୟାର୍ ଠିଆ କରିବ ଦେଶର ସବୁଠୁ ବଡ଼ କନଭେନ୍ସନ୍ ସେଣ୍ଟର, ଯେଉଁଠି ୪ ହଜାର ଲୋକ ଏକାଠି ବସିପାରିବେ। ପାରାଦ୍ୱୀପରେ ପାନ୍ଥନିବାସକୁ ମେ-ଫେୟାର୍ ଅନ୍ ସି ପାରାଦ୍ୱୀପରେ ରୂପାନ୍ତରଣ କରାଯାଉଛି।

ଦିଲୀପ ବ୍ୟବସାୟରେ ଯେତେ ନିମଗ୍ନ ଥିଲେ ବି ଓଡ଼ିଶା ତଥା ତାଙ୍କ ପ୍ରିୟ ସହର ରାଉରକେଲାକୁ ପାସୋରି ନାହାନ୍ତି। ରାଉରକେଲାରେ ଚାଲୁଥିଲା ବିଶ୍ୱକପ୍ ହକି। ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲା। ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ ଉତ୍ସବରେ ଦିଲୀପ ଉପସ୍ଥିତ ରହନ୍ତୁ ବୋଲି ଚାହୁଁଥିଲେ। ଜ୍ୱରରେ ପୀଡ଼ିତ ଥିବା ସତ୍ତ୍ୱେ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଆଜି ଦିଲୀପଙ୍କ ଜନ୍ମ ଦିବସରେ ତାଙ୍କ ଜୀବନ ଉପରେ ଏକ ପୁସ୍ତକ ଉନ୍ମୋଚିତ ହେବାକୁ ଯାଉଛି ଛତିଶଗଡ଼ ରାଜଧାନୀ ରାୟପୁରଠାରେ ଏବଂ ଭୁବନେଶ୍ୱରଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି। ସିକିମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ୧୯୭୮ ମସିହାରେ ମାତ୍ର ୪ଜଣଙ୍କୁ ନେଇ ଆରମ୍ଭ ହୋଇଥିବା ମେ-ଫେୟାର୍‌ର ଆଜି କର୍ମଚାରୀ ସଂଖ୍ୟା ୪ ହଜାରରୁ ଅଧିକ; ଯେଉଁଠି ୯୦ ଭାଗରୁ ଅଧିକ ହେଉଛନ୍ତି ଓଡ଼ିଆ। ଆଜି ତାଙ୍କ ଜନ୍ମ ଦିବସରେ ଭଗବାନଙ୍କ ନିକଟରେ ତାଙ୍କୁ ଦୀର୍ଘାୟୁ କରିବାକୁ ଆମେମାନେ ପ୍ରାର୍ଥନା କରୁଛୁ।

**ଦୁର୍ଗାପ୍ରସାଦ ମହାନ୍ତି (ରାଜା)**

# ୫ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପୁଲିସ ଏଏସ୍ଆଇ

**ଜୟପୁର,୮।୧ (ସମିସ):** କୋରାପୁଟ ଜିଲ୍ଲା ପୁଲିସର ଖାକିରେ ଦାଗ। ବୈପାରୀଗୁଡ଼ା ଆଇଆଇସି ଭିଜିଲାନ୍ସ ହାତରେ ଧରାପଡ଼ିବାର ଦେଢ଼ ମାସ ନ ପୂରୁଣୁ ପୁଣି କୋରାପୁଟ ଜିଲ୍ଲା ଜୟପୁର ସହରର ଟାଉନ୍ ଥାନାର ଜଣେ ଏଏସ୍ଆଇ ଲାଞ୍ଚ ନେଇ ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ଏଏସ୍ଆଇ ଅନିଲ କୁମାର ନାୟକ ଆଜି ଧରାପଡ଼ିଛନ୍ତି। ତାଙ୍କୁ ଗିରଫ କରାଯାଇଛି। ଏଏସ୍ଆଇ ଶ୍ରୀ ନାୟକ ଜଣେ ବାଇକ ଚାଳକଙ୍କଠାରୁ ତାଙ୍କର ବାଇକ୍ ମୁକୁଳାଇବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ।



ଅଭିଯୁକ୍ତ ଏଏସ୍ଆଇ ସ୍ଥାନୀୟ ମୁଖ୍ୟରାସ୍ତା ୟୁନିୟନ୍ ବ୍ୟାଙ୍କ ତଥା ପୁଲିସ ଗେଷ୍ଟ ହାଉସ ନିକଟସ୍ଥ ଜଣେ କମ୍ବଳ ବିକ୍ରେତାଙ୍କ ଜରିଆରେ ଏହି ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢ଼ଉ କରିଥିଲେ। ଭିଜିଲାନ୍ସକୁ ଦେଖି ସେ ଦୌଡ଼ି ଫେରାର୍ ହେବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରିନଥିଲେ। ଭିଜିଲାନ୍ସ ତାଙ୍କୁ କାର୍ଯ୍ୟାଳୟରେ ଅଟକ ରଖିବା ସହିତ ପଚରାଉଚରା କରୁଛି। ଏହାସହ ଉକ୍ତ କମ୍ବଳ ବ୍ୟବସାୟୀ ନାଜରୁଲ୍‌କୁ ମଧ୍ୟ ଭିଜିଲାନ୍ସ ବିଭାଗ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ୩ ଦିନ ତଳେ ଗାଡ଼ି ଯାଞ୍ଚ ବେଳେ ସ୍ଥାନୀୟ ପାଇକ ସାହିର ରିଙ୍କେଶ ଗୌଡ଼ଙ୍କ ଏକ ସ୍କୁଟିକୁ ଧରିବା ସହ କାଗଜପତ୍ରକୁ ଏଏସଆଇ ନାୟକ ନିଜ ପାଖରେ ରଖିଥିଲେ। କାଗଜପତ୍ର ଫେରାଇବା ପାଇଁ ସେ ୫ହଜାର ଟଙ୍କା ଦାବି କରିଥିଲେ। ଅପରପକ୍ଷେ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଏଏସ୍ଆଇ ଶ୍ରୀ ନାୟକଙ୍କ ଘର ସମେତ ଏକାଧିକ ସ୍ଥାନରେ ଚଢ଼ଉ କରାଯାଉଛି। ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ ଜୟପୁରଠାରେ ଅତିରିକ୍ତ ଏସ୍‌ପି ଅରୁଣ ନାୟକ, ଡିଏସ୍‌ପି ସଦାନନ୍ଦ ପାଣି, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ ନେତୃତ୍ୱରେ ଗଠିତ ଏକ ଟିମ୍ ଯାଞ୍ଚ କରୁଛନ୍ତି। ନବରଙ୍ଗପୁର ଜିଲ୍ଲା ସଦରମହକୁମାସ୍ଥିତ ତାଙ୍କ ବାସଭବନରେ ଭିଜିଲାନ୍ସ ଡିଏସ୍‌ପି ଅଭିମନ୍ୟୁ ପ୍ରଧାନଙ୍କ ନେତୃତ୍ୱରେ ଏକ ଦଳ ଯାଞ୍ଚ ଚଳାଇଛନ୍ତି।

# ବଦଳିବ ପାରାଦୀପ ମାଛଧରା ବନ୍ଦରର ରୂପରେଖ



**ପାରାଦୀପ, ୮।୧(ସମିସ):** ବଦଳିବ ପାରାଦୀପ ମାଛଧରା ବନ୍ଦରର ରୂପରେଖ। କେନ୍ଦ୍ର ସରକାରଙ୍କ ତରଫରୁ ୧୦୮ କୋଟି ଟଙ୍କା ବ୍ୟୟରେ ଏହି ବନ୍ଦର ମଧ୍ୟରେ ନୂତନ ପ୍ରକଳ୍ପ କାର୍ଯ୍ୟ ଲାଗି ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କେନ୍ଦ୍ର ମତ୍ସ୍ୟ ସଂପଦ ବିକାଶ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ଓ ରାଜ୍ୟ କୃଷି ଓ ମତ୍ସ୍ୟ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଆଗାମୀ ଦିନରେ ପାରାଦ୍ୱୀପ ମାଛଧରା ବନ୍ଦର ଭାରତବର୍ଷର ପ୍ରମୁଖ ମାଛଧରା ବନ୍ଦର ମଧ୍ୟରେ ସ୍ଥାନ ପାଇବ। ଏହାଦ୍ୱାରା ମତ୍ସ୍ୟଜୀବୀମାନେ ମଧ୍ୟ ଉପକୃତ ହେବେ ବୋଲି ମନ୍ତ୍ରୀଦ୍ୱୟ କହିଥିଲେ। ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ ପକ୍ଷରୁ କୁହାଯାଇଛି ଯେ ପାରାଦ୍ୱୀପ ମାଛଧରା ବନ୍ଦର ଓ ଏଠାକାର ମତ୍ସ୍ୟଜୀବୀମାନଙ୍କ ପାଇଁ ଆଜିର ଦିନ ଏକ ଗୌରବର ଦିନ। ଅପରପକ୍ଷେ ବୁଡ଼ିବାକୁ ବସିଥିବା ପାରାଦୀପ ମତ୍ସ୍ୟଶିଳ୍ପ କିପରି ପୁନରୁଦ୍ଧାର ହୋଇପାରିବ, ସେ ନେଇ ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପିଏଲ ହରାନାଦ, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘର ସଭାପତି ଶ୍ରୀକାନ୍ତ ପରିଡ଼ା, ସଂଘର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁଙ୍କ ସମେତ ସଂଘର ସଦସ୍ୟ ଓ ମତ୍ସ୍ୟଜୀବୀମାନେ ଉପସ୍ଥିତ ଥିଲେ।

**ସ୍ଥାପନ ହେଲା ଭିତ୍ତିପ୍ରସ୍ତର**

# ୪ ଆଇଇଡି ନିଷ୍କ୍ରିୟ କଲେ ଯବାନ

**ମାଲକାନଗିରି, ୮।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ୪ଟି ଆଇଡି ବୋମାକୁ ଯବାନମାନେ ନିଷ୍କ୍ରିୟ କରିଦେଇଛନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ ବିଜାପୁର ଜିଲ୍ଲାର ଧର୍ମରାମ ଏବଂ ଚିନ୍ତଗୁଫା ମଧ୍ୟରେ ସିଆରପିଏଫ୍ ଓ ବିଡିଏସ୍‌ର ଯବାନମାନେ ମାଓ-ଦମନ ଲାଗି ସର୍ଚ୍ଚ ଅପରେସନ୍ କରୁଛନ୍ତି। ଯବାନଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ୪ଟି ଆଇଡି ବୋମା ଲଗାଇଥିବା ବେଳେ ଏହାକୁ ଯବାନମାନେ ଠାବ କରିଥିଲେ। ପରେ ତାହାକୁ ନିଷ୍କ୍ରିୟ କରାଯାଇଥିଲା। ଆଇଇଡି ମିଳିବା ପରେ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଆହୁରି ଜୋରଦାର୍ କରାଯାଇଥିବା ଜଣାପଡ଼ିଛି।



## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SCIENCE

### SECTION-A

1. As air passes through the nasal cavity, it is
   (a) Filtered in the nostrils (b) Moistened by mucus
   (c) Warmed to the body temperature (d) All of these
2. After surgical removal of an infected gall bladder, a person must be especially careful to restrict dietary intake of
   (a) Starch (b) Protein (c) Sugar (d) Fat
3. Circulatory system does not help in
   (a) Transport of respiratory gases (b) Transport of hormones
   (c) Transport of food materials (d) Transfer of impulses
4. Which of the following is excreted in human urine?
   (a) Ammonia (b) Urea (c) Uric acid (d) Amino acid
5. The image shows the excretory system in humans. What is the importance of the labelled part in the excretory system?



   (a) It produces urine.
   (b) It filters waste from the blood.
   (c) It stores the urine till urination.
   (d) It carries urine from the kidney to the outside.
6. When hydrogen chloride gas is prepared on a humid day, the gas is usually passed through the guard tube containing calcium chloride. The role of calcium chloride taken in the guard tube is to:




   (a) absorb the evolved gas (b) moisten the gas
   (c) absorb moisture from the gas
   (d) absorb $Cl^-$ ions from the evolved gas
7. The pH which leads to tooth decay
   (a) 7.2 (b) 5.5 (c) 8.5 (d) 9.2
8. The following equation is an example of a
   $4NH_3(g) + 5\,O_{2(g)} \longrightarrow 4NO_{(g)} + 6H_2O_{(g)}$
   i) Displacement reaction ii) Double Displacement Reaction
   iii) Redox Reaction iv) Neutralisation Reaction
   (a) i& iv (b) ii& iii (c) i& iii (d) iii& iv
9. Which of these are not ionic compounds
   (i) KCl (ii) HCl (iii) $CCl_4$ (iv) NaCl
   (a) i& ii (b) ii& iii (c) iii& iv (d) i& iii
10. Which of the following is not a salt?
   (a) Sodium chloride (b) Slaked lime
   (c) Lead Sulphide (d) Zinc nitrate
11. Identify the basic salt from the following salts:
   (a) $Na_2CO_3$ (b) $NH_4Cl$ (c) $NaNO_3$ (d) KCl
12. An object is placed at a distance of 40cm in front of a concave mirror of focal length 20cm. The image produced is:
   (a) virtual and inverted (b) real and erect
   (c) real, inverted and of the opposite size as that of the object
   (d) real, inverted and of the same size as that of the object
13. A student conducts an experiment using a convex lens. He places the object at a distance of 60 cm in front of the lens and observes that the image is formed at a distance of 30 cm behind the lens. What is the power of the lens?
   (a) 0.005 diopter (b) 0.05 diopter (c) 5 diopters (d) 50 diopters
14. Image formed by a convex spherical mirror is:
   (a) virtual (b) real (c) enlarged (d) inverted
15. Magnification produced by a rear view mirror fitted in vehicles
   (a) is less than one (b) is more than one
   (c) is equal to one
   (d) can be more than or less than one depending upon the position of the object in front of it.
16. The splitting of white light into different colours on passing through a prism is called
   (a) reflection (b) refraction (c) dispersion (d) deviation
17. The diagrams showing the correct path of the ray after passing through the




   (a)II and III only (b) I and II only (c) I, II and III (d) I, II and IV

**Assertion & Reason:**
(a) Both A and R are true and R is the correct explanation of A.
(b) Both A and R are true but R is not the correct explanation of A.
(c) A is true but R is false.
(d) A is false and R is true.

18. **Assertion**: (A)In humans, major amount of water is absorbed by the tubular part of nephron.
   **Reason:**(R) Absorption of water depends on the dissolved waste to be excreted from the body.
19. **Assertion:** (A)Copper sulphate crystals are wet because it contains water of crystallization.
   **Reason:**(R) Water of crystallization is the fixed number of molecules of water present in one formula unit of salt.
20. **Assertion**-(A):light does not travel in the same direction in all the media
   **Reason**: (R)The speed of light does not change as it enters from one transparent medium to another.

### SECTION – B (2 Marks)

21. What is the main difference between fission and fragmentation in context of biological reproduction of species. Give an example of each.
22. Draw the structural formula of all the isomers of butane.
23. V-I graph for two wires A and B are shown in the figure. If both wires are of same length and same thickness, which of the two is made of a material of high resistivity? Give justification for your answer.




### SECTION-C (3 Marks)

24. What are magnetic field lines? How is the direction of a magnetic field at a point determined? Mention two important properties of the magnetic field lines.
25. I)Trace the path a male gamete takes to fertilise a female gamete after being released from the penis.
   II) sperm consists a tail. What is its function?

### SECTION-D (5 Marks)

26. (a) Why does micelle formation take place when soap is added to water? Will a micelle be formed in other solvents such as ethanol also?
   (b) Draw the structure for the following compounds:
   (i) Ethanoic acid (ii) Bromopentane
27. Describe an experiment to study the factors on which the resistance of a conductor or a conducting wire depends.

### SECTION-E (4 Marks)

28. **Read the given text and answer the following questions:**
   Food is the basic requirement of all living beings. It provides energy and organic materials for cell growth and repair. The major components of food include carbohydrates,fats,proteins,vitamins,water and minerals. The food that we intake is complex in nature and so,it becomes necessary to convert into simple and absorbable form. This happens by digestion.
   The human digestive system consists of gastrointestinal tract plus the accessory organs of digestion. It involves breaking down of food into smaller components until they are absorbed.
   i. Name the digestive juice that lacks enzyme but helps in digestion.
   (a) Pancreatic juice (b) Ptyalin (c) Pepsin (d) Bile juice
   ii. The digestion of food starts in
   (a) Mouth (b) Oesophagus (c) Stomach (d) Liver
   iii. In case of Diarrhoea, which major process does not takes place normally in large intestine?
   (a) Absorption of food (b) Absorption of water
   (c) Secretion of enzymes (d) Removal of waste material
   iv. Which part of alimentary canal receives the secretion of liver?
   (a) Stomach (b) Small intestine (c) Large intestine (d) Oesophagus
29. **Read the given text and answer the following questions:**
   The spherical mirror forms different types of images when the object is placed at different locations. When the image is formed on screen, the image is real and when the image does not form on screen, the image is virtual. When the two reflected rays meet actually, the image is real and when they appear to meet, the image is virtual. concave mirror always forms a real and inverted image for different positions of the object. But if the object is placed between the focus and pole. The image formed is virtual and erect.
   A convex mirror always forms a virtual, erect and diminished image. A concave mirror is used as doctor's head mirror to focus light on body parts like eyes, ears, nose etc., to be examined because it can form erect and magnified image of the object. The convex mirror is used as a rear view mirrors in automobiles because it can form an small and erect image of an object.
   i. When an object is placed at the center of curvature of a concave mirror, the image formed is
   (a) larger than the object (b) smaller than the object
   (c) same size as that of the object (d) highly enlarged.
   ii. No matter how far you stand from a mirror, your image appears erect. The mirror is likely to be
   (a) plane (b) concave (c) convex (d) either plane or convex.
   iii. A child is standing in front of a magic mirror. She finds the image of her head bigger, the middle portion of her body of the same size and that of the legs smaller. The following is the order of combinations for the magic mirror from the top.
   (a) Plane, convex and concave (b) Convex, concave and plane
   (c) Concave, plane and convex (d) Convex, plane and concave
   iv. To get an image larger than the object one can use
   (a)convex mirror but not a concave mirror
   (b) a concave mirror but not a convex mirror
   (c) either a convex mirror or a concave mirror
   (d) a plane mirror

***** *All the Best...*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1(d) | 2(d) | 3(d) | 4(b) | 5(c) | 6(c) | 7(b) | 8(b) | 9(b) | 10(b) |
| 11(a) | 12(d) | 13(c) | 14(a) | 15(a) | 16(c) | 17(c) | 18 (c) | 19 (d) | 20 (c) |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

# ଆଜିଠାରୁ କଳିଙ୍ଗ ସୁପର୍ କପ୍

## ■ ଭାଗନେବେ ଆଇଏସ୍ଏଲ୍, ଆଇ-ଲିଗ୍‌ର ୧୬ ଦଳ ■ ଇଷ୍ଟବେଙ୍ଗଲ-ହାଇଦ୍ରାବାଦ୍ ଏଫ୍‌ସି ଉଦ୍‌ଘାଟନୀ ଲଢ଼େଇ

ଭୁବନେଶ୍ୱର, ୮ ।୧ (ସମିସ): ଭାରତୀୟ ଫୁଟ୍‌ବଲର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା କଳିଙ୍ଗ ସୁପର୍ କପ୍‌ର ୪ର୍ଥ ସଂସ୍କରଣ ମଙ୍ଗଳବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି । ପୂର୍ବରୁ ସୁପର୍ କପ୍ ନାମରେ ପରିଚିତ ଏହି ପ୍ରତିଯୋଗିତା ଚଳିତ ସଂସ୍କରଣରୁ ନୂଆ ନାମ 'କଳିଙ୍ଗ ସୁପର୍ କପ୍'ରେ ଖେଳାଯିବ । ଏଥିରେ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍) ର ସମସ୍ତ ୧୨ ଗୋଟି ଦଳ ଭାଗନେଉଛନ୍ତି । ସେହିଭଳି ଆଇ-ଲିଗ୍‌ର ୪ ଗୋଟି ଶ୍ରେଷ୍ଠ ଦଳ ଗୋକୁଲମ କେରଳ ଏଫ୍‌ସି, ଶ୍ରୀନିଦି ଡେକାନ ଏଫ୍‌ସି, ସିଲଂ ଲାଜଂ ଏଫ୍‌ସି ଓ ଇଣ୍ଟର କାଶି ଖେଳିବ । ଏଭଳି ଭାବେ ମୋଟ୍ ୧୬ଟି ଦଳ ଚଳିତ କଳିଙ୍ଗ ସୁପର୍ କପ୍‌ରେ ଅଂଶଗ୍ରହଣ କରିଛନ୍ତି । ଜାନୁଆରୀ ୨୮ ରେ ଫାଇନାଲ ମୁକାବିଲା ଖେଳାଯିବ ।



ଭୁବନେଶ୍ୱରରେ ପହଞ୍ଚିବା ପରେ ମୋହନ ବାଗାନର ଖେଳାଳିମାନେ

ଅଂଶଗ୍ରହଣକାରୀ ୧୬ ଗୋଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ପ୍ରତି ଗ୍ରୁପ୍‌ରେ ପ୍ରତି ଦଳ ରାଉଣ୍ଡ-ରବିନ ଫର୍ମାଟ୍‌ରେ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ । ଏହାପରେ ୪ଟି ଯାକ ଗ୍ରୁପ୍‌ର ଶ୍ରେଷ୍ଠ-୪ ଗୋଟି ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ । ଜାନୁଆରୀ ୨୪ରେ ଗ୍ରୁପ୍-ଏ ଓ ଗ୍ରୁପ୍-ବି'ର ଶ୍ରେଷ୍ଠ ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ । ଏହାପରଦିନ ୨ୟ ସେମିଫାଇନାଲରେ ଗ୍ରୁପ୍-ସି ଓ ଗ୍ରୁପ୍-ଡି'ର ଦୁଇ ଶ୍ରେଷ୍ଠ ଦଳ ସାମ୍ନାସାମ୍ନି ହେବେ । ଉଦ୍‌ଘାଟନୀ ଦିବସରେ ମଙ୍ଗଳବାର ୨ଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୨ଟାରେ ଇଷ୍ଟବେଙ୍ଗଲ ଏଫ୍‌ସି ଓ ହାଇଦ୍ରାବାଦ୍ ଏଫ୍‌ସି ପରସ୍ପରକୁ ଭେଟିବେ । ସେହିଭଳି ମୋହନବାଗାନ ସୁପର୍ ଜାଏଣ୍ଟସ ଓ ଶ୍ରୀନିଦି ଡେକାନ ଏଫ୍‌ସି ମଧ୍ୟରେ ୨ୟ ମ୍ୟାଚ୍ ରାତି ୭ଟା ୩୦ରେ ଅନୁଷ୍ଠିତ ହେବ ।



ଅଭ୍ୟାସ ଅବସରରେ ଇଷ୍ଟବେଙ୍ଗଲ ଦଳ

**ଟାଇଟଲ୍ ବଜାୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି:** ଓଡ଼ିଶାରୁ ଏକମାତ୍ର ଦଳ ଭାବେ ଆଇଏସ୍ଏଲ୍ ଦଳ ଓଡ଼ିଶା ଫୁଟ୍‌ବଲ୍ କ୍ଲବ (ଓଏଫ୍‌ସି) କଳିଙ୍ଗ ସୁପର୍ କପ୍‌ରେ ଅଂଶଗ୍ରହଣ କରୁଛି । ସୁପର୍ କପ୍‌ର ୩ୟ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା । ତେଣୁ ଘରୋଇ ପରିବେଶରେ ଓଏଫ୍‌ସି ଏଥର ଟାଇଟଲ୍‌କୁ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ । ଓଡ଼ିଶା ଏଫ୍‌ସି ଶୁକ୍ରବାର ସୁନିଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ପୂର୍ବରୁ ସୁପର୍ କପ୍‌ର ପ୍ରଥମ ସଂସ୍କରଣରେ ବେଙ୍ଗାଲୁରୁ ଏଫ୍‌ସି (୨୦୧୮) ଓ ୨ୟ ସଂସ୍କରଣରେ ଚେନ୍ନାଇନ ଏଫ୍‌ସି (୨୦୧୯) ରେ ଚାମ୍ପିଅନ ହୋଇଥିଲା । ଏହାପରେ କରୋନା ଲାଗି ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ଏହା ଖେଳାଯାଇପାରି ନ ଥିଲା ।

**ପ୍ଲେ-ଅଫ୍‌ରେ ଇଣ୍ଟର କାଶି ବିଜୟୀ:** କଳିଙ୍ଗ ସୁପର୍ କପ୍ ପାଇଁ ଏକମାତ୍ର ପ୍ଲେ-ଅଫ୍ ମ୍ୟାଚ୍ ସୋମବାର ଆଇ-ଲିଗ୍‌ର ଦୁଇ ଦଳ ଇଣ୍ଟର କାଶି ଓ ରାଜସ୍ଥାନ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅପରାହ୍ଣରେ ଖେଳାଯାଇଥିବା ଏହି ମ୍ୟାଚରେ ଇଣ୍ଟର କାଶି ୫-୦ ଗୋଲରେ ବିଜୟୀ ହୋଇ କଳିଙ୍ଗ ସୁପର୍ କପ୍‌କୁ ଯୋଗ୍ୟତା ଅର୍ଜନ କରିଛି ।

### ଗ୍ରୁପ୍ ତାଲିକା

**ଗ୍ରୁପ୍-ଏ:** ମୋହନ ବାଗାନ ସୁପର ଜାଏଣ୍ଟସ, ଇଷ୍ଟବେଙ୍ଗଲ ଏଫ୍‌ସି, ହାଇଦ୍ରାବାଦ୍ ଏଫ୍‌ସି ଓ ଶ୍ରୀନିଦି ଡେକାନ

**ଗ୍ରୁପ୍-ବି:** କେରଳା ବ୍ଲାଷ୍ଟର୍ସ, ନର୍ଥଇଷ୍ଟ ୟୁନାଇଟେଡ୍, ଜାମସେଦପୁର ଏଫ୍‌ସି ଓ ସିଲଂ ଲାଜଂ

**ଗ୍ରୁପ୍-ସି:** ମୁମ୍ବାଇ ସିଟି, ଚେନ୍ନାଇନ ଏଫ୍‌ସି, ପଞ୍ଜାବ ଏଫ୍‌ସି ସ ଗୋକୁଳମ କେରଳ

**ଗ୍ରୁପ୍-ଡି:** ଏଫ୍‌ସି ଗୋଆ, ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି ଓ ଇଣ୍ଟର କାଶି

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୯ ।୧ | ଇଷ୍ଟବେଙ୍ଗଲ ଏଫ୍‌ସି-ହାଇଦ୍ରାବାଦ୍ ଏଫ୍‌ସି | ଅପରାହ୍ଣ ୨ଟା |
| ୯ ।୧ | ମୋହନ ବାଗାନ-ଶ୍ରୀନିଦି ଡେକାନ | ରାତି ୭ଟା ୩୦ |
| ୧୦ ।୧ | କେରଳ ବ୍ଲାଷ୍ଟର୍ସ-ସିଲଂ ଲାଜଂ | ଅପରାହ୍ଣ ୨ଟା |
| ୧୦ ।୧ | ନର୍ଥଇଷ୍ଟ ୟୁନାଇଟେଡ୍-ଜାମସେଦପୁର ଏଫ୍‌ସି | ୭ଟା ୩୦ |
| ୧୧ ।୧ | ମୁମ୍ବାଇ ସିଟି-ଗୋକୁଳମ କେରଳ | ଅପରାହ୍ଣ ୨ଟା |
| ୧୧ ।୧ | ଚେନ୍ନାଇନ ଏଫ୍‌ସି-ପଞ୍ଜାବ ଏଫ୍‌ସି | ୭ଟା ୩୦ |
| ୧୨ ।୧ | ଏଫ୍‌ସି ଗୋଆ-ଇଣ୍ଟର କାଶି | ଅପରାହ୍ଣ ୨ଟା |
| ୧୨ ।୧ | ଓଡ଼ିଶା ଏଫ୍‌ସି-ବେଙ୍ଗାଲୁରୁ ଏଫ୍‌ସି | ୭ଟା ୩୦ |
| ୧୪ ।୧ | ମୋହନ ବାଗାନ-ହାଇଦ୍ରାବାଦ୍ ଏଫ୍‌ସି | ଅପରାହ୍ଣ ୨ଟା |
| ୧୪ ।୧ | ଇଷ୍ଟବେଙ୍ଗଲ-ଶ୍ରୀନିଦି ଡେକାନ | ୭ଟା ୩୦ |
| ୧୫ ।୧ | ନର୍ଥଇଷ୍ଟ ୟୁନାଇଟେଡ୍-ସିଲଂ ଲାଜଂ | ଅପରାହ୍ଣ ୨ଟା |
| ୧୫ ।୧ | କେରଳା ବ୍ଲାଷ୍ଟର୍ସ-ଜାମସେଦପୁର ଏଫ୍‌ସି | ୭ଟା ୩୦ |
| ୧୬ ।୧ | ଚେନ୍ନାଇନ ଏଫ୍‌ସି-ଗୋକୁଳମ କେରଳ | ଅପରାହ୍ଣ ୨ଟା |
| ୧୬ ।୧ | ମୁମ୍ବାଇ ସିଟି-ପଞ୍ଜାବ ଏଫ୍‌ସି | ୭ଟା ୩୦ |
| ୧୭ ।୧ | ଏଫ୍‌ସି ଗୋଆ-ବେଙ୍ଗାଲୁରୁ ଏଫ୍‌ସି | ଅପରାହ୍ଣ ୨ଟା |
| ୧୭ ।୧ | ଓଡ଼ିଶା ଏଫ୍‌ସି-ଇଣ୍ଟର କାଶି | ୭ଟା ୩୦ |
| ୧୯ ।୧ | ହାଇଦ୍ରାବାଦ୍ ଏଫ୍‌ସି-ଶ୍ରୀନିଦି ଡେକାନ | ଅପରାହ୍ଣ ୨ଟା |
| ୧୯ ।୧ | ମୋହନ ବାଗାନ-ଇଷ୍ଟ ବେଙ୍ଗଲ | ୭ଟା ୩୦ |
| ୨୦ ।୧ | ଜାମସେଦପୁର ଏଫ୍‌ସି-ସିଲଂ ଲାଜଂ | ଅପରାହ୍ଣ ୨ଟା |
| ୨୦ ।୧ | କେରଳ ବ୍ଲାଷ୍ଟର୍ସ-ନର୍ଥଇଷ୍ଟ ୟୁନାଇଟେଡ୍ | ୭ଟା ୩୦ |
| ୨୧ ।୧ | ପଞ୍ଜାବ ଏଫ୍‌ସି-ଗୋକୁଳମ କେରଳ | ଅପରାହ୍ଣ ୨ଟା |
| ୨୧ ।୧ | ମୁମ୍ବାଇ ସିଟି-ଚେନ୍ନାଇନ ଏଫ୍‌ସି | ୭ଟା ୩୦ |
| ୨୨ ।୧ | ବେଙ୍ଗାଲୁରୁ ଏଫ୍‌ସି-ଇଣ୍ଟର କାଶି | ଅପରାହ୍ଣ ୨ଟା |
| ୨୨ ।୧ | ଓଡ଼ିଶା ଏଫ୍‌ସି-ଏଫ୍‌ସି ଗୋଆ | ୭ଟା ୩୦ |
| ୨୪ ।୧ | ପ୍ରଥମ ସେମିଫାଇନାଲ | ରାତି ୭ଟା ୩୦ |
| ୨୫ ।୧ | ଦ୍ୱିତୀୟ ସେମିଫାଇନାଲ | ରାତି ୭ଟା ୩୦ |
| ୨୮ ।୧ | ଫାଇନାଲ | ରାତି ୭ଟା ୩୦ |

ବି.ଦ୍ର.: ଅପରାହ୍ଣ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମ ପିଚ୍-୧ରେ ଏବଂ ରାତି ମ୍ୟାଚ୍ ମୁଖ୍ୟ ପିଚ୍‌ରେ ଖେଳାଯିବ ।

ପ୍ରସାରଣ: ସ୍ପୋର୍ଟ୍ସ- ୧୮ ଓ ଜିଓସିନେମା

## କନିଷ୍ଠ ମହିଳା ହକି ପ୍ରଶିକ୍ଷଣ ଶିବିରରେ ଟାଟା ନାଭାଲ ଏଚ୍‌ପିସିରୁ ୫ ଖେଳାଳି

ଭୁବନେଶ୍ୱର, ୮ । ୧ (ସମିସ): ବେଙ୍ଗାଲୁରୁରେ ଆଜିଠାରୁ ଆରମ୍ଭ ହୋଇଛି କନିଷ୍ଠ ମହିଳା ହକି ପ୍ରଶିକ୍ଷଣ ଶିବିର । ଏହି ପ୍ରଶିକ୍ଷଣ ଶିବିର ଲାଗି ସମଗ୍ର ଦେଶରୁ ମୋଟ ୪୧ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି । ଘରୋଇ ହକି ପ୍ରତିଯୋଗିତାର ପ୍ରଦର୍ଶନକୁ ଭିତ୍ତିକରି ଏହି ଖେଳାଳିମାନଙ୍କୁ ଶିବିର ଲାଗି ଚୟନ କରାଯାଇଛି । ମୁଖ୍ୟ ପ୍ରଶିକ୍ଷକ ତୁଷାର ଖାଣ୍ଡେକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆରମ୍ଭ ହୋଇଛି ।

ମନୋନୀତ ହୋଇଥିବା ୪୧ଜଣଙ୍କ ମଧ୍ୟରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମରେ ଥିବା ଟାଟା ନାଭାଲ ହକି ଏଚ୍‌ପିସିରୁ ସର୍ବାଧିକ ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ମମିତା ଓରାମ, ଅଞ୍ଜଳି ବାରୱା, ମୁନ୍‌ମୁନି ଦାସ, ଏଞ୍ଜିଲ ହର୍ଷରାଣୀ ଓ ସୁପ୍ରିୟା କୁଜୁର । ଏମାନଙ୍କ ବ୍ୟତୀତ ହକି ଆସୋସିଏସନ ଅଫ୍ ଓଡ଼ିଶାରୁ ସୁନେଲିତା ଟପ୍ପୋଙ୍କୁ ମଧ୍ୟ ଚୟନ କରାଯାଇଛି । ସୁନେଲିତା ଏବେ ବରିଷ୍ଠ ଦଳ ସହ ଅଛନ୍ତି । କନିଷ୍ଠ ମହିଳା ବିଶ୍ୱକପ୍‌କୁ ଆଖିଆଗରେ ରଖି ଏହି କୋର ଗ୍ରୁପ୍ ଚୟନ କରାଯାଇଛି ।

● ଜାତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ

## ତେଲଙ୍ଗାନାକୁ ୮ ୱିକେଟରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୮ । ୧ (ସମିସ) କର୍ଣ୍ଣାଟକର ହୁବଳିଠାରେ ଆରମ୍ଭ ହୋଇଥିବା ଜାତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ସୋମବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୮ ୱିକେଟରେ ତେଲଙ୍ଗାନାକୁ ହରାଇଦେଇଛି । ଏହି ମ୍ୟାଚ୍‌ରେ ତେଲଙ୍ଗାନାର ୮ଜଣ ଖେଳାଳି ରନ୍‌ଆଉଟ ହେବା ଫଳରେ ପ୍ରଥମେ ବ୍ୟାଟିଂ କରି ଦଳ ୧୩.୨ ଓଭରରେ ମାତ୍ର ୫୦ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଜବାବରେ ଓଡ଼ିଶା




ମହିଳା ଦଳ ୫ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା । ଦଳ ପକ୍ଷରୁ ଝିଲି ବିରୁଆ ସର୍ବାଧିକ ୩୪ ରନ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଓଡ଼ିଶା ତାହାର ଦ୍ୱିତୀୟ ମ୍ୟାଚ୍ ଗୁଜରାଟ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି ।

ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ

## ସେଣ୍ଟ ଜାଭିୟର, କିସ୍‌ର ବିଜୟ

ଭୁବନେଶ୍ୱର, ୮।୧ (ସମିସ)

ଭେଟେରାନ କ୍ରିକେଟ ସଂଘ ଆନୁକୂଲ୍ୟରେ ୟୁନିଟ-୨ ବାଳିକା ହାଇସ୍କୁଲ ପଡ଼ିଆରେ







ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଖଣ୍ଡଗିରିର ସେଣ୍ଟ ଜାଭିୟର ହାଇସ୍କୁଲ ଓ କିସ ବିଜୟ ହାସଲ କରିଛନ୍ତି । ପ୍ରଥମ ମ୍ୟାଚ୍‌ରେ ସେଣ୍ଟ ଜାଭିୟର ୯୩ ରନ୍‌ରେ ଚନ୍ଦ୍ରଶେଖରପୁର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ୍‌କୁ ହରାଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସେଣ୍ଟ ଜାଭିୟର ୩ ୱିକେଟରେ ୨୨୫ ରନ୍ କରିଥିଲା । ଜବାବରେ ଭେଙ୍କଟେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୫ ୱିକେଟ ହରାଇ ୧୨୫ ରନ୍ କରିଥିଲା । ବିଜୟୀ ଜାଭିୟର ଦଳ ପକ୍ଷରୁ ୮୦ଟି ବଲ୍‌ରେ ଅପରାଜିତ ୧୨୨ ରନ୍ କରିଥିବା ଆୟାନ ନାୟକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାସୁଆଘାଇର ଡିଏମ୍ ପବ୍ଲିକ୍ ସ୍କୁଲ ୭ ୱିକେଟରେ ୭୩ ରନ୍ କରିଥିଲା । ଜବାବରେ କିସ୍ ମାତ୍ର ଗୋଟିଏ ୱିକେଟ ହରାଇ ୯.୧ ଓଭରରେ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା । ବିଜୟୀ କିସ୍ ପକ୍ଷରୁ ୨୨ ରନ୍ କରିବା ସହ ୩ଟି ୱିକେଟ ନେଇଥିବା ଆଦିତ୍ୟ ଧରୁଆଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ପ୍ରଥମ ମ୍ୟାଚ୍‌କୁ ପ୍ରଦୀପ ଜେନା ଓ ପଦ୍ମ ରାଉତ, ଦ୍ୱିତୀୟ ମ୍ୟାଚ୍‌କୁ ପ୍ରଦୀପ ଜେନା ଓ ସନ୍ତୋଷ ଷଡଙ୍ଗୀ ପରିଚାଳନା କରିଥିଲେ ।

ଜାତୀୟ କରାଟେ ଚାମ୍ପିଅନସିପ ଉଦ୍‌ଯାପିତ

## ସନ୍ତୋଷ ଓ ଶ୍ରେୟାଂଶଙ୍କୁ ସ୍ୱର୍ଣ୍ଣପଦକ

ଭୁବନେଶ୍ୱର, ୮।୧ (ସମିସ): ଜାପାନ କରାଟେ ଆସୋସିଏସନ, ଇଣ୍ଡିଆର ୮ମ ଜାତୀୟ କରାଟେ ଚାମ୍ପିଅନସିପ ଜିସିସି କ୍ଲବ ମୁମ୍ବାଇରେ ରବିବାର ଉଦଯାପିତ ହୋଇଛି । ଏଥିରେ ଓଡ଼ିଶାର ୬ ଜଣିଆ ଦଳ ଜେକେଏଆଇ ଓଡ଼ିଶା ମୁଖ୍ୟ ସନ୍ତୋଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭାଗନେଇଥିଲେ । ଏଥିରେ ଓଡ଼ିଶା ଦଳ ୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ହାତେଇଛି । ସନ୍ତୋଷ ମହାପାତ୍ର ଗୋଟିଏ ସ୍ୱର୍ଣ୍ଣ (ଫାଇଟ) ଓ ଗୋଟିଏ କାଂସ୍ୟ (କାତା), ଆଦିତ୍ୟ ସାମନ୍ତ ୨ଟି ରୌପ୍ୟ, ରଶ୍ମିରଞ୍ଜନ ଗୋଟିଏ ରୌପ୍ୟ, ଶ୍ରେୟାଂଶ ଦାସ ଗୋଟିଏ ସ୍ୱର୍ଣ୍ଣ, ଓ ଗୋଟିଏ ରୌପ୍ୟ ଏବଂ ଅଭିକ୍ ନନ୍ଦ ୨ଟି କାଂସ୍ୟ ପଦକ ପାଇଛନ୍ତି ।

ଏହି ଚାମ୍ପିଅନସିପ ଜାପାନର ସେନସାଇ କୁରୀ ହାରା କାଜୁଆକି ଓ ଭାରତର ସେନସାଇ ମିଲେନ ତ୍ରିବେଦୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ସନ୍ତୋଷ ମହାପାତ୍ର ୪ର୍ଥ ଡିଗ୍ରୀ ବ୍ଲାକ ବେଲ୍ଟ ଜାପାନ ପରୀକ୍ଷାରେ କୃତିତ୍ୱ ପାଇଥିବା ବେଳେ ଆଦିତ୍ୟ, ରଶ୍ମିରଞ୍ଜନ ଓ ଅଭିକ୍ ୧ମ ଡିଗ୍ରୀ ବ୍ଲାକ ବେଲ୍ଟ ଜାପାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।



## ସଙ୍ଗୀତରେ ଫୁଟବଲକୁ ସ୍ୱାଗତ

ଭୁବନେଶ୍ୱର, ୮। ୧ (ସମିସ): ଖେଳ ଏବେ ଯୁବ ମାନସକୁ ଗଭୀରଭାବେ ପ୍ରଭାବିତ କରୁଛି । ଖେଳକୁ କ୍ୟାରିୟର କରୁଥିବା ଯୁବ ପିଢ଼ି ସମାଜରେ ସମ୍ମାନର ସହ ଉନ୍ନତ ଜୀବନଯାପନ କରିବାରେ ସମର୍ଥ ହେଉଛନ୍ତି । କେବଳ ଖେଳାଳି ନୁହଁନ୍ତି, ଏଥିରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିବିଶେଷ ମଧ୍ୟ ଭଲ ସ୍ଥିତିରେ ରହୁଛନ୍ତି । ଚଳିତବର୍ଷ ବିଶ୍ୱର ସବୁମହାଦେଶରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ । ଏହାକୁ ଆଖିଆଗରେ ରଖି ଫୁଟବଲର ଜଣେ ବଡ଼ ପ୍ରଶଂସକ ତଥା କେରଳର ପ୍ରଫେସର ବଶିଷ୍ଠ ଫୁଟବଲରେ ନୂଆବର୍ଷକୁ ସ୍ୱାଗତ କରିଛନ୍ତି । ଏଥିଲାଗି ସେ ଫୁଟବଲ ଉପରେ ଲେଖାଯାଇଥିବା ୧୫ଟି କବିତାକୁ ସଂକଳନ କରିଛନ୍ତି । ଚଳିତବର୍ଷ ଏସିଆ ମହାଦେଶରେ ଏଏଫସି ଏସିଆନ କପ୍, ଆଫ୍ରିକା ମହାଦେଶରେ ଆଫ୍ରିକା କପ୍ ଅଫ୍ ନେସନ୍ସ, ୟୁରୋପରେ ୟୁଏଫା କପ୍ ଫୁଟବଲ ଓ ଦକ୍ଷିଣ ଆମେରିକାରେ କୋପା ଆମେରିକା କପ୍ ଆୟୋଜିତ ହେବ । ଏଣୁ ଫୁଟବଲ ଖେଳରେ ବର୍ଷସାରା ଖେଳାଳିମାନେ ବ୍ୟସ୍ତ ରହିବେ । ଏହାକୁ ଆଖିଆଗରେ ରଖି ପ୍ରଫେସର ବଶିଷ୍ଠ ଏଭଳି ଏକ ନିଆରା କାର୍ଯ୍ୟକ୍ରମରେ ଫୁଟବଲ ବର୍ଷକୁ ସ୍ୱାଗତ କରିଛନ୍ତି ।




## ସାଂସଦ ହେଲେ ଶାକିବ ଅଲ୍ ହାସନ

ଢାକା, ୮ ।୧ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳର ଅଧିନାୟକ ଶାକିବ ଅଲ୍ ହାସନ ରାଜନୀତି ପଡ଼ିଆରେ କମାଲ କରିଦେଇଛନ୍ତି । କ୍ରିକେଟ୍ ପଡ଼ିଆରେ ନିଜ ଅଲ୍‌ରାଉଣ୍ଡ ପ୍ରଦର୍ଶନରେ ଶ୍ରେଷ୍ଠତ୍ୱ ଦେଖାଇସାରିଥିବା ଶାକିବ ବାଂଲାଦେଶର ଦ୍ୱାଦଶ ସାଧାରଣ ନିର୍ବାଚନରେ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି । ମଗୁରାର ପଶ୍ଚିମ ସହର ସଂସଦୀୟ ସିଟ୍‌ରୁ ଲଢ଼ି ସେ ପାଖାପାଖି ଦେଢ଼ଲକ୍ଷ ଭୋଟ୍ ବ୍ୟବଧାନରେ ନିଜର ପ୍ରଥମ ନିର୍ବାଚନରେ ଜିତିଛନ୍ତି । ଶାକିବ ବାଂଲାଦେଶ ପ୍ରଧାନମନ୍ତ୍ରୀ 'ଆୱାମୀ ଲିଗ୍'ରୁ ସାଂସଦ ଭାବେ ଲଢ଼ି ଏକ ଲକ୍ଷ ୮୫ ହଜାର ୩୮୮ ଖଣ୍ଡ ଭୋଟ ପାଇଛନ୍ତି । ଆୱାମୀ ଲିଗ୍ ଏହି ନିର୍ବାଚନରେ ୨୨୩ ଆସନରେ ବିଜୟୀ ହୋଇ ରେକର୍ଡ ୫ମଥର ଲାଗି ସରକାର ଗଢ଼ିବାରେ ସଫଳ ହୋଇଛି ।



## ଦୁବାଇ ମାରାଥନରେ ବିସିଏସି ସଦସ୍ୟଙ୍କ ସଫଳତା

ଭୁବନେଶ୍ୱର, ୮ ।୧ (ସମିସ): ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ (ବିସିଏସି)ର ସଦସ୍ୟ ତଥା ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡା, ସତ୍ୟଜିତ୍ ନାୟକ, ଓଏଏସ୍ ଗଙ୍ଗାଧର ନାୟକ, ମାନସ ସାମନ୍ତରାୟ ଓ ରଞ୍ଜିତ ସାହୁ ଦୁବାଇ ମାରାଥନକୁ ସଫଳତାର ସହ ଶେଷ କରିଛନ୍ତି । ୪୨.୧୯୫ କିମିର ଏହି ଦୂରତାକୁ ବିସିଏସିର ଏହି ୫ଜଣ ସଦସ୍ୟ ଶେଷ କରିବା ସହିତ ଫିନିଶର୍ ପଦକ ଜିତିଛନ୍ତି । ସେହିଭଳି ଏହି ମାରାଥନରେ ଶିବାଶିଷ ମହାନ୍ତି ୧୦ କିମି ଦୂରତାକୁ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି । ଦୁବାଇର ଜୁମେଇରାହ ବିଚ୍ ରୋଡ୍‌ରେ ଏହି ମାରାଥନ ଆୟୋଜିତ ହୋଇଥିଲା । ଏଥିରେ ଅଂଶଗ୍ରହଣ କରି ଡ. ସତ୍ୟଜିତ୍ ନାୟକ ଅନ୍ତର୍ଜାତୀୟ ମାରାଥନରେ ପଦାର୍ପଣ କରିଛନ୍ତି । ଏଥିପୂର୍ବରୁ ସେ ମୁମ୍ବାଇ ମାରାଥନରେ ଦୁଇଥର ଅଂଶଗ୍ରହଣ କରିଥିଲେ ।




## ଭାରତୀଙ୍କୁ ଆଜୀବନ ଅବଦାନ, ଅମୂଲ୍ୟ ଶ୍ରେଷ୍ଠ ପ୍ରଶିକ୍ଷକ

### କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୮।୧ (ସମିସ)

ବିଶିଷ୍ଟ କ୍ରିକେଟ ପ୍ରଶିକ୍ଷକ କମଲ ଗାଙ୍ଗୁଲିଙ୍କ ସ୍ମୃତିରେ ପ୍ରତିବର୍ଷ ଦିଆହୋଇ ଆସୁଥିବା କ୍ରୀଡ଼ା ପୁରସ୍କାର ଲାଗି ଚଳିତବର୍ଷ ଚୟନ ଶେଷ ହୋଇଛି । ଶହୀଦ ସ୍ପୋର୍ଟିଂ ସମ୍ପାଦକ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ରାଜ୍ୟର ପ୍ରତିଷ୍ଠିତ କ୍ରୀଡ଼ା ସାମ୍ବାଦିକ, କ୍ଲବ୍‌ର ସଦସ୍ୟ ତଥା ବିଶିଷ୍ଟ କ୍ରିକେଟର ରଶ୍ମିରଞ୍ଜନ ପରିଡ଼ା, କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଓ ମାରୁତି ଇଷ୍ଟେଟର ଏମ୍‌ଡି ଜିତେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ରାଜ୍ୟ କ୍ରୀଡ଼ାଛାତ୍ରାବାସରେ କାର୍ଯ୍ୟରତ ଅମୂଲ୍ୟ କୁମାର ବେହେରାଙ୍କୁ



ଶ୍ରେଷ୍ଠ ପ୍ରଶିକ୍ଷକ ଏବଂ ବିଗତ ଦିନରେ କନିଷ୍ଠ ଫୁଟବଲରେ ଚମକ ଦେଖାଇଥିବା ଭାରତୀକୃଷ୍ଣ ମିଶ୍ରଙ୍କୁ ଆଜୀବନ ଅବଦାନ ନିମନ୍ତେ ପୁରସ୍କୃତ କରାଯିବାକୁ ମନୋନୀତ କରାଯାଇଛି । ଅଧା ଡଜନରୁ ଅଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଅମୂଲ୍ୟ ହକି ପ୍ରଶିକ୍ଷଣରେ ନିଜକୁ ଉତ୍ସର୍ଗ କରିଛନ୍ତି । ଜଣେ ଇଞ୍ଜିନିୟର ଭାବେ ଭାରତୀକୃଷ୍ଣ ଖେଳ ଜୀବନ ଓ ଏହା ପରେ ଫୁଟବଲର ଉନ୍ନତି ଲାଗି କାମ କରିଆସୁଛନ୍ତି । କ୍ଲବ୍ ପକ୍ଷରୁ ଫେବୃଆରୀ ୧୮ ତାରିଖ ଅପରାହ୍ଣରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ଲବ୍ ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି ।



# ରଣଜୀ ଟ୍ରଫି: ପ୍ରଥମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

କଟକ,୮।୧(ସମିସ)

ପରାଜୟ ସହ ଚଳିତ ରଣଜୀ ଟ୍ରଫିରେ ଅଭିଯାନ ଆରମ୍ଭ କରିଛି ଓଡ଼ିଶା ଦଳ। ମୋତିବାଗ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଲିଗ ମ୍ୟାଚ୍‌ରେ ଦଳ ୧୪୭ରନରେ ବରୋଦା ଠାରୁ ପରାସ୍ତ ହୋଇଛି। ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ହିଁ ପରାଜୟର ପ୍ରମୁଖ କାରଣ। ମଧ୍ୟକ୍ରମରେ ଅଭିଜ୍ଞ ବ୍ୟାଟରମାନେ ବିଫଳ ହେବା ଯୋଗୁଁ ମ୍ୟାଚ୍ ଅମୀମାଂସିତ ରଖିବାରେ ମଧ୍ୟ ଓଡ଼ିଶା ସକ୍ଷମ ହୋଇନଥିଲା। ଅଧିନାୟକ ଶାନ୍ତନୁ ମିଶ୍ର ଦଳ ନିମନ୍ତେ ସର୍ବାଧିକ ୭୮ରନ କରିଥିଲେ। ସ୍ପିନର ମହେଶ ପିଥିଆ ବରୋଦା ନିମନ୍ତେ ସର୍ବାଧିକ ୫ଟି ୱିକେଟ ଦଖଲ କରିଥିଲେ। ଆସନ୍ତା ୧୨ରୁ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ଗ୍ୱାଲିୟରରେ ମଧ୍ୟପ୍ରଦେଶକୁ ଭେଟିବ ଓଡ଼ିଶା।

ମୋଟ ୪୩୨ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଓଡ଼ିଶା ଦଳ ରବିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଗୋଟିଏ ୱିକେଟ ବିନିମୟରେ ୧୦୩ରନ କରିଥିଲା। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସରେ ଓଡ଼ିଶା ସମ୍ମୁଖରେ ୩୨୯ରନର ବିଜୟ ଲକ୍ଷ୍ୟ ରହିଥିଲା। ଓପନର ଅନୁରାଗ ଷଡ଼ଙ୍ଗୀ ୫୬ରନରେ ଆଉଟ ହୋଇଥିଲେ। ଅଧିନାୟକ ଶାନ୍ତନୁ ୪୧ରନ ଏବଂ ସନ୍ଦୀପ ପଟ୍ଟନାୟକ ୧ରନରେ ଅପରାଜିତ ଥିଲେ। ଭ୍ରମଣକାରୀ ଦଳ ଓଡ଼ିଶା



ଶାନ୍ତନୁ ମିଶ୍ର ଓ ସନ୍ଦୀପ ପଟ୍ଟନାୟକ

ସୋମବାର ପ୍ରଥମ ସେସନରେ ଉତ୍କୃଷ୍ଟ ବ୍ୟାଟିଂ ପ୍ରଦର୍ଶନ କରିଥିଲା। ଶାନ୍ତନୁ ଓ ସନ୍ଦୀପଙ୍କ ମଧ୍ୟରେ ୮୯ରନର ଭାଗିଦାରୀ ସୃଷ୍ଟି ହୋଇଥିଲା। ସନ୍ଦୀପ ଏଠାରେ କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ୮ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୫୧ରନ କରିଥିବା ବେଳେ ପିଥିଆଙ୍କ ବଲରେ ଏଲବି ହୋଇ କ୍ରିଜ ଛାଡ଼ି ଥିଲେ। ସନ୍ଦୀପ ପ୍ୟାଭିଲିୟନ ଫେରିବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ରହିଥିଲା ୧୮୪/୨। ତେବେ ଆଉ ୮ରନରେ ଦଳ ୩ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ପୂର୍ବତନ ଅଧିନାୟକ ତଥା ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଶୁଭ୍ରାଂଶୁ ସେନାପତି ୧ରନ, ଶାନ୍ତନୁ ମିଶ୍ର ୭୮ରନ ଏବଂ କାର୍ତ୍ତିକ ବିଶ୍ୱାଳ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ପରେ ଗୋବିନ୍ଦ ପୋଦ୍ଦାର ୧୪ରନ ଏବଂ ପଦାର୍ପଣ ମ୍ୟାଚ ଖେଳୁଥିବା ଆଶୀର୍ବାଦ ସ୍ୱାଇଁ ୨୧ରନରେ ଆଉଟ ହେବା ଯୋଗୁଁ ଓଡ଼ିଶା ପରାଜୟ ମୁହାଁ ହୋଇଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ଆକ୍ରମଣାତ୍ମକ ଶୈଳୀରେ ଖେଳିବା ସହ ୨ଟି ଚୌକା ଓ ୪ଟି ଛକା ବଳରେ ୪୬ରନ କରିଥିଲେ। ଦେବବ୍ରତ ପ୍ରଧାନ ୫ରନ, ରାଜେଶ ମହାନ୍ତି ୨ରନରେ ଆଉଟ ହୋଇଥିଲେ। ବରୋଦା ପକ୍ଷରୁ ମହେଶ ପିଥିଆ ୬୧ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଛନ୍ତି। ଜ୍ୟୋତ୍ସ୍ନିଲ ସିଂହ ୨ଟି, ଅତୀତ ସେଠ ଏବଂ ନିନାଦ ରାଥୱାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

# ଆଶୁତୋଷ ଛୁରିଆଙ୍କୁ ୫ ୱିକେଟ; ସୌରାଷ୍ଟ୍ର ୩୦୨

କଟକ/ ବରଗଡ଼,୮।୧(ସମିସ)



ବରଗଡ଼ ବିକାଶ ଗ୍ରାଉଣ୍ଡରେ ୨୩ବର୍ଷରୁ କମ୍ ବାଳକ ସି.କେ. ନାଇଡୁ ଟ୍ରଫିର ଓଡ଼ିଶା-ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍ ଖେଳାଯାଉଛି। ଓଡ଼ିଶାର ପ୍ରଥମ ଇନିଂସ ୧୮୦ରନରେ ସୀମିତ ରହିବା ପରେ ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ସୌରାଷ୍ଟ୍ର କୌଣସି ୱିକେଟ ନହରାଇ ୪୦ରନ କରିଥିଲା। ଅଧିନାୟକ ଜୟ ଗୋହିଲ ୨୪ରନ ଏବଂ ସ୍ମୃତିରାଜ ସିଂହ ୧୪ରନରେ ଅପରାଜିତ ଥିଲେ। ବ୍ୟକ୍ତିଗତ ସ୍କୋରରେ ଆଉ ୧ ରନ ଯୋଡ଼ିବା ପରେ ଜୟଙ୍କ ୱିକେଟ ପତନ ଘଟିଥିଲା। ଓଡ଼ିଶା ନିମନ୍ତେ ଏହି ପ୍ରଥମ ସଫଳତା ଦେଇଥିଲେ ଆଶୁତୋଷ ଛୁରିଆ। ଏଚ୍.ଏସ୍. କୋଟାକଙ୍କ ୮୨ରନ, ପି ରାଣାଙ୍କ ୪୭ରନ ସହାୟତାରେ ସୌରାଷ୍ଟ୍ର ସମସ୍ତ ୱିକେଟ ହରାଇ ୩୦୨ରନ କରିଥିଲା। ଆଶୁତୋଷ ୬୮ରନ ବ୍ୟୟ କରି ୫ଟି ୱିକେଟ ଦଖଲ କରିଥିଲେ। ଆଶୁତୋଷ ମାର୍ଣ୍ଡି ୨ଟି, ସମ୍ବିତ ବରାଳ, ରୀତେଶ ପ୍ରିୟରଞ୍ଜନ ଓ ରଘୁନାଥ ମଲ୍ଲଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ଇନିଂସରେ ୧୨୨ରନ ପଛୁଆ ରହି ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ବିନା ୱିକେଟରେ ୫ରନ କରିଛି। ଓମ୍‌ଟି ମୁଣ୍ଡେ ୦ ଏବଂ ସନ୍ତୋଷ ଯାଦବ ୧ରନରେ ଅପରାଜିତ ଅଛନ୍ତି।

# ବିପର୍ଯ୍ୟୟ: ଦିଲ୍ଲୀକୁ ହରାଇଲା ପୁଡୁଚେରୀ

ନୂଆଦିଲ୍ଲୀ, ୮।୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଘରୋଇ କ୍ରିକେଟ୍‌ର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ରଣଜୀ ଟ୍ରଫିର ୮୯ତମ ସଂସ୍କରଣର ପ୍ରଥମ ରାଉଣ୍ଡ ମୁକାବିଲା ଶେଷ ହୋଇଛି। ଦିଲ୍ଲୀରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ୭ଥରର ରଣଜୀ ଟ୍ରଫି ଚାମ୍ପିଅନ ଦିଲ୍ଲୀ ୯ ୱିକେଟ୍‌ରେ ପୁଡୁଚେରୀ ନିକଟରୁ ପରାସ୍ତ ହୋଇଛି। ମାତ୍ର ୬ ବର୍ଷ ତଳେ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲା ପୁଡୁଚେରୀ।

**ପରାଗଙ୍କ ଦ୍ରୁତତମ ଶତକ ବେକାର:** ରିୟାନ ପରାଗଙ୍କ ନେତୃତ୍ୱାଧୀନ ଘରୋଇ ଆସାମ ୧୦ ୱିକେଟ୍‌ରେ ଛତିଶଗଡ଼ ନିକଟରୁ ହାରିଯାଇଛି। କିନ୍ତୁ ଏହି ମ୍ୟାଚ୍‌ରେ ଆସାମ ଅଧିନାୟକ ୫୬ ବଲ୍‌ରେ ଶହେ ରନ୍ ପୂରଣ କରି ରଣଜୀ ଟ୍ରଫି ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଋଷଭ ପନ୍ତ୍ ୪୮ ବଲ୍‌ରେ ଶତକ ହାସଲ କରି ରେକର୍ଡର ଅଧିକାରୀ ଅଛନ୍ତି।

ଅନ୍ୟ ମୁକାବିଲା ମଧ୍ୟରୁ ଅଗରତାଲାରେ ତ୍ରିପୁରା ୨୩୭ ରନ୍‌ରେ ଗୋଆକୁ ଓ ପାଟନାରେ ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଏକ ପାଳି ଓ ୫୧ରନ୍‌ରେ ଘରୋଇ ବିହାରକୁ ହରାଇଛି। ହୁବ୍‌ଲୀରେ ଅନୁଷ୍ଠିତ ହାଇ ପ୍ରୋଫାଇଲ ମୁକାବିଲାରେ କର୍ଣ୍ଣାଟକ ୭ ୱିକେଟରେ ପଞ୍ଜାବକୁ ପରାସ୍ତ କରିଛି।

# ଶୀର୍ଷରେ କୁଇକ୍ ଗନ୍ସ

**ଅଲ୍ଟିମେଟ ଖୋ ଖୋ-୨**

କଟକ,୮।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ କୁଇକ୍ ଗନ୍ସ ୪୨-୧୯ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ଏଥିସହ ସେମିରେ ପ୍ରବେଶ କରିସାରିଥିବା କୁଇକ୍ ଗନ୍ସ ୯ମ ମ୍ୟାଚରୁ ୬ଷ୍ଠ ବିଜୟ ସହ ୨୨ ପଏଣ୍ଟ ପାଇ ଟେବଲ୍‌ର ଶୀର୍ଷକୁ ଉଠିଛି। ଅପରପକ୍ଷରେ ରାଜସ୍ଥାନ ବିଜୟଶୂନ୍ୟ ରହି ଅଭିଯାନ ଶେଷ କରିଛି। ରାଜସ୍ଥାନର ଏହା ୧୦ମ ମ୍ୟାଚରୁ ୧୦ମ ପରାଜୟ ଥିଲା। ସେହିଭଳି ଏଥିପୂର୍ବରୁ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଗୁଜରାଟ ଜାଏଣ୍ଟସ ୪୨-୨୨ ପଏଣ୍ଟରେ ତେଲୁଗୁ ଯୋଦ୍ଧାସକୁ ପରାସ୍ତ କରିଛି। ସେମିଫାଇନାଲରେ ପ୍ରବେଶ କରି ସାରିଥିବା ଯୋଦ୍ଧାସର ଏହା ଅନ୍ତିମ ଲିଗ ମ୍ୟାଚ ଥିଲା। ଗୁଜରାଟ ୯ମ ମ୍ୟାଚରୁ ୬ଷ୍ଠ ବିଜୟ ସହ ୨୧ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ମଙ୍ଗଳବାର ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ଏହାର ଶେଷ ତଥା ୧୦ମ ଲିଗ୍ ମ୍ୟାଚରେ ମୁମ୍ବାଇ ଖିଲାଡ଼ିସକୁ ଭେଟିବ। ସେହିଭଳି ମଙ୍ଗଳବାର ଅନ୍ୟ ଏକ ମ୍ୟାଚରେ ଚେନ୍ନାଇ କୁଇକ ଗନ୍ସ ଓ ଗୁଜରାଟ ଜାଏଣ୍ଟସ ସାମ୍ନାସାମ୍ନି ହେବେ। ଓଡ଼ିଶା ମଧ୍ୟ ୯ ମ୍ୟାଚରୁ ୫ ବିଜୟ ସହ ୨୦ ପଏଣ୍ଟ ପାଇ ଟେବଲର ୩ୟ ସ୍ଥାନରେ ରହି ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛି।

# ସୁଟର୍ ବରୁଣ, ଇଶାଙ୍କୁ ଅଲିମ୍ପିକ୍ ଯୋଗ୍ୟତା

ଜାକର୍ତ୍ତା, ୮।୧ (ଏଜେନ୍ସି): ଭାରତର ଆଉ ୨ଜଣ ସୁଟର୍ ବରୁଣ ତୋମାର ଓ ଇଶା ସିଂ ଚଳିତ ବର୍ଷ ଖେଳାଯିବାକୁ ଥିବା ପ୍ୟାରିସ ଅଲିମ୍ପିକକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜାକର୍ତ୍ତାଠାରେ ଚାଲିଥିବା ଏସୀୟ ଯୋଗ୍ୟତା ପର୍ଯ୍ୟାୟ ସୁଟିଂର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପଦକ ଜିତି ଉଭୟ ଏହି ସଫଳତା ପାଇଛନ୍ତି।


**BIJUPATTNAIK, VIKASH & BRILLIANT GROUP OF NURSING, PHARMACY & ALLIED MEDICAL TECHNOLOGY,**
DEBENDRAPUR, NEAR SBI ATM BARIPADA, MAYURBHANJ, ODISHA,
MOB:-9438047436.7428867569

**URGENTLY SPOT ADMISSION GOING ON**

(GOVERNMENT PERMITTED BY HEALTH & FAMILY WELFARE DEPARTMENT, BHUBANESWAR, RECOGNIZED BY ODISHA NURSES & MIDWIVES COUNCIL, BHUBANESWAR, APPROVED BY INDIAN NURSING COUNCIL, NEW DELHI AND ODISHA UNIVERSITY OF HEALTH SCIENCES)


ବିକାଶ ଚନ୍ଦ୍ର ସେଠୀ, ସମାଜସେବୀ

ସମାଜସେବୀ ବିକାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ଆରମ୍ଭ ତିନୋଟି ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝରରେ INSTITUTION ମାନ ଅଛି ଏଠାରେ ଓଡିଶାରେ ପ୍ରଥମ କରି ସର୍ବ ନିମ୍ନ ମୂଲ୍ୟ ରେ ଟ୍ରେନିଙ୍ଗ ନେବାର ସୁବିଧା ଯୋଗାଇ ଦିଆଯାଉଛି। ଏଣୁ ଯେଉଁ ଛାତ୍ରଛାତ୍ରୀ ମାନେ ଇଚ୍ଛୁକ ନିମ୍ନ COURSES ମାନଙ୍କରେ SPOT ADMISSION ହୋଇ ପାରିବେ ସାଥିରେ ସମସ୍ତ DOCUMENTS ନେଇ ଆସିବେ। ନିମ୍ନ ୱେବ ସାଇଟ ମାରି ଆପଣମାନେ କଲେଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇପାରିବେ। FIRST ADMISSION FEES- RS. 20,000/- (SC/ST ପିଲାମାନଙ୍କୁ ପ୍ରଥମେ କେବଳ RS. 10,000/- ଦେବାକୁ ପଡିବ)। ସମସ୍ତ ST ଏବଂ SC ପିଲାମାନଙ୍କ STIPENT ଟଙ୍କା ରେ ସମସ୍ତ ଖର୍ଚ୍ଚ ବହନ କରାଯିବ। ଏଣୁ STIPENT ଟଙ୍କାରେ ଛାତ୍ରଛାତ୍ରୀମାନେ ଟ୍ରେନିଂ ନେଇ ପାରିବେ। ଟ୍ରେନିଂ ସାରିଲା ପରେ ଅନୁଷ୍ଠାନ ତରଫରୁ campus ଦିଆଯାଏ ସେଠାରେ ଚାକିରୀ କାଲେ ମାସକୁ RS.20,000/- ରୁ RS.40,000/- ଟଙ୍କା ଦରମା ମିଳିଥାଏ। INSTALMENT FACILITIES PAYMENT ର ସମସ୍ତ ସୁବିଧା ଅଛି। ସମାଜସେବୀ ବିକାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ TWENTY LAKHS ର STUDENTS INSURANCE ସୁବିଧା ଯୋଗାଇ ଦିଆଯିବ। www.bijubikashmedicalandnursing.com ୱେବ ସାଇଟ ମାରି ଦେଖନ୍ତୁ। SPOT ADMISSION LAST DATE - 31.01.2024

| NAME OF COURSE | QUALIFICATION | COURSE FEES & HOSTEL FEES |
|---|---|---|
| M.SC NURSING COURSE | B.SC NURSING PASS & P.B.B.SC NURSING PASS | RS.70,000/- YEARLY X Duration 2 YEARS |
| P.B.B.SC NURSING COURSE EXCLUDE HOSTEL FEE | GNM PASS, 12 TH /+2 PASS ANY STREAM | RS.50,000/- YEARLY X Duration 2 YEARS |
| B.SC NURSING COURSE | 12 TH /+2 SCIENCE PCBM /PCB(45%) | RS.70,000/- YEARLY X Duration 4 YEARS |
| BIJUPATTNAIK G.N.M COURSE | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| BIJUPATTNAIK A.N.M COURSE | 12 TH /+2 SCIENCE PCM / PCBM / PCB/ARTS | RS.50,000/-YEARLY X Duration 2 YEARS |
| DIPLOMA PHARMACY | 12 TH /+2 SCIENCE PCM / PCBM / PCB/ARTS | RS.70,000/- YEARLY X Duration 2 YEARS |
| B.SC OPTOMETRY(B.O) | 12 TH /+2 SCIENCE PCM / PCBM / PCB | RS.70,000/-YEARLY X Duration 4 YEARS |
| B.SC IN MEDICAL RADIATION TECH (B.M.R.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B. SC. IN MEDICAL LABORATORY TECH (B.M.L.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B.SC. IN OPERATION THEATRE (B.O.T.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B.SC. IN EMERGENCY MEDICINE TECH (B.E.M.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| CERTIFIED DIALYSIS TECHNICIAN (C.D.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 1 YEARS |
| CERTIFIED E.C.G. TECHNICIAN (C.E.C.G.T) | 12 TH /+2 SCIENCE PCM / PCBM / PCB | RS. 30,000/- 6MONTH |
| CERTIFIED COURSE IN FIRST AID (C.C.F.A) | 10TH PASS OR ABOVE | RS. 30,000/- 6MONTH |
| CERTIFIED WARD TECHNICIAN (C.W.T) | 10TH PASS OR ABOVE | RS. 30,000/- 6MONTH |

ALL FEE ARE INCLUDING :- COURSE FEES, TUITION FEES, WITH HOSTEL LODGING (BOARDING FEES, BOOK FEES, (UNIFORM BLAZER CLOTH) GOVT MEDICAL COLLEGE CLINICAL PRACTICAL TRAINING TRANSPORTATION BUS FEES,. AS PER OUR MANAGEMENT RULE.

1:-VIKASH INSTITUTION :- AT-REMUNA BHIMPURA CHAWK, BALASORE,
2:-BRILLIANT INSTITUTION :- GHUTUR, NEAR SATSANGH / GATE, KEONJHOR,
3:-BIJUPATTNAIK INSTITUTION:-DEBENDRAPUR, NEAR SBI ATM BARIPADA,MBJ







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର